ମୁଁ, ଆମ୍ଭେ ଓ ଆମ୍ଭେମାନେ

ରମେଶ ପାଣିଗ୍ରାହୀ

Source: Author, Digitized by PPRACHIN, SOA

ନିଖିଳ ଉତ୍କଳ ନାଟକ ପ୍ରତିଯୋଗିତା ୧୯୭୯ ମସିହାର
ଦ୍ୱିତୀୟ ଶ୍ରେଷ୍ଠ ନାଟକରୂପେ ବିବେଚିତ

ମୁଁ, ଆମ୍ଭେ ଓ ଆମ୍ଭେମାନେ

ରମେଶ ପାଣିଗ୍ରାହୀ

ବିଜୟ ବୁକ୍ ଷ୍ଟୋର
ବାରକ୍ସ, ବ୍ରହ୍ମପୁର-୧

Source: Author, Digitized by PPRACHIN, SOA

ମୁଁ, ଆମ୍ଭେ ଓ ଆମ୍ଭେମାନେ

ଲେଖକ :
ରମେଶ ପାଣିଗ୍ରାହୀ

ପ୍ରକାଶକ :
ବିଜୟ ବୁକ୍ ଷ୍ଟୋର
ବାରିକ୍‌ସ, ବ୍ରହ୍ମପୁର-୧

ପ୍ରକାଶ କାଳ :
ବାହୁଡା, ୧୯୯୨

ମୁଦ୍ରଣ :
ସନ୍ତୋଷ ପ୍ରିଣ୍ଟର୍ସ
ପୁରୁଣା ବ୍ରହ୍ମପୁର ଦେବୀ ସାହି,
ବ୍ରହ୍ମପୁର-୯

ମୂଲ୍ୟ—ପନ୍ଦର ଟଙ୍କା
ସୁଦୃଢ଼ ବନ୍ଧାଇ ମୂଲ୍ୟ—କୋଡିଏ ଟଙ୍କା

Mu, Ambhe O Ambhemane

Writer
Ramesh Panigrahy

Publishers :
Bijoy Book Store
Barracks, Berhampur-1

First Print :
Bahuda, 1992

Printer :
Santosh Printers
Berhampur-9

Price **Rs. 15-00**

Hard Bound :Rs. 20-00

Source: Author, Digitized by PPRACHIN, SOA

ସ୍ମୃତିର ଆଇନାରେ 'ମୁଁ, ଆମ୍ଭେ ଓ ଆମ୍ଭେମାନେ'— ନବନାଟ୍ୟ ଆନ୍ଦୋଳନର ଏକ ସଂଧିକ୍ଷଣ

ଓଡ଼ିଆ ନବ ନାଟ୍ୟ ଆନ୍ଦୋଳନ ସମ୍ପର୍କରେ ଯେତେ ସବୁ ପ୍ରବନ୍ଧ ଲେଖାଯାଉଛି ସେଗୁଡ଼ିକରେ କ୍ରମାଗତ ଭାବେ ମତେ ମୋର ବୟୋଜ୍ୟେଷ୍ଠ ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସ, ଶ୍ରୀ ବିଜୟ କୁମାର ମିଶ୍ର ଏବଂ ଶ୍ରୀ ବିଶ୍ୱଜିତ୍ ଦାସଙ୍କ ପଛକୁ ଉକ୍ତ ଧାରାର ଜଣେ "ଅନୁଗାମୀ" ନାଟ୍ୟକାର ହିସାବରେ ଚିହ୍ନଣ କରାଯାଉଅଛି । ବହୁଦିନ ଧରି ଏପରି ଉକ୍ତି ପାଇଁ ମନରେ କ୍ଷୋଭ ଜାତ ହୋଇଥିଲା । କିନ୍ତୁ ବର୍ତ୍ତମାନ ଜଣାଯାଉଛି ଯେ ସାମ୍ପ୍ରତିକ ନାଟ୍ୟ ଆନ୍ଦୋଳନ ସହିତ ସମ୍ପୃକ୍ତ ନଥିବା ଯୋଗୁଁ ସମୀକ୍ଷକ-ମାନେ ବୟସ ଓ ପ୍ରତିଷ୍ଠା ଦୃଷ୍ଟିରୁ ମୋର ବୟୋଜ୍ୟେଷ୍ଠମାନଙ୍କର ମୁଁ "ଅନୁଗାମୀ" ବୋଲି ଧରି ନେଇଛନ୍ତି । ନାଟ୍ୟ ସାହିତ୍ୟର ଧାରାରେ ଗୋଟିଏ ବର୍ତ୍ତମାନ ବିନ୍ଦୁରେ ବହୁ ପୁରାତନ ଏବଂ ନୂତନ ନାଟ୍ୟକାର ଏକତ୍ରିତ ହୋଇଥାଆନ୍ତି । ସେମାନଙ୍କର ନାଟ୍ୟକୃତିରେ ପରିବର୍ତ୍ତନର ଏକ ସମନ୍ୱିତ ସ୍ୱର ଦେଖିବାକୁ ମିଳିଥାଏ ବୋଲି ପରିବର୍ତ୍ତନଟିକୁ ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ଦୋଳନ ବୋଲି କୁହାଯାଇଥାଏ । ଏହି ପରିପ୍ରେକ୍ଷୀରେ ଆଜି ୧୯୬୮ ମସିହା ଏବଂ "ମୁଁ, ଆମ୍ଭେ ଓ ଆମ୍ଭେମାନେ" କଥା ମନେ ପଡ଼ିଲା ବେଳେ ଓଡ଼ିଆ ନାଟକର ଏକ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳୁଛି ଏବଂ ଏହା ପରବର୍ତ୍ତୀ ସମୀକ୍ଷକମାନଙ୍କ ପାଇଁ କିଛି ଉପାଦାନ ଯୋଗାଇ ଦେଇପାରେ ବୋଲି ମୋର ବିଶ୍ୱାସ ।

'ମୁଁ, ଆମ୍ଭେ ଓ ଆମ୍ଭେମାନେ' ଲେଖା ହୋଇଥିଲା ୧୯୬୮ ମସିହା ସେପ୍ଟେମ୍ବର ମାସର ବାତ୍ୟାବେଳେ । ଏପ୍ରେଲ୍ ୬୮ ବେଳକୁ ମଞ୍ଚସ୍ଥ ହୋଇଥିଲା 'ଶବ ବାହକମାନେ' ଏବଂ ଯେତେଦୂର ସମ୍ଭବ ସେଇ ବର୍ଷ ଜୁନ୍ ମାସ ବେଳକୁ 'ବନହଂସୀ' । ଏହି ନାଟକର ପାଖାପାଖି ଲିଖିତ ଏବଂ ମଞ୍ଚସ୍ଥ ଅନ୍ୟ ନାଟକଗୁଡ଼ିକ ହେଲା ବିଶ୍ୱଜିତ୍ ଦାସଙ୍କର 'ନାଲିପାନ ରାଣୀ କଳାପାନ ଟିକା', ଅକ୍ଷୟ ମହାନ୍ତିଙ୍କର 'ସଂବର୍ତ୍ତ' ଏବଂ ହରିହର

Source: Author, Digitized by PPRACHIN, SOA

ମିଶ୍ରଙ୍କର 'ହଂସ ଧ୍ୱନି' । ପ୍ରାପ୍ତ ବର୍ଷେ ଦେଢ଼ବର୍ଷ ଭିତରେ ଲେଖା ଯାଇଥିବା ଏଇ ସମସ୍ତ ନାଟକ ବ୍ୟତୀତ ହୁଏତ ବହୁ ପ୍ରତିଷ୍ଠିତ ନାଟ୍ୟକାର-ଙ୍କର ବହୁ ଉଚ୍ଚମାନର ନାଟକ ଲେଖା ହୋଇଥିବ । ଆମ ପ୍ରଦେଶରେ ସେଗୁଡ଼ିକର ବିଧିବଦ୍ଧ ଆଲୋଚନା କିମ୍ବା ତୁଳନାତ୍ମକ ବିଚାର କରାଯାଇ ନାହିଁ । ଏହା ନାଟକ ପୂର୍ବରୁ ଆଠଖଣ୍ଡ ପୂର୍ଣ୍ଣାଙ୍ଗ ନାଟକ ଏବଂ ବହୁ ଏକାଙ୍କିକା ରଚନା କରି ସେଗୁଡ଼ିକୁ କଟକ, ପୁରୀ ଏବଂ ବ୍ରହ୍ମପୁରଠାରେ ମଞ୍ଚସ୍ଥ କରିଥିଲେ ସୁଦ୍ଧା ମୁଁ ନାଟ୍ୟକାର ହିସାବରେ ପରିଗଣିତ ହୋଇ ନଥିଲି । କାରଣ ଓଡ଼ିଶାରେ ମଞ୍ଚସ୍ଥ ହେଉଥିବା ନାଟକଗୁଡ଼ିକର ହିସାବ ରଖାଯାଏ ନାହିଁ ।

ସାଂସ୍କୃତିକ ମୁଖ୍ୟଧାରାରେ ରହି ସହଜ ସାବଲୀଳ ଭାବେ ଲେଖିବାର ଅବକାଶ ମତେ ମିଳିନଥିଲା । ମୋର ମନେ ଅଛି ୧୯୬୭ ମସିହା ସେପ୍ଟେମ୍ବର ବେଳକୁ ମୁଁ "ଭଗ୍ନାଂଶ" ଶୀର୍ଷକ ଖଣ୍ଡିଏ ନାଟକ "ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ"ର ନାଟ୍ୟ ପ୍ରତିଯୋଗିତା ପାଇଁ ପଠାଇଥିଲି । ତାହା ଗ୍ରହଣ-ଯୋଗ୍ୟ ହୋଇ ନଥିଲା । ସେଇ ବର୍ଷର ଅନ୍ୟାନ୍ୟ ବିବେଚିତ ନାଟକ-ଗୁଡ଼ିକ କଣ ମୋର ମନେ ନାହିଁ—କିନ୍ତୁ ଏତିକି ମନେଅଛି ସେଇ ବର୍ଷ ପ୍ରତିଯୋଗିତାରେ ବିଜୟ ମିଶ୍ରଙ୍କ "ଶବ ବାହକମାନେ" ଶ୍ରେଷ୍ଠ ନାଟକ ରୂପେ ବିବେଚିତ ହୋଇଥିଲା । "ଭଗ୍ନାଂଶ"ର ପରବର୍ତ୍ତୀ ନାଟକ 'ଗୁଣ୍ଡା' ଏବଂ 'ଗୁଣ୍ଡା' (ନାମ ଥିଲା 'ଅପରିଚିତା') ମଧ୍ୟ ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟ ଦ୍ୱାରା ମଞ୍ଚ ଉପଯୋଗୀ ନାଟକ ରୂପେ ମନୋନୀତ ହୋଇନଥିଲା । ତା' ପରେ ପରେ ଲେଖାଯାଇଥିଲା "ମୁଁ, ଆମ୍ଭେ ଓ ଆମ୍ଭମାନେ" କଟକ "ଅନ୍ନପୂର୍ଣ୍ଣା" ଠାରେ ଓଡ଼ିଶା କଲ୍‌ଚରାଲ୍ ଏକାଡ଼େମୀ ଦ୍ୱାରା ଆୟୋଜିତ ନାଟ୍ୟ ପ୍ରତିଯୋଗିତା ପାଇଁ ।

ସେ ସମୟରେ ଖଣ୍ଡିଏ ନାଟକ "କଟକଆ"ମାନଙ୍କ ଦ୍ୱାରା ମନୋନୀତ ହୋଇ ପାରିଥିବା ଯୋଗୁଁ ଆମେ ଖୁବ୍ ଆନନ୍ଦିତ ହୋଇଥିଲୁ । ତା' ପୂର୍ବରୁ 'ଗଞ୍ଜାମ କଳା ପରିଷଦ'ର ଦଳକୁ ନେଇ ଆମେ ଗଞ୍ଜାମ, ଫୁଲବାଣୀ, ଭୁବନେଶ୍ୱର, କୋରାପୁଟ, ଢେଙ୍କାନାଳ ଏବଂ କଟକ ଜିଲ୍ଲା

Source: Author, Digitized by PPRACHIN, SOA

ପରିକ୍ରମା କରି ସାରିଥାଉ । ଆମର କ୍ଷୁଦ୍ର ନାଟକ, ପ୍ରଗତିଧର୍ମୀ ନାଟକ ଓ ରଚନା କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ପ୍ରାଦେଶିକ ସ୍ତରର ଅନ୍ୟ କାର୍ଯ୍ୟକ୍ରମ ତୁଳନାରେ କମ୍ ନଥିଲା । ଏହା ଦର୍ଶକମାନଙ୍କର ପ୍ରତିକ୍ରିୟାରୁ ଆମେ ଜାଣି ପାରୁଥାଉ । ତେବେ ଆମ କାର୍ଯ୍ୟକ୍ରମଗୁଡ଼ିକୁ ଗୁଣ୍ଡା ପଠେଇ ଭଣ୍ଡୁର କରିବା ପାଇଁ କଟକର "ଶହୀଦ ଭବନ" ଏବଂ ଭୁବନେଶ୍ୱରଠାରେ ସ୍ଥାନୀୟ ଲୋକେ ଯେଭଳି ଚେଷ୍ଟା କରିଥିଲେ ଏବଂ ଯେଭଳି ପ୍ରାଣ ବଞ୍ଚେଇ ଆମେ ଦୌଡ଼, ଲୁଚି ଗୃହଆସିଚୁ ସେଥିରୁ ଆମେ ଜାଣି ପାରିଥିଲୁ ଯେ ଆମେ 'ଗଞ୍ଜାମ'ରୁ ଯାଇଥିଲୁ ବୋଲି ଈର୍ଷାପରାୟଣ ହୋଇ ସ୍ଥାନୀୟ ଲୋକେ ଏହା କରିଥିଲେ । ଆଜି ମଧ୍ୟ ୨୭ ବର୍ଷ ପରେ ମୁଁ ଏବଂ ମୋର ନାଟକ ଏଇ ଦୁଇଟି ସହର ଏବଂ ରାଜଧାନୀର "ସଙ୍ଗୀତ ନାଟକ ଏକାଡ଼େମୀ" ଦ୍ୱାରା ଅବହେଳିତ । ଏବେ ମଧ୍ୟ 'ସଙ୍ଗୀତ ନାଟକ ଏକାଡେମୀ ର ନାଟକ ନିର୍ବାଚନ ବେଳେ ମୋ' ନାଟକକୁ 'ଅ-ମନୋନୀତ' ଭାବେ ଫେରାଇ ଦିଆଯାଉଛି ଏବଂ ସାଧାରଣ ଉତ୍ସବ/ସେମିନାର୍ ବେଳେ ନିମନ୍ତ୍ରଣ ପତ୍ରଟିଏ ମଧ୍ୟ ପାଉନାହିଁ । ଏଣୁ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର ଲୋକେ ଯେମିତି ଭାବୁଛନ୍ତି ସେମାନେ ନିଜ ଦେଶ ଭିତରେ 'ପରଦେଶୀ' ବୋଲି; ମୁଁ ବି ସେମିତି ଭାବୁଚି ।

'ମୁଁ, ଆମ୍ଭେ ଓ ଆମ୍ଭେମାନେ' ମଞ୍ଚସ୍ଥ ବେଳେ ମୋର ପ୍ରଥମଥର ପାଇଁ ଦେଖା ହୋଇଥିଲା ବିଜୟ ମିଶ୍ରଙ୍କ ସହିତ, ପ୍ରାଣବନ୍ଧୁ କରଙ୍କ ସହିତ, ସାମୁଏଲ ସାହୁଙ୍କ ସହିତ ଏବଂ କୁଞ୍ଜ ନନ୍ଦଙ୍କ ସହିତ । ଘଟଣାଟି ଏଥିପାଇଁ ସ୍ମରଣୀୟ ଯେ ସେ ଦିନ ବିଶ୍ୱସାହିତ୍ୟର ବହୁ ପ୍ରସିଦ୍ଧ ନାଟ୍ୟକାରମାନଙ୍କର ନାଁ । ଶୁଣିଥିଲି ବିଜୟ ମିଶ୍ରଙ୍କଠାରୁ—ଯୋଉମାନଙ୍କ ନାଁ । ଇଂରାଜୀରେ ଏମ୍. ଏ. ଛାତ୍ର ହିସାବରେ ମଧ୍ୟ ଶୁଣିବାର ସୁଯୋଗ ପାଇ ନଥିଲି । ଘଟଣାଟି ଏଥିପାଇଁ ସ୍ମରଣୀୟ ଯେ ବିଜୟ ମିଶ୍ର ସେ ଦିନ ମୋ' ନାଟକ ଦେଖି ବହୁତ ପ୍ରଶଂସା କରିଥିଲେ ଏବଂ କିଛି ଦିନ ପରେ "ପ୍ରଜାତନ୍ତ୍ର"ରେ ନୂତନ ନାଟକ ସମ୍ପର୍କରେ ଲେଖିବାକୁ ଯାଇ ଶ୍ରୀ କୁଞ୍ଜବିହାରୀ ନନ୍ଦ ମତେ ଆଧୁନିକ ଓଡ଼ିଆ ନାଟ୍ୟକାର ହିସାବରେ ସ୍ୱୀକୃତି ଦେଇଥିଲେ ।

Source: Author, Digitized by PPRACHIN, SOA

ସେ ସମୟରେ ଏଇ ନାଟକ ପାଇଁ ମୁଁ ଏତେ ସ୍ୱୀକୃତି ପାଇଥିଲି ଯେ ପ୍ରକାଶକ ମୋ' ଅନୁପସ୍ଥିତିରେ ପାଣ୍ଡୁଲିପିଟି ନେଇ ପୁସ୍ତକଟିକୁ ଛପେଇ ଦେଇଥିଲେ (ଯଦିଓ ସେଥିରେ ଅନେକ ଭ୍ରମ ଅସଂଶୋଧିତ ଭାବେ ରହି ଯାଇଥିଲା) ଏବଂ ପରେ ପରେ ତାହା ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟରେ ଏକ ପ୍ରତିନିଧିମୂଳକ ଓଡ଼ିଶା ନାଟକ ଭାବେ ବି. ଏ. ଶ୍ରେଣୀର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହା ମୋର ଆତ୍ମବିଶ୍ୱାସକୁ ଫେରେଇ ଆଣି ଦେଇଥିଲା । ଆଜି ମନର ନିଭୃତ ଇଲାକାରେ ମୋର ପ୍ରଥମ ପ୍ରକାଶକ, ପ୍ରଥମ ସମୀକ୍ଷକ ଓ ଓଡ଼ିଆ ବିଭାଗର ସେଇ ନବନାଟ୍ୟ ପ୍ରେମୀ ପ୍ରଫେସରମାନଙ୍କ ପ୍ରତି କୃତଜ୍ଞତା ମୂର୍ତ୍ତି ହୋଇ ରହିଛି ।

ପରବର୍ତ୍ତୀ ସମୟରେ ଡ଼. ରତ୍ନାକର ଚଇନି, ଶ୍ରୀ ବିଜୟକିଶୋର ଦାସ ଏବଂ ଶ୍ରୀ ସର୍ବେଶ୍ୱର ଦାସଙ୍କଠାରୁ ଆରମ୍ଭ କରି ସମସ୍ତ ନାଟ୍ୟ ସମୀକ୍ଷକ ମତେ ଏଇ ନାଟକ ପାଇଁ ଆଧୁନିକ ଓଡ଼ିଆ ନାଟକର ଜଣେ ସାଧନାରତ କର୍ମୀ ହିସାବରେ ସ୍ୱୀକୃତି ଦେଇଛନ୍ତି । ଏଇ ନାଟକ ଓଡ଼ିଶାର ସବୁ ଜିଲ୍ଲାରେ ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ଥର ପାଇଁ ମଞ୍ଚସ୍ଥ ହୋଇଛି । ଓଡ଼ିଶାର ଏପରି ସହର ନାହିଁ ଯେଉଁଠି ଏଇ ନାଟକ ମଞ୍ଚସ୍ଥ ହୋଇନାହିଁ । ଏପରି ଜନପ୍ରିୟତା ଏଇ ନାଟକର ସମସାମୟିକ କୌଣସି ନାଟକକୁ ମିଳିନାହିଁ । 'ବନହଂସୀ' ଗୋଟିଏ ଦୁଇଟି ଥର ପାଇଁ ଅତି ଦମ୍ଭମୟ ଭାବରେ ମଞ୍ଚସ୍ଥ ହୋଇଛି । 'ଶବ ବାହକମାନେ' ଅତି ବେଶୀରେ ପାଞ୍ଚ ଦଶଥର ଅଥଚ ଅକ୍ଷୟ ମହାନ୍ତିଙ୍କର 'ସବୁଜ' ବେଶ୍ ଜନପ୍ରିୟତା ହାସଲ କରିଥିଲା । ଏଇ ଦୃଷ୍ଟିରୁ 'ମୁଁ, ଆମ୍ଭେ ଓ ଆମ୍ଭେମାନେ'କୁ ଏକ ସଫଳ ତଥା ଜନପ୍ରିୟ ନାଟକ କୁହାଯାଇପାରେ ବୋଲି ମୋର ଧାରଣା ହେଉଛି ।

ତୁଳନାତ୍ମକ ପ୍ରସଙ୍ଗଟି ଯାଇଁଠି ଉଠେଇବାର କାରଣ ରହିଛି । ଓଡ଼ିଆ ନାଟ୍ୟଧାରାରେ ଯେଉଁମାନେ ଗବେଷକ ଏବଂ ପ୍ରାବନ୍ଧିକ ସେମାନଙ୍କର ଆମ ନାଟ୍ୟଧାରା ସମ୍ପର୍କରେ କୌଣସି ସ୍ପଷ୍ଟ ଧାରଣା ନାହିଁ । ତେଣୁ କେଉଁ ନାଟକ ସଫଳ (ଜନପ୍ରିୟ) ଏବଂ କେଉଁଟି ମଞ୍ଚନ ପାଇଁ ଅସଫଳ ତାର ବିଚାର ସମ୍ଭବ ହୁଏ ନାହିଁ । ନାଟକର "ସାହିତ୍ୟିକ ମୂଲ୍ୟବୋଧ" କହିଲେ

Source: Author, Digitized by PPRACHIN, SOA

ସେମାନେ ଯାହା ବୁଝିନ୍ତି ତାହା ସ୍ପଷ୍ଟ ନୁହେଁ । ଯଦି 'ସାହିତ୍ୟ'ଟି ଅଣ-ପ୍ରୟୋଗାତ୍ମକ ଭାବରେ କେବଳ ମୁଦ୍ରିତ ପୁସ୍ତକ ଭିତରେ ସୀମାବଦ୍ଧ ରହି ବଙ୍ଗ ନାଟ୍ୟ ସମାଲୋଚକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଗଚ୍ଛିତ ରହିବାର ଥିଲା —ତା'ହେଲେ ଓଡ଼ିଶାର ପ୍ରଥମ ନାଟକ "ବାବାଜୀ" ନ ହୋଇ ଗୋପୀନାଥ ବଲ୍ଲଭ ହୋଇଥାନ୍ତା । କିନ୍ତୁ ଓଡ଼ିଆ ନାଟକର ଇତିହାସରେ ସେହିପରି ଘଟିଅଛି । ଅର୍ଥାତ୍ ଓଡ଼ିଶାର ଜନସାଧାରଣଙ୍କ ପାଖରେ ଗୋଟାଏ ସ୍ତରର ନାଟକ ମଞ୍ଚସ୍ଥ ହେଉଥିଲାବେଳେ ଆଉ ଗୋଟାଏ ଧରଣର ନାଟକ ଅଧ୍ୟାପକୀୟ "ଲବି" ଯୋଗୁଁ ପିଲାଙ୍କୁ ପଢ଼ା ଯାଉଅଛି । ଏଗୁଡିକ କେବଳ ସାହିତ୍ୟ । ସୁରେନ୍ଦ୍ର ମହାନ୍ତିଙ୍କ "ବାପୁ" ନାଟକ ବା କାଳିନ୍ଦୀଚରଣଙ୍କ "ମୁକ୍ତାଗଡର କ୍ଷୁଧା" ଭଳି । ଓଡ଼ିଶାର ନିର୍ଦ୍ଦେଶକ, ସଂଗଠକ ଏବଂ ଦର୍ଶକମାନଙ୍କ ପାଖରେ ମୋର ଅଜସ୍ର କୃତଜ୍ଞତା— ସେମାନେ ଏଇ ନାଟକକୁ କେବଳ ପାଠ୍ୟକ୍ରମ ଭିତରେ ଆବଦ୍ଧ ନ କରି ବାରମ୍ବାର ଏହାକୁ ମଞ୍ଚସ୍ଥ କରିଛନ୍ତି ।

ଏଇ ନାଟକର ନାମକରଣ ହିଁ ସ୍ପଷ୍ଟ କରି ଦେଉଛି ଯେ ଏହା ସାମୂହିକ ଚେତନାର ସ୍ୱର ବହନ କରିଛି । 'ଶବ ବାହକମାନଙ୍କ' ପରି ଅର୍ଥ ଓ ଯୌନ ଲାଳସା କିମ୍ବା 'ବନହଂସୀ' ପରି ବ୍ୟକ୍ତି ଅବଚେତନରେ ନିଜର ପୂର୍ବତନ ପ୍ରେମିକା ପାଇଁ ମୋହ ଏବଂ ଆଉ କାହାର ବିଧବା ପତ୍ନୀକୁ ଉପଭୋଗ କରିବାର ପ୍ରବୃତ୍ତିଗତ ଦୁର୍ବଳତାରୁ ଏହାର ସୃଷ୍ଟି ହୋଇନାହିଁ । କିନ୍ତୁ ଅର୍ଥ ଏବଂ ସ୍ୱୈରଚାରିତା ଆମର ସାମୂହିକ ଚେତନାକୁ କିପରି ଆଚ୍ଛନ୍ନ କରି ରଖିପାରେ ତାର ଚିତ୍ର ରହିଛି 'ମୁଁ, ଆମ୍ଭେ ଓ ଆମ୍ଭେମାନେ'ରେ ।

ସ୍ୱାଧୀନତାର ପାଞ୍ଚ ବର୍ଷ ଆଗରୁ କିମ୍ବା ପାଞ୍ଚ ବର୍ଷ ପରେ ଯେଉଁ-ମାନଙ୍କର ଜନ୍ମ ସେମାନେ ଷାଠିଏ ଦଶକକୁ ଏକ ଅସ୍ଥିର, ସ୍ୱପ୍ନମୟ କିମ୍ବା ସଂଘଟକମାନଙ୍କର ସୃଜନାତ୍ମକ ସମୟ ବୋଲି ନିଶ୍ଚୟ ଧରି ନେବେ । ଓଡ଼ିଶାର ସାମାଜିକ ଏବଂ ଆର୍ଥନୀତିକ କ୍ଷେତ୍ରରେ ବହୁ ପରିବର୍ତ୍ତନର ସମୟ ଏଇ ଦଶକଟି । ମୋଟାମୋଟି ଭାରତର ସବୁ ଭାଷାରେ ଏବଂ କହିବାକୁ ଗଲେ ସମଗ୍ର ପୃଥିବୀରେ ଏଇଟା ଏକ ସଂଗ୍ରାମର ସମୟ । କଳା ଗୋରା

Source: Author, Digitized by PPRACHIN, SOA

ସଂଘର୍ଷ, ଭିଏତ୍‌ନାମ ଯୁଦ୍ଧ, ଚୀନ ଭାରତ ଯୁଦ୍ଧ, ଭାରତ ପାକିସ୍ଥାନ ଯୁଦ୍ଧ, ସରକାର ଏବଂ ଛାତ୍ର ସଂଘର୍ଷ ସାଙ୍ଗକୁ ବହୁ ସାହିତ୍ୟିକ, ସାଂସ୍କୃତିକ ଏବଂ ରାଜନୈତିକ ଗୋଷ୍ଠୀବାଦର ସମୟ, ଗାନ୍ଧୀବାଦ ଉପରୁ ବିଶ୍ୱାସ କମି କମି ଆସୁଥାଏ । ଏବଂ ଗାନ୍ଧୀ ଟୋପି ପିନ୍ଧି ଆରମ୍ଭ ହେଉଥିବା ଦୁର୍ନୀତି ଓ ପୁଞ୍ଜିବାଦ ବିପକ୍ଷରେ ନକସଲ ଆନ୍ଦୋଳନ ତୀବ୍ର ହୋଇ ଉଠୁଥାଏ । ଅନ୍ୟ ପଟେ ସମୃଦ୍ଧି ବିରୁଦ୍ଧରେ ହିପ୍‌ପୀମାନଙ୍କ ସଂଗ୍ରାମ, ବୃଦ୍ଧମାନଙ୍କ ବିରୁଦ୍ଧରେ ଯୁବକମାନଙ୍କ ସଂଗ୍ରାମ, ମାର୍କସିଜିମ ସାଙ୍ଗରେ କ୍ୟାପିଟାଲିଜିମ୍‌ର ସଂଗ୍ରାମ । ଖାଲି ସମ୍ଭାବନା ଏବଂ ଋଦ୍ଧାନ୍ତ ସମ୍ଭାବନା । ୧୯୬୮ ବେଳକୁ ମୁଁ ଚଣ୍ଡିଗଡ଼ରେ ଦେଖିଚି ରାଷ୍ଟ୍ରପତି ଶାସନ ଥିବା ସତ୍ତ୍ୱେ ଶାନ୍ତ ପରିବେଶ ଅଥଚ କଲିକତାର ଫୁଟ୍‌ପାଥ୍ ଉପରେ ପ୍ରତିଦିନ ବୋମା ଫୁଟୁଚି । ବଙ୍ଗଳାରେ ସୁକାନ୍ତଙ୍କ କବିତା ଏବଂ ଆନ୍ଧ୍ରରୁ "ଶ୍ରୀଶ୍ରୀ"ଙ୍କ ବିପ୍ଳବର ଧ୍ୱନି ଏବଂ "ଦିଗମ୍ବର" ଗୋଷ୍ଠୀର ଜୟଯାତ୍ରା ।

ଏଇ ନାଟକର ଅଭିନେତାମାନେ ବର୍ଷେ ଆଗରୁ ହୁଏତ 'ଅଣ୍ଡର-ଗ୍ରାଉଣ୍ଡ'ରେ ଥିଲେ । ବ୍ରହ୍ମପୁର ସହର ଯେତେବେଳେ ଆନ୍ଦୋଳନର ନିଆଁରେ ଜଳୁଥିଲା, ତେଲୁଗୁ ଓଡ଼ିଆ ସଂଘର୍ଷ···ଚଇଁ ପୋଡ଼ି···ଭାଷା ଆନ୍ଦୋଳନ, ଛାତ୍ର ଆନ୍ଦୋଳନ ! ସବୁଟି ଓଡ଼ିଆ ଜାତି ପାଇଁ ସଂଗ୍ରାମ । ଗୋଟାଏ ପରିଚୟ ପାଇଁ ସଂଗ୍ରାମ । ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ । ଏକ ନୂତନ ଭାରତବର୍ଷ ପାଇଁ ସଂଗ୍ରାମ । ଏକ ନୂତନ ଓଡ଼ିଆ ପାଇଁ ସଂଗ୍ରାମ । କିନ୍ତୁ ତା' ଭିତରେ ସଂଗ୍ରାମ ନାଁରେ ନିଜର ସ୍ୱାର୍ଥ ଓ ସୁବିଧା ଖୋଜୁଥିବା ଲୋକ କଟକ ଓ ଭୁବନେଶ୍ୱରରେ ଠୁଳ ହେବାକୁ ଲାଗିଲେ । କ୍ରମଶଃ ଏଇ ଦୁଇଟି ସହର ହୋଇଗଲା ଏ ପ୍ରଦେଶର ସବୁ ବାଜେଲୋକ, ଦୁର୍ନୀତିଗ୍ରସ୍ତ ଲୋକ ଏକାଠି ହେଉଥିବା ସହର । ଅଥଚ ବାଲେଶ୍ୱର, ପୁରୀ, ସମ୍ବଲପୁର, ବଲାଙ୍ଗୀର, ଫୁଲବାଣୀ, କୋରାପୁଟ, ସୁନ୍ଦରଗଡ଼ ଏବଂ ଗଞ୍ଜାମ···ସବୁଠି ଅସନ୍ତୋଷର ସ୍ୱର । ସବୁଠି ସାମାଜିକ ସଚେତନତାର ସ୍ୱର ପ୍ରତିଧ୍ୱନିତ ହେଉଥିଲା । ପଡ଼ୋଶୀ ସାହିତ୍ୟ ବଙ୍ଗଳା ଏବଂ ତେଲୁଗୁରେ ଏହି ସଚେତନତା ଆହୁରି ତୀବ୍ର ବୋଲି ଆମେ ଜାଣି ପାରୁଥିଲୁ ।

Source: Author, Digitized by PPRACHIN, SOA

ଏଣୁ ଏପରି ଏକ ସମୟରେ 'ମୁଁ, ଆମ୍ଭେ ଓ ଆମ୍ଭେମାନେ' ଭାରତୀୟ ମାନସିକତାକୁ ପ୍ରତିଫଳନ କରୁଥିଲା ବୋଲି ମୁଁ ବିଶ୍ୱାସ କରେ। ହୋଷ୍ଟେଲ୍‌କୁ ଜଳଖିଆ ଖାଇବାକୁ ଗଲାବେଳେ ଯୋଉଠି ରିଜର୍ଭ ଫୋର୍ସର ବାୟୋନେଟ୍ ପିଠିରେ ବାଜୁଥିଲା...କର୍ଫ୍ୟୁ ଏବଂ ସାଧୁ ଆଇନ୍ ଯୋଉଠି ବର୍ଷରେ ଛ' ମାସରୁ ଅଧିକ ବଳବତ୍ତର ରହୁଥିଲା, ଗାଁରୁ ପ୍ରଥମ ଥର ପାଇଁ ସହରକୁ ଆସି ଯୋଉଠି ମଣିଷ ଛଳନା ଓ ମୁଖାମାନଙ୍କ ସଙ୍ଗରେ ମୁଲାକାତ୍ କରୁଥିଲି ସେଇ ସ୍ୱାଧୀନ ଭାରତର ଓଡ଼ିଶା ନାମକ ପ୍ରଦେଶରେ "ବନହଂସୀ" ଲେଖି ପ୍ରେମ ଏବଂ ସ୍ମୃତିମାନଙ୍କର ପାଲିଙ୍କି କରିବା ଅନ୍ତତଃ ମୋ' ପକ୍ଷେ ସମ୍ଭବପର ନଥିଲା। ଯେଉଁପରି ପରିତ୍ୟକ୍ତ ଘର ଭିତରେ ପଡ଼ିଥିବା ଏକ ଶବଠାରୁ ଏକ ହତାଶଜନକ ପଦ ପାଇବା ପାଇଁ ମୁଁ ଗୋଟିଏ ନାଟକ ଲେଖି ପାରୁନଥାନ୍ତି।

କବିତା ସେତିକିବେଳକୁ ସାମାଜିକ ସ୍ତରଠାରୁ ସଙ୍କୁଚିତ ହୋଇ ବ୍ୟକ୍ତିଗତ, ଅବଚେତନର ଇମେଜ୍‌ଗୁଡ଼ିକୁ ଶବ୍ଦାୟିତ କରିବାରେ ବ୍ୟସ୍ତ ଥାଇ ପାରେ। କେବଳ ବ୍ରାହ୍ମଣମାନଙ୍କ ଦୁର୍ନୀତି ଯୋଗୁଁ 'ଲଣ୍ଠନ ପୋଲ୍' ଭୁଷୁଡ଼ି ପଡ଼ିଲା ପରି ଓଡ଼ିଶାର ଐତିହ୍ୟ ଓ ପରମ୍ପରା ଭୁଷୁଡ଼ି ପଡ଼ିଲା ବୋଲି ଦୁଇ ଗୋଟି ଅମୂର୍ତ୍ତ/ଅଦ୍ଭୁତମୂର୍ତ୍ତ "ଓ୍ୱେଷ୍ଟଲ୍ୟାଣ୍ଡ" ଓଡ଼ିଆରେ ସେଇ ସମୟରେ ଲେଖାଗଲା—"କଳା ପୁରୁଷ" ଏବଂ 'ଅଷ୍ଟପଦୀ"। ଲେଖାଗଲା ପରେ ଗୋଟାଏ "ପୁରସ୍କାର ଲବି" ଏପରି କାନଫଟା ଚିତ୍କାର ଆରମ୍ଭ କଲେ ଯେ ଆମେ ଯୋଉମାନେ ଛ' ସାତ ବର୍ଷ ହେଲା ନାଟକ ଲେଖି "ମୁଁ, ଆମ୍ଭେ ଓ ଆମ୍ଭେମାନେ" ପାଖରେ ପହଞ୍ଚିଥିଲୁ ସ୍ତମ୍ଭୀଭୂତ ହୋଇ ରହିଗଲୁ। ପ୍ରକାଶ ଥାଉକି ଯେଉଁ ସାତ୍ତ୍ୱିକ, ସାମାଜିକ ସମସ୍ୟାଗୁଡ଼ିକର ଚିତ୍ର ମୁଁ ପୂର୍ବ ପୃଷ୍ଠାମାନଙ୍କରେ ଦେଇଛି ତାହା ଗୋପୀନାଥ ମହାନ୍ତିଙ୍କ ଲେଖାରେ ମଧ୍ୟ ନଥିଲା। ସୁରେନ୍ଦ୍ର ମହାନ୍ତି ଏବଂ ସଚ୍ଚି ରାଉତରାୟଙ୍କୁ ଛାଡ଼ିଦେଲେ ସେ ସମୟର କୌଣସି ପ୍ରତିଷ୍ଠିତ ଲେଖକ ପ୍ରାୟ ଜୀବନ ଓ ସାହିତ୍ୟକୁ ଏକା ବୋଲି ଭାବୁନଥିଲେ।

Source: Author, Digitized by PPRACHIN, SOA

ଏପରି ଏକ ଅନିର୍ଦ୍ଦିଷ୍ଟ ମାନଦଣ୍ଡ ଏବଂ ମୂଲ୍ୟାୟନ ପ୍ରଣାଳୀ ଭିତରେ "ବନହଂସୀ"କୁ ଆଧୁନିକ ଓଡ଼ିଆ ନାଟକର ଆରମ୍ଭ ବୋଲି କୁହାଗଲା । ଅବଶ୍ୟ ନାଟକଟି ସୁନ୍ଦର୍ଶ୍ୟ ଢଙ୍ଗରେ ଛପା ହୋଇଥିଲା ନିର୍ଭୁଲ ଭାବରେ । ନାଟକଟିର ନୂତନତା ଏୟା ଥିଲା ଯେ ସମସ୍ତ ସେଇଠି ସ୍ଥିର ହୋଇ ଯାଇଥିଲେ କଣ୍ଟା ନଥିବା ଘଣ୍ଟ ପରି । ସମାଲୋଚକମାନେ କହିଲେ ଡିନୋଟି "କାଳ" ଓଡ଼ିଆ ବ୍ୟାକରଣର ପୃଷ୍ଠାରୁ ବାହାରି ଆସି "ବନହଂସୀ" ନାଟକର ଭିତରେ ସ୍ଥିର ହୋଇ ଯାଇଥିଲେ ।

ବିଶ୍ୱ ନାଟକ ସମ୍ପର୍କରେ ଅନଭିଜ୍ଞ ଆମର ସମାଲୋଚକମାନେ ଜାଣିପାରିଲେ ନାହିଁ ଯେ Arthur Adamov ଙ୍କର ପ୍ରଥମ ନାଟକ La Parodieରେ ମଧ୍ୟ ବାରମ୍ବାର ଗୋଟିଏ କଣ୍ଟା ନଥିବା ଘଣ୍ଟା ବ୍ୟବହାର କରାଯାଇଥିଲା । ସେଥିରେ ମଧ୍ୟ ଦୁଇଜଣ ନାୟକ (ଜଣକର ନାମ Employee ଏବଂ ଅନ୍ୟ ଜଣକର ନାମ 'N') "ଲିଲି" ନାମକ ଏକ ସାଧାରଣ ଝିଅ ପାଇଁ ପ୍ରେମରେ ପାଗଳ ହୋଇ ଯାଇଥିଲେ । ଲିଲି ତାର ମାନସିକତା ଭିତରୁ "Employee" ଏବଂ 'N' ଙ୍କ ମଧ୍ୟରେ କୌଣସି ଫରକ ଜାଣି ପାରୁ ନଥିଲା । ଏ ସମ୍ପର୍କରେ Martin Esslinଙ୍କ The Theatre of the Absurd ଗ୍ରନ୍ଥର ପୃଷ୍ଠା ୯୫ ଏବଂ ୯୭ ଦ୍ରଷ୍ଟବ୍ୟ ।

'ମୁଁ, ଆମ୍ଭେ ଓ ଆମ୍ଭେମାନେ' ନାଟକରେ ସେପରି କୌଣସି ଚମକ-ପ୍ରଦ ଶୈଳୀ ପ୍ରୟୋଗ କରାଯାଇ ନାହିଁ । ସେପରି ଆବଶ୍ୟକତା ମଧ୍ୟ ମୁଁ ଅନୁଭବ କରିପାରି ନାହିଁ । ଏହାର ମଞ୍ଚ ଶୈଳୀ ସେ ସମୟର ଗୋଟିଏ 'ସେଟ୍' ବିଶିଷ୍ଟ ନାଟକମାନଙ୍କଠାରୁ ଅଲଗା ଥିଲା । ନାଟ୍ୟ ସ୍ଥାନ (space)ଟି 'ଡ୍ରଇଂରୁମ୍' ନୁହେଁ କିମ୍ବା କୌଣସି ଘର ମଧ୍ୟ ନୁହେଁ । ସହର ଜଂକସନର ଏକ 'ବସ୍‌ଷ୍ଟାପ୍' ଯେଉଁଠାରୁ ବହୁ ରାସ୍ତା ବହୁ ଅଞ୍ଚଳକୁ ଯାଇଛି । ପଛରେ ପୋଖରୀ, ପାହାଡ଼ ଏବଂ ଆକାଶ ପର୍ଯ୍ୟନ୍ତ ଲମ୍ବି ଯାଇଥିବା ଏକ ଦିଗନ୍ତ ଅଛି ଏବଂ ସାମ୍ନାରେ ବେଞ୍ଚଟିଏ । ସମସ୍ତେ ସ୍ୱାଧୀନୋତ୍ତର ସମୟର 'ନେହୁରୁପକ୍ଷୀ'କୁ ଯିବା ପାଇଁ ଅପେକ୍ଷା କରିଛନ୍ତି

Source: Author, Digitized by PPRACHIN, SOA

ଅଥଚ କୌଣସି "Communication"ର ସୁବିଧା ନାହିଁ । ଗ୍ରାମ ଓ ସହରର ମଧ୍ୟବର୍ତ୍ତୀ ଏହି ପ୍ରତୀକାତ୍ମକ ନିଛକ୍କା ଉପରେ ଗୋଟିଏ ଦୋକାନଟିଏ । ସେଇଠି ଗ୍ରାମ ଓ ସହର ଉଭୟ ଅଞ୍ଚଳର ଚରିତ୍ରମାନେ ଏକାଠି ହୋଇଛନ୍ତି ।

ମଞ୍ଚ ଉପରେ ଗୋଟିଏ ଚକ୍ର କ୍ରମାଗତ ଭାବେ ଜଳୁଛି ଏବଂ ତା ଉପରେ କଡ଼େଇରେ ତେଲ ଠକମକ ହୋଇ ଫୁଟୁଛି । ନାଟକର ଯନ୍ତ୍ରଣାମୟ ମୁହୂର୍ତ୍ତଗୁଡ଼ିକରେ ଛଣା ହେବା ଶବ୍ଦ ଆସୁଚି ଆବଦ୍ଧ ସଙ୍ଗୀତ ଭଳି । "ଯୁଧିଷ୍ଠିର ଯକ୍ଷ ସମ୍ବାଦ"ରେ ଯେଉଁ ଚିତ୍ରକଳ୍ପଟି ବ୍ୟବହାର କରାଯାଇଚି ଏହା ତାହାର ଏକ ଅନୁକୃତି । ପୃଥିବୀରୂପକ ଭାଣ୍ଡଟି ପ୍ରତି- ନିୟତ ସୂର୍ଯ୍ୟାଗ୍ନିରେ ଉତ୍ତପ୍ତ ଏବଂ କାଳରୂପୀ ଚଟୁ ଦ୍ୱାରା ଘାଣ୍ଟି ହୋଇ ମାୟାଗ୍ରସ୍ତ ମଣିଷ ପୃଥିବୀର ଭାଣ୍ଡ ଭିତରେ ଛଟପଟ ହେଉଚି । ତଥାପି ସବୁଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଘଟଣା ହେଲା ବାରମ୍ବାର ମଣିଷ ଏହି ଯନ୍ତ୍ରଣା ଭିତରକୁ ଫେରି ଆସିବା ପାଇଁ ଚାହୁଁଛି । "ମୁଁ, ଆମ୍ଭେ ଓ ଆମ୍ଭେମାନେ"ର ସରଳ ବାସ୍ତବବାଦୀ ମଞ୍ଚ ଗଠନ ଏବଂ ଅଭିନୟର ଅନ୍ତରାଳରେ ଏପରି ଏକ ପ୍ରତୀକାତ୍ମକତା ବିଦ୍ୟମାନ ।

ଏଇ ନିଛକ୍କା ଉପରେ ପ୍ରାକ୍-ସ୍ୱାଧୀନ ଏବଂ ସ୍ୱାଧୀନୋତ୍ତର, ଗ୍ରାମ ଏବଂ ସହରାଞ୍ଚଳ, ଗାନ୍ଧୀ ଏବଂ ଗାନ୍ଧୀ ପରବର୍ତ୍ତୀ ଆଦର୍ଶ, ପୁରାତନ ଏବଂ ନୂତନ, ପରମ୍ପରା ଏବଂ ଆଧୁନିକତା ଚରିତ୍ରମାନଙ୍କ ମଧ୍ୟରେ ଫେଣ୍ଟା ଫେଣ୍ଟି ହୋଇ ଆସିଛନ୍ତି । ଅଥଚ ଏ ସବୁର ଏକ କ୍ରମାଗତ ଦ୍ରଷ୍ଟାଭାବରେ ରହିଛନ୍ତି ସଚିଦାନନ୍ଦ । ସେ ଏକା ସାଙ୍ଗରେ ଗୁରୁବାରି ଓ ଅତନୁ ସାଙ୍ଗରେ ସମ୍ପର୍କ ରକ୍ଷା କରିବା ପାଇଁ ସମର୍ଥ । ତାଙ୍କ ପୋଷା ବିଲେଇଟି ସାଙ୍ଗରେ ଯେତେବେଳେ ସିଏ "ଓ୍ୱେଷ୍ଟଲ୍ୟାଣ୍ଡ"ର ଭାଷା ଉଦ୍ଧାର କରି କହନ୍ତି ମତେ ଓଡ଼ିଆ କବିମାନଙ୍କ କଥା ମନେ ପଡ଼ିଯାଏ । ବିଶେଷତଃ ଷଷ୍ଠ ଦଶକର ମଧ୍ୟଭାଗରୁ କବି ଓ କବିତାଙ୍କ ସଂଖ୍ୟା କଟକ ମଶାଙ୍କଠାରୁ ଆହୁରି ପ୍ରବଳ ଗତିରେ ବଢ଼ି ଚାଲିଲା । ସମସ୍ତେ ଭାବିଲେ ଯେ କବିତା ଲେଖିବା ଦ୍ୱାରା ଏକ ନୂତନ "କ୍ଷମତା"ର ଅଧିକାରୀ ହେବା ସମ୍ଭବ । କବିତା

Source: Author, Digitized by PPRACHIN, SOA

ଲେଖି ଯୌନକାମନା ମୂର୍ତ୍ତି କରିବା ଠାରୁ ଆରମ୍ଭ କରି ସାମାଜିକ ବିପ୍ଳବ ଏବଂ ବୌଦ୍ଧିକ କ୍ଷେତ୍ରରେ ଅନ୍ତିମାନବୀୟ ସ୍ତର ପର୍ଯ୍ୟନ୍ତ ଯାଇ ସନ୍ଥ ତୁଳସୀ ଦାସ ହେବା ଯାଏଁ ଆମ କବିମାନଙ୍କର ପ୍ରୟାସ ଲାଗି ରହିଥାଏ ।

ଷଷ୍ଟ ଦଶକର ବ୍ରହ୍ମପୁର କାହିଁକି ସମଗ୍ର ଓଡ଼ିଶାରେ ଏକ ରେନେସାଁ ରେନେସାଁ ଭାବ ଜାଗ୍ରତ ହୋଇଥିଲା । ଆମେ ସେତିକବେଳର ଶ୍ରେଷ୍ଠ ରେସ୍ତୋଁରାମାନଙ୍କରେ, ଗ୍ରୀ' ଖଟିମାନଙ୍କରେ ବସି ବୌଦ୍ଧିକ ଚର୍ଚ୍ଚା କରୁଥିଲୁ । ଦିଲ୍ଲୀରେ ସିନା ମନୋହର ଲେହିଆ କମ୍ବା କଲିକତାର କଫି ହାଉସରେ ସାହିତ୍ୟ ଗୋଷ୍ଠୀମାନଙ୍କର ପ୍ରଭାବ ଆମମାନଙ୍କ ପାଖରେ ପହଞ୍ଚି ଯାଇଥାଏ । ଯିଏ ଯେତେ ଇଂରାଜୀ ବହି ପଢ଼ିଛି ତାର ନମୁନା ଦେଖେଇବା ସେତିକ ବେଳର ଫେଶନେବଲ୍ ଫୁଟାଣି ଥିଲା । ବଜାରରେ, କଲେଜରେ ଜଣେ ସାର୍ତ୍ରେଙ୍କର 'Being and Nothingness' କମ୍ବା କାମ୍ୟୁଙ୍କର 'The Rebel' କମ୍ବା କାଫ୍‌କାଙ୍କର 'Metamorphosis' ଗଳ୍ପଗୁଚ୍ଛ ଧରି ବୁଲିବା ଅଭ୍ୟାସ ଥାଏ । କେହି କେହି ଟଲଷ୍ଟୟ, ଡ଼ଷ୍ଟୋଭସ୍କି ଧରି ବୁଲନ୍ତି ତ ଆଉ କେହି କେହି ଡ଼ାଇଲେକ୍‌ଟିକ୍ସ୍ ଆଲୋଚନା କରୁଥାନ୍ତି । ଇଲିଏଟ୍ ତ ବୁଦ୍ଧିଜୀବୀମାନଙ୍କର ଜୀବନ ଶୈଳୀର କେନ୍ଦ୍ରବିନ୍ଦୁ ଥିଲା । ତା' ଛଡ଼ା ନୂଆ ସଂଖ୍ୟା ବଙ୍ଗଳା ମାଗାଜିନ୍‌ମାନଙ୍କରେ କି ପ୍ରକାର ପରୀକ୍ଷା ନିରୀକ୍ଷା ଚାଲିଛି ସେ ସମ୍ପର୍କରେ ଆଲୋଚନା କରିବା ଏକ ଅଭ୍ୟାସ ଥିଲା । ବିଶେଷ କରି ବୁଦ୍ଧଦେବ ବସୁ ଏବଂ ସମରେଶ୍ ବସୁ ତାତ୍କାଳିକ ଭାରତୀୟ ସାହିତ୍ୟରେ ବେଶ୍ ସ୍ପନ୍ଦନ ଆଣି ପାରିଥିଲେ । କମଲେଶ୍ୱର ଓ ଧର୍ମବୀର ଭାରତୀ ଏବଂ କିଛି କିଛି ତେଲୁଗୁ ସାହିତ୍ୟ ମଧ୍ୟ ଦକ୍ଷିଣ ଓଡ଼ିଶାର ବୌଦ୍ଧିକ ଜଳବାୟୁରେ ଲଘୁଚାପ ସୃଷ୍ଟି କରୁଥାଏ । କିଛି ଦିନ ପରେ ଆସିଲେ ଲୁ-ସୁନ୍ । ଏପରି ଏକ ସର୍ବଭାରତୀୟ ମାନସିକତା ଭିତରୁ 'ମୁଁ, ଆମ୍ଭେ ଓ ଆମ୍ଭେମାନେ'ର ସୃଷ୍ଟି ଏବଂ ଏହା ରାସ୍ତା ଖୋଜୁ ଖୋଜୁ ଏକ ନିଶ୍ଚିନ୍ତ ଉପରେ ଠିଆ ହେବାର ସମୟ । ଅନନ୍ତ ଏବଂ ସଚ୍ଚିଦାନନ୍ଦଙ୍କର ଜନ୍ମ ତାରି ଭିତରୁ । ନିଜ ମାତୃତ୍ୱ ପ୍ରତି ବୀତସ୍ପୃହା "ବନ୍ଧ୍ୟା" ମଧ୍ୟ ବହୁ ଅବୈଧ ସନ୍ତାନର ଜନନୀ ହୋଇ 'ଭାରତମାତା'ର ଏକ ଛିନ୍ନ ମୂଳ ସଂସ୍କୃତିକୁ ପ୍ରତିନିଧିତ୍ୱ କରୁଥାଏ । ଏ ନାଟକର

Source: Author, Digitized by PPRACHIN, SOA

ନାୟିକା ଯେପରି ଏକ ଅବଲୁପ୍ତ ବ୍ୟକ୍ତିତ୍ୱ ଭିତରୁ ବ୍ୟକ୍ତିତ୍ୱ ଅନ୍ୱେଷଣ କରିବାକୁ ଯାଇ ବାସ୍ତବତାର ସାମ୍ନା କରିବାକୁ ଭୟ କରୁଛି ।

ମୋର ଅତି ଘନିଷ୍ଠ ମାର୍କସବାଦୀ ବନ୍ଧୁମାନେ ସାଇକେଲ ଯାତ୍ରା ଏବଂ ପଦଯାତ୍ରା କରି ଗ୍ରାମାଞ୍ଚଳରେ ଧର୍ମ ପ୍ରଚାର କରୁଥାଆନ୍ତି । ଇଲିଅଟ୍ ଏବଂ ନୂତନ ପରୀକ୍ଷାଧର୍ମୀ ସାହିତ୍ୟ କଥା କହିଲେ ସେମାନେ ଆମକୁ ପ୍ରତିକ୍ରିୟାଶୀଳ ମଧ୍ୟବିତ୍ତ ବୋଲି କହି 'ବିପ୍ଳବ'କୁ ଆମେ ପଛେଇ ନେଉଛୁ ବୋଲି ଗାଳି ଦିଅନ୍ତି । "ମୁଁ, ଆମେ ଓ ଆମେମାନେ" ଲେଖା ହେବାର ଛ ବର୍ଷ ପରେ ମୁଁ ଜଣେ ନକ୍ସାଲ ବିପ୍ଳବୀ ବୋଲି କେହି ଇଣ୍ଟେଲି-ଜେନ୍ସରେ ଖବର ଦେଇଥିଲେ ବୋଲି ଏକ ଅପ୍ରୀତିକର ଅନୁସନ୍ଧାନ (investigation)ର ଶିକାର ହେବାକୁ ପଡ଼ିଥିଲା । ସପ୍ତମ ଦଶକରେ 'ଗୁଣ୍ଡା' ଏବଂ 'ବାଘ ମାରିଛି' ଇତ୍ୟାଦି ନାଟକ ପ୍ରକାଶ ପାଇଲା ପରେ ତାର ଭାଷା ଏବଂ କଥାବସ୍ତୁକୁ "Outrageous" ବୋଲି ମନେ କରି ମୋର ଅନେକ ବନ୍ଧୁ ମତେ 'ଗୁଣ୍ଡା' ବୋଲି ଡ଼ାକିଛନ୍ତି । ମୁଁ ହମିଦିଏ; କାରଣ ସେମାନେ ନିଜ ନିଜର ସ୍ୱପ୍ନର କାରାଗାରର ଭିତରେ ବନ୍ଦୀ ଏବଂ ଅଙ୍ଗୀକାରବଦ୍ଧ ନାଟକ ବା ସାହିତ୍ୟ କେଉଁ ଜୀବନ ସଂଗ୍ରାମ ଭିତରୁ ତିଆରି ସେ ବିଷୟରେ ବୁଝିବାର ଅବକାଶ ସେମାନଙ୍କର ନାହିଁ । ସେମାନେ 'ଚକ ପରିଡ଼ା' କିମ୍ବା 'ବିଶ୍ୱମୋହନ'ଙ୍କୁ ଦେଖି ନାହାନ୍ତି··· ଗୋବିନ୍ଦ ସାହୁ ଏବଂ ଗୁରୁବାରିଆ-ମାନଙ୍କୁ ଦେଖିଥିଲେ ବି ତାଙ୍କ ଚରିତ୍ରରେ କିଛି ବୈଶିଷ୍ଟ୍ୟ ଆବିଷ୍କାର କରିବା ପାଇଁ ଆଗ୍ରହ ନଥିବ ।

ଗ୍ରେଟ, ସାଧାରଣ ଘଟଣାଟିଏ କପରି ଏକ ବୃହତ୍ତର ସତ୍ତା ଓ ସତ୍ୟ ସହ ଯୋଡି ହୋଇଯାଏ ଏବଂ ସଂଳାପର ଭାଷା କପରି ବହୁବର୍ଣ୍ଣର ଅର୍ଥରେ Multivalent meaning ତିଆରି କରେ ତାହା ଅନୁଭବୀ ହିଁ ଜାଣିପାରେ । ସେଥିପାଇଁ ଯେଉଁ ଅନ୍ତରଙ୍ଗ ପ୍ରେମର ଆବଶ୍ୟକ ହୁଏ—ପୃଥିବୀ ସାଙ୍ଗରେ, ମଣିଷ ସାଙ୍ଗରେ, ମାଟି ସାଙ୍ଗରେ, ଆକାଶ ସାଙ୍ଗରେ, ବୃନ୍ଦାଏ ସତ୍ତା ହୋଇ ଦ୍ରବି ଯିବାର ଅଭିଜ୍ଞତା ଦରକାର ହୁଏ, ତାହା ପୁରସ୍କାର ପାଇଁ

Source: Author, Digitized by PPRACHIN, SOA

ସାହିତ୍ୟ ଲେଖୁଥିବା ଲୋକଟି ଯେମିତି ଜାଣିପାରେ ନାହିଁ ସେହିପରି ପୁରସ୍କାର ଦିଆଯାଉଥିବା ଦୁର୍ଗର କଣ୍ଟ୍ରୋଲ ଭୂମିକାରେ ଥାଇ ନିଜ ଦଳର ଲୋକଟି ପାଇଁ ଓକିଲାତି କରୁଥିବା ପ୍ରାବନ୍ଧିକଟି ମଧ୍ୟ ବୁଝିପାରେ ନାହିଁ ।

ମଞ୍ଚ ଉପରେ ଠିଆହୋଇ ଚନ୍ଦ୍ରଧର ପଟ୍ଟନାୟକ କିମ୍ବା ଅତନୁ କିମ୍ବା ସଚ୍ଚିଦାନନ୍ଦ କୌଣସି ଖଣ୍ଡିତ ବାକ୍ୟର ସଂଳାପ କହିପାରିବେ ନାହିଁ । ଯୋଉମାନଙ୍କର ମନ ଭିତରେ ଗୋଟିଏ କଥା ଏବଂ ବାହାରେ ଅନ୍ୟ ଏକ ଭାଷା ସେମାନେ ଅର୍ଦ୍ଧବାକ୍ୟ କହିପାରନ୍ତି । ହୋଇପାରେ କହିବା ପାଇଁ ସେମାନଙ୍କ ପାଖରେ ଗୋଟାଏ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ବା ଜୀବନାନୁଭୂତି ନାହିଁ । "ମୁଁ, ଆମ୍ଭେ ଓ ଆମ୍ଭେମାନେ"ର ଚରିତ୍ରମାନେ ଭିତରେ ଓ ବାହାରେ ନାଟକୀୟତାରେ ମୂର୍ତ୍ତି । ତେଣୁ ସେମାନଙ୍କର ଦ୍ୱନ୍ଦ୍ୱ ଏକା ସାଙ୍ଗରେ ବହିର୍ଦ୍ୱନ୍ଦ୍ୱ ଏବଂ ଅନ୍ତର୍ଦ୍ୱନ୍ଦ୍ୱ । ସେମାନଙ୍କର ଚରିତ୍ର ପରସ୍ପରଠାରୁ ଏତେ ଭିନ୍ନ ଏବଂ ବିରୋଧାତ୍ମକ ଯେ ସେମାନେ ମଞ୍ଚ ଉପରେ ଠିଆ ହେଲେ ଚାରିତ୍ରିକ ବୈସାଦୃଶ୍ୟ ଜଣା ପଡ଼ିଯାଏ ।

"ମୁଁ, ଆମ୍ଭେ ଓ ଆମ୍ଭେମାନେ"ରେ ନିର୍ଦ୍ଦିଷ୍ଟ କାହାଣୀ ନାହିଁ । କାହାଣୀର ସରଳରୈଖିକ ଗତି ନାହିଁ । ବରଂ ପ୍ରତ୍ୟେକ ଚରିତ୍ରର ଅନ୍ତରାଳରେ ଏକ ଅନୁଭବ୍ୟ କାହାଣୀ ଅଛି । ନିର୍ଦ୍ଦିଷ୍ଟ କାହାଣୀ ନଥିବାରୁ ଅନେକ କାହାଣୀ ଅଛି । ବିଭଙ୍ଗ କାହାଣୀ, ଖଣ୍ଡିତ କାହାଣୀ । ଏହାର ସାମଗ୍ରିକ ରୂପ କାହାଣୀମାନଙ୍କର "କୋଲାଜ୍" (Collage) । ଏହି କାହାଣୀ ସମୂହକୁ ରୂପାୟିତ କରୁଥିବା ଚରିତ୍ରମାନଙ୍କର ନିର୍ଦ୍ଦିଷ୍ଟ ସାମାଜିକ ପରିଚୟ ଅଛି । ଗାନ୍ଧୀବାଦର କବର ତଳେ ସାମାଜିକ / ରାଜନୈତିକ ସ୍ୱପ୍ନ ଦେଖୁ ଦେଖୁ ଭୟଙ୍କର ଅସୁରମାନଙ୍କର ସାମ୍ନା କରିଛନ୍ତି ସଚେତନ ଚରିତ୍ରମାନେ । ଅନ୍ୟ ପକ୍ଷରେ, ଯେଉଁମାନେ ସାମାନ୍ୟ ଜନ, ସେମାନେ ସାମଗ୍ରିକ ଅଚେତନ । 'ମହାଭାରତର ସାଗରଙ୍କରେ' ଚଲବୁଲ କରୁଥିବା ମଣିଷ । ତଥାପି ସେମାନେ ଅନ୍ୟମାନଙ୍କ ପରି ଅନ୍ୱେଷଣରତ । ଗୁରୁବାରିଆ ଚନ୍ଦନ ଦୋକାନ ରୁଢ଼ ମାଛପାଇଁ ଅପେକ୍ଷା କରିବା ପଛରେ

Source: Author, Digitized by PPRACHIN, SOA

ଏକ 'ଶୁଭ ପ୍ରତୀକ'ର ଅପେକ୍ଷା ଅନ୍ତର୍ନିହିତ ନାହିଁକି ? ଗୁ' ଦୋକାନ ପଛପଟ ପୋଖରୀର ଗଭୀର ଜଳରୁ ଏଇ ଶୁଭ ସଂକେତର ମାଛଟି ମିଳିବା ନିଜ କୈନ୍ଦ୍ରିକ ଅଚେତନରୁ "ଇମେଜ୍" ବା ରୂପକଳ୍ପଟିଏ ପାଇଲି ପରି ନୁହେଁ କି ? ଗୋଟିଏ ଅପରିମାଣ ଜନ ସମୁଦ୍ରର ଗଭୀରତା ଭିତରୁ ସାଙ୍କେତିକ "ମିଥ୍" ଟିଏ ପାଇଲି ପରି ନୁହେଁ କି ?

ଏମିତି ଏକ ରୂପକଳ୍ପ ଯାହା ସାମଗ୍ରିକ ଜୀବନର ଚଉଛକ ଉପରେ ମାର୍ଗ-ସଙ୍କେତଟିଏ ହୋଇ ପାରିବ । ଏମିତି ଏକ 'ମିଥ୍' ଯାହା କି ସ୍ୱାଧୀନୋତ୍ତର ମଣିଷର ଧୂମ୍ରାଭ ଦିଗନ୍ତ ଉପରେ ଧ୍ରୁବତାରାଟିଏ ହୋଇ ବାଟ ଦେଖେଇ ପାରିବ । ଏଇଥିପାଇଁ ତ ଅପେକ୍ଷା । ଅତନୁ ଅପେକ୍ଷା କରିଛନ୍ତି ତାଙ୍କର ସ୍ଥିତିବାଦୀଶୂନ୍ୟତା ଭିତରୁ ସୃଷ୍ଟିଟିଏ ପାଇଁ··· (ହୋଇପାରେ ତାହା ଏକ ନୂତନ 'କବିତା', ହୋଇପାରେ ତାହା ବନ୍ୟା ଗର୍ଭର ସନ୍ତାନ), ବିଶ୍ୱାନନ୍ଦ ଅପେକ୍ଷା କରିଛନ୍ତି ମାନସିକ 'ସୁସ୍ଥତା' ଓ 'ପାଗଳାମି'ର ସରହଦ ଉପରେ ପଥର ଭଳି । ସ୍ଥିତିବାଦୀ ମନସ୍ତାତ୍ତ୍ୱିକ R. D. Laing ତାଙ୍କର The Divided self ଗ୍ରନ୍ଥରେ ଯେଉଁ ଅବସ୍ଥାକୁ 'Petrification' ବୋଲି ବର୍ଣ୍ଣନା କରିଛନ୍ତି, ଠିକ୍ ସେଇ ଅବସ୍ଥା । ବନ୍ୟା ଅପେକ୍ଷା କରିଛି "ଶକୁନ୍ତଳା" ଏବଂ "ଅଭିନେତ୍ରୀ"ର ମଧ୍ୟବର୍ତ୍ତୀ ଏକ ପରିଚୟହୀନ ଅସ୍ତିତ୍ୱ ଭିତରେ ଏବଂ ଥରକୁ ଥର ମୁଖା ବଦଳେଇବାର ସାଂଘାତିକ ଖେଳ ଭିତରୁ ନିଜର ବିଚୂର୍ଣ୍ଣିତ ସତ୍ତାକୁ ଦେଖିବା ଛଡ଼ା ତାର ଅନ୍ୟଗତି ନାହିଁ । ରାଜନୈତିକ ଖେଳର ବିଜୟ-ପରାଜୟ ଭିତରେ ଚନ୍ଦ୍ରଧର ଅପେକ୍ଷା କରିଛନ୍ତି ଆଉ ଏକ ପୁନରାବୃତ୍ତି ପାଇଁ । ଆଜି ରହିଲେ ବିଶ୍ୱମୋହନ, ଶିକ୍ଷକ ବିଶ୍ୱମୋହନଙ୍କୁ ଚିହ୍ନି ପାରୁ ନାହିଁ ତାଙ୍କର ଶିଷ୍ୟ ଚନ୍ଦ୍ରଧର । ଚିହ୍ନି ପାରୁ ନାହିଁ ତାଙ୍କର ଶିଷ୍ୟ ମନ୍ତ୍ରୀ ! ତଥାପି ତାଙ୍କର ଅପେକ୍ଷା ସିଏ ୫୫ ବର୍ଷରେ ଅବସର ଗ୍ରହଣ ନ କରି ଆଉ ଅଧିକା ତିନି ବର୍ଷ ଧରି ଆଉ କିଛି କୃତଘ୍ନ ତିଆରି କରିବେ ।

ଏ ସବୁ ଅପେକ୍ଷା ପରେ ସଂଭାବନା ସଂପର୍କରେ ସମସ୍ତେ ଅନିଶ୍ଚିତ । ମୋର ମନେ ପଡୁଛି ୧୯୭୯ ରେ ଏଇ ନାଟକ ମଞ୍ଚସ୍ଥ

Source: Author, Digitized by PPRACHIN, SOA

ହେଲ୍ସବେଲକୁ ସାମୁଏଲ ବେକେଟ୍ Waiting for Godot ନାଟକ ପାଇଁ ନୋବେଲ ପୁରସ୍କାର ପାଇଲେ । ମୋର ସୌଭାଗ୍ୟ ୧୯୬୮ ବେଳକୁ ଓଡ଼ିଶାରେ ଭ୍ଲାଦମିର୍, ଏଷ୍ଟ୍ରାଗନ୍‌ମାନେ ନାହାନ୍ତି । ଅଣ୍ଡା ଗଛରୁ ଫୁଲ ଫୁଟା ଋତୁ ପର୍ଯ୍ୟନ୍ତ ଏହାର ସମ୍ଭାବନା ଲକ୍ଷି ନାହିଁ । ମଣିଷ Lucky ଅବସ୍ଥାକୁ ଆସିନାହିଁ । ଚତୁଷ୍ପଦ ମଣିଷ ବଦଳରେ ପୋଷାବଳେଇ କାମ ଚଳେଇ ନେଇଛି । ଆଜ କାଲୁ ୨୭ ବର୍ଷ ପରେ ଦେଖୁଚ ଅଷ୍ଟପଦୀ ମଣିଷମାନେ ଆଗେଇ ଚାଲିଥିବା ପାଦମାନଙ୍କୁ ଜାବୁଡ଼ି ଧରୁଛନ୍ତି । ଆଜ ବିଂଶ ଶତାବ୍ଦୀର ଶେଷ ଚରଣରେ ଅପେକ୍ଷା କେବଳ ଧ୍ୱଂସ ପାଇଁ; ପ୍ରଳୟ ପାଇଁ ।

ସେ ଦିନ ବ ନିଛକ ବସ୍ ଷ୍ଟପ୍ ଉପରେ ଅପେକ୍ଷା କରିଥିବା ଲୋକମାନଙ୍କୁ ଶୁଭିଥିଲା ଅନ୍ଧାରର ପାଦଶବ୍ଦ । କୁହୁଡ଼ି/ଧୂଆଁର କ୍ରମଃ ସଞ୍ଚାରଣ ଭିତରେ ଶେଷ ଆଡ଼କୁ ସବୁ ଅସ୍ପଷ୍ଟ ଅସ୍ପଷ୍ଟ ହୋଇଯିବାର ଅନୁଭୂତି । ବିଚହାନନ୍ଦ, ଅତନୁ ଏବଂ ବନ୍ୟାର ଅଣିତ ବର୍ତ୍ତମାନ ଏବଂ ଭବିଷ୍ୟତ । ଫ୍ରଏଡ଼, ମାର୍କସ୍, ଇଲିଅଟ୍ ଏବଂ ସାର୍ତ୍ରେ ସେଇ ଅସ୍ପଷ୍ଟ ଧୂଆଁ - ଭିତରୁ ହଠାତ ବେଳେ ବେଳେ ବାଟ (?) ଦେଖେଇବା ପାଇଁ ଆସି ଯାଆନ୍ତି । ଚରିତ୍ରମାନଙ୍କୁ କିଛି ସମୟ ବାଟବଣା କରି ଚାଲିଯାଆନ୍ତି ।

ସେତିକି ବେଳର (ଏପରି କି, ସପ୍ତମ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ)— ଆନ୍ତର୍ଜାତିକ ପରିଭାଷାରେ ଏପରି ଏକ ଅବସ୍ଥାକୁ "Crisis of choice" ବୋଲି କୁହାଯାଉଥିଲା । 'Choice' ଶବ୍ଦଟି 'ସ୍ଥିତିବାଦ' ସହ ସଂପୃକ୍ତ । ସାର୍ତ୍ରେ ତାଙ୍କର Being and Nothingness ନାମକ ଏକ ଧୂଆଁଳିଆ ଦାର୍ଶନିକ ଗ୍ରନ୍ଥରେ 'ସ୍ୱାଧୀନତା' (freedom) ଏବଂ 'ଚେତନା' (consciousness) କୁ ପ୍ରାୟ ଗୋଟିଏ ସ୍ତରରେ ଉପସ୍ଥାପନା କରୁଥାଆନ୍ତି । ତାଙ୍କର ନୈତିକ ଦର୍ଶନ ଅନୁଯାୟୀ ଜଣେ ଲୋକ କେବଳ 'ସ୍ୱାଧୀନ ଚେତନା' ଦ୍ୱାରା ହିଁ ନିଜକୁ ପୃଥିବୀର ଅନ୍ୟମାନଙ୍କଠାରୁ ଅଲଗା ବୋଲି ଦେଖିପାରେ ଏବଂ ଏପରି ଏକ ସ୍ୱାତନ୍ତ୍ର୍ୟ ଦ୍ୱାରା ହିଁ ପୃଥିବୀର ମାନଚିତ୍ରକୁ ବଦଳାଇବାର ଯୋଜନା କରିପାରେ । ତେଣୁ,

Source: Author, Digitized by PPRACHIN, SOA

'ଭଲ' ଆଉ 'ଖରାପ' ବାଛିବାର ଅନ୍ତିମ ଦାୟିତ୍ୱଟି ମଣିଷର ବ୍ୟକ୍ତିଗତ ବ୍ୟାପାର । "ମୁଁ, ଆମ୍ଭେ ଓ ଆମ୍ଭେମାନେ"ର ଚରିତ୍ରମାନେ ଯେଉଁ ପରିଣତିରେ ପହଞ୍ଚିଛନ୍ତି ତାହା ସେମାନଙ୍କର ନିଜର ବ୍ୟକ୍ତିଗତ ବିଷୟର ଯୋଗୁଁ । ସଚ୍ଚିଦାନନ୍ଦ, ବନ୍ୟା ଏବଂ ଅତନୁ ଏବଂ ଅନ୍ୟ ପକ୍ଷରେ ବିଶ୍ୱମୋହନ, ଚନ୍ଦ୍ରଧର ଏବଂ ଗୁରୁବାରି ନିଜ ନିଜ ସ୍ଥିତି ଭିତରେ ଏପରି ଏକ 'ସ୍ୱାଧୀନ ଚେତନା' ଦ୍ୱାରହିଁ ନିଜ ଭାଗ୍ୟକୁ ନିୟନ୍ତ୍ରଣ କରୁଛନ୍ତି ।

କିନ୍ତୁ ସାମଗ୍ରିକ ଭାବରେ ଦେଖିବାକୁ ଗଲେ "ମୁଁ, ଆମ୍ଭେ ଓ ଆମ୍ଭେମାନେ"ର ସ୍ୱର ସାର୍ତ୍ରେଙ୍କର The Critique of Dialectical Reason ଦ୍ୱାରା ଅଧିକ ପ୍ରଭାବିତ ବୋଲି ମନେହୁଏ । ଏହି ଗ୍ରନ୍ଥରେ ତାଙ୍କର 'ସ୍ଥିତିବାଦୀ' ଦର୍ଶନଟି 'ମାର୍କସ୍‌ବାଦ'ର ନିକଟତମ ଅବସ୍ଥାକୁ ଚାଲି ଆସିଛି । ବ୍ୟକ୍ତି, ତାର "ଅହଂ" ଓ ତାର ଚେତନା ଦ୍ୱାରା ସ୍ୱୀକୃତ ଏହି ଦର୍ଶନ ନିଜେ ବାଢିଥିବା ଯୁକ୍ତିଗୁଡ଼ିକୁ ହିଁ ଖଣ୍ଡନ କରୁଛି । ବ୍ୟକ୍ତିଟି କ୍ରମଶଃ ସମୂହ ଭିତରେ ବୁଡ଼ିଯାଉଛି ଏବଂ 'ବ୍ୟକ୍ତି ସ୍ୱାଧୀନତା' ଲୀନ ହୋଇ ଯାଉଛି ଏକ ପ୍ରକାର 'ସାମୂହିକ ସ୍ୱାଧୀନତା'ର ସ୍ୱପ୍ନ ଭିତରେ । ସେହିପରି "ମୁଁ, ଆମ୍ଭେ ଓ ଆମ୍ଭେମାନେ"ର 'ମୁଁ' ମାନେ ଗୋଟିଏ ପରିସ୍ଥିତିର, ଗୋଟିଏ ପରିବେଶର, ଗୋଟିଏ ନାଟକୀୟ ଘଟଣାର କିମ୍ବା "ଅହଂ" ମାନଙ୍କର ସାମଗ୍ରିକତା ଭିତରେ ହଜି ଯାଇଛନ୍ତି । ଉପସ୍ଥାପନାରେ, ଚରିତ୍ରମାନଙ୍କର 'ପ୍ରସ୍ଥାନ'ରେ, କୋରାଲ୍ ହମିଂର ପ୍ରୟୋଗରେ ଏବଂ ଆଲୋକ ସଂପାତରେ ଏଇ ସାମୂହିକ 'ମୁଁ' ଟି ସଚ୍ଚିଦାନନ୍ଦଙ୍କ ଭଳି 'ପ୍ରେତ' ଆଲୁଅ ଭିତରେ ଆବଦ୍ଧ ରହିଛି ଏବଂ ଶେଷକୁ ତାହା ମଧ୍ୟ ଅନ୍ଧାର ଭିତରେ ଅସ୍ପଷ୍ଟ ହୋଇ ଯାଉଛି । ମଞ୍ଚ ଉପରେ ଉପସ୍ଥିତ ଗୁରୁବାରି ଏବଂ ଗୋବିନ୍ଦ ଇତ୍ୟାଦି ପରିବେଶର ଅଙ୍ଗ ବା 'Stage property' ହୋଇ ଯାଇଛନ୍ତି ଅନେକ ଆଗରୁ । ତେଣୁ ନାଟକର ଶେଷରେ ମଞ୍ଚର 'Picture frame' ଟି ଗୋଟିଏ ଅ-ଚରିତ୍ର ଶୂନ୍ୟସ୍ଥାନ ମାତ୍ର । ଏହା ହିଁ ବିରୋଧାତ୍ମକ 'ଦର୍ଶନ' ଏବଂ 'ଅହଂ'ମାନଙ୍କର ଅନ୍ତିମ ନାଟକୀୟ ମୁହୂର୍ତ୍ତ ।

Source: Author, Digitized by PPRACHIN, SOA

ଆରମ୍ଭରେ କାହାଣୀ ନଥିଲା । କିନ୍ତୁ ନିଜ ନିଜ 'ଅହଂ' ଏବଂ ତଦ୍‌ଜନିତ ବହୁଭିାତ୍ମକ ଦ୍ୱନ୍ଦ୍ୱ ଭିତରେ ଚରିତ୍ରମାନେ ଥିଲେ । ନାଟକ ଶେଷ ହେଲାବେଳକୁ ଆଉ ଦ୍ୱନ୍ଦ୍ୱ ନାହିଁ । ଚରିତ୍ରମାନେ ମଧ୍ୟ ଅନୁପସ୍ଥିତ । କିଏ 'ଭଲ' ଆଉ କିଏ 'ଖରାପ', କିଏ 'ଜିତିଲା' ଆଉ କିଏ 'ହାରିଲା' ତାହାର ପାର୍ଥକ୍ୟ ମଧ୍ୟ ନାହିଁ । ସମସ୍ତେ ଯେପରି ଏକ ସାମୂହିକ ସଂସ୍କୃତି ଭିତରେ ଥିବା ବିଭିନ୍ନ ଗୁଣାତ୍ମକ ପ୍ରତୀକ । ଇଲିଅଟ୍‌, ସାର୍ତ୍ରେ, ମାର୍କସ୍‌ ଓ ଫ୍ରଏଡମାନଙ୍କର ଯୁକ୍ତି 'ମୁଁ, ଆମ୍ଭେ ଓ ଆମ୍ଭେମାନେ'ର ସର୍ବନିମ୍ନ 'ଅଣୁ' (Particle) ସ୍ଥିର ବିଶ୍ଳେଷଣ କରିବା ପାଇଁ ମଧ୍ୟ ଅକ୍ଷମ, ଏହା ହିଁ ନାଟକର ନୂତନ ରୂପ । 'ମୁଁ' ଭିତରେ ଥିବା 'ଆମ୍ଭେମାନେ'ର କୋଳାହଳ ଏବଂ 'ଆମ୍ଭେମାନେ' ଭିତରେ ଥିବା 'ମୁଁ'ର ସ୍ୱର । କିଏ ଏହାର ରୂପ ?

କବି ଓ ବିଦଗ୍ଧ ତଥା ପ୍ରଶାସନିକ ଅଧିକାରୀ ଶ୍ରୀ ସୀତାକାନ୍ତ ମହାପାତ୍ର ଓଡ଼ିଆ ନାଟକ ସଂପର୍କରେ ଲେଖିଥିବା ଏକ ଇଂରାଜୀ ପ୍ରବନ୍ଧରେ ଏଇ ନାଟକ ବିଷୟରେ କହିଛନ୍ତି :

> The play is symbolic and does not get enmeshed intellectual celebration. It is a satire on the over riding emphasis, on the ego of modern man.
>
> [Comparative Indian Literature, Ed. K. M. George, Vol. I, 550]

ଏହା ଏକ ବ୍ୟଙ୍ଗାତ୍ମକ ରଚନା କି ନୁହେଁ ମୁଁ ଜାଣିନାହିଁ, କିନ୍ତୁ 'ଅହଂ' କଥାଟି ଆଂଶିକ ସତ୍ୟ । ଷଷ୍ଠ ଦଶକର କବିତାରେ ମଧ୍ୟ 'ଅହଂ' ର ପାଖାପାଖି ଏକ ଆତ୍ମଚେତନା ଆଡ଼କୁ କବିମାନେ ଗତି କରୁଥିଲେ । ସାଧାରଣ ନାଟକରେ ଯେପରି ଘଟଣାଗୁଡ଼ିକ ଗୁଂଥି ହୋଇ ରହିଥାଆନ୍ତି, ସେପରି ଏହି ନାଟକରେ ଚରିତ୍ରମାନଙ୍କର ଆତ୍ମଚେତନାଟି "ସ୍ୱରଲିପି" ଭଳି ରହିଛି । ପ୍ରତ୍ୟେକ ଚରିତ୍ରର ଚେତନାର ସ୍ତରକୁ

Source: Author, Digitized by PPRACHIN, SOA

ଗୋଟିଏ ଗୋଟିଏ 'ସ୍ୱର' ସହିତ ତୁଳନା କରାଯାଇପାରେ । ଏହି ଚରିତ୍ର ପ୍ରଧାନ ଚେତନା ପ୍ରଧାନ । ନାଟକର ସାମଗ୍ରିକ ରୂପକୁ ଗୋଟିଏ ଚେତନାର ମାନଚିତ୍ର ବୋଲି କୁହାଯାଇପାରେ ।

ସମସାମୟିକ 'ବନହଂସୀ'ରେ ବାହାରକୁ "Stream of Consciousness" ଭଳି ଦିଶୁଥିବା ଗୋଟିଏ ନିମଗ୍ନ ସମୟ ଅଛି । ବର୍ତ୍ତମାନ ପ୍ରତି ଅସନ୍ତୋଷରୁ ଜାତ ଏକ ରୋମାଣ୍ଟିକ୍ ନାୟକର ସ୍ମୃତିଚାରଣ ଅଛି ଏବଂ ତାର ସ୍ୱପ୍ନଗୁଡ଼ିକ ମଧ୍ୟ ଅଛନ୍ତି । କିନ୍ତୁ ଏସବୁ ନାଟ୍ୟ ଚରିତ୍ରର ଅଭ୍ୟନ୍ତର ବା କେନ୍ଦ୍ରବିନ୍ଦୁରେ ଘଟୁଥିବା ଫାଣ୍ଟାସି । ତାହା ସେ ସମୟର ଲେଖା ଯାଇଥିବା ହଜାର ସଂଖ୍ୟକ ପ୍ରେମକବିତାର ସ୍ମୃତି ଏବଂ ସ୍ୱପ୍ନ ସଙ୍ଗେ ସମାନ । ନାଟକ ଯେଉଁ ବସ୍ତୁନିଷ୍ଠତାର ଅପେକ୍ଷା ରଖେ ତାହା ସେଥିରେ ନାହିଁ । Freud ଙ୍କର ତତ୍ତ୍ୱ ଅନୁଯାୟୀ ଏହା ନାଟ୍ୟକାରଙ୍କ "ଅପୂର୍ଣ୍ଣ ଆଶା"ମାନଙ୍କୁ ପୂର୍ଣ୍ଣ କରିବାର (wish-fulfilment) ଏକ ମାଧ୍ୟମ ।

"ମୁଁ, ଆମ୍ଭେ ଓ ଆମ୍ଭେମାନେ" ର ଚରିତ୍ରମାନଙ୍କର ଚେତନାଟି 'କେନ୍ଦ୍ରୀଭୂତ' ନୁହେଁ । ସେମାନଙ୍କ ଭିତରେ ପରସ୍ପର ସହିତ 'ସମ୍ପର୍କ' ଓ 'ସଂଯୋଗ' ର ପ୍ରଚେଷ୍ଟା ଚାଲିଛି । ସେମାନେ "ଶବବାହକମାନେ" ର ସୁରେନ୍ଦ୍ର, କରୁଣାକର, ଶାନ୍ତିପ୍ରିୟ କିମ୍ବା ନବେନ୍ଦୁ ନୁହନ୍ତି । ସେମାନେ ଦ୍ରବ୍ୟ ଲିପ୍ସୁ, ଆତ୍ମିକ ସମ୍ପଦଶୂନ୍ୟ "ଶବବାହକ" ନୁହନ୍ତି । ସ୍ଥିତିବାଦୀ-ମାନଙ୍କ ଭଳି ସେମାନଙ୍କ ଭିତରେ ଦେଶ, ସମାଜ ଓ ମୂଲ୍ୟବୋଧମାନଙ୍କ ପାଇଁ ଅଙ୍ଗୀକାର ଏବଂ ସଂକଳ୍ପ ରହିଛି । ସବୁଠାରୁ ବଡ଼ କଥା ହେଲା ଷଷ୍ଠ ଦଶକର ସାଂସ୍କୃତିକ ଓ ବୌଦ୍ଧିକ ତୃଷ୍ଣାଟିଏ ସେମାନଙ୍କ ଭିତରେ ବିଦ୍ୟମାନ । ସେମାନେ ଅନ୍ୱେଷାରତ, ସ୍ୱାଧୀନତା ପରବର୍ତ୍ତୀ ଭାରତର ଆଦର୍ଶଗୁଡ଼ିକ ଭାଙ୍ଗିଯିବା ପରେ ଏବଂ ଅନ୍ୟ କୌଣସି ବିକଳ୍ପ ଆଦର୍ଶ ଏବଂ "ଦେଶ ପ୍ରେମ" ର ଆଧାର ନ ମିଳିବା ଫଳରେ ସେମାନେ ଏକ ସମ୍ପର୍କ ଖୋଜିବାରେ ବ୍ୟସ୍ତ । ସେମାନେ ପ୍ରବୀର ଏବଂ ରାଜୀବ ("ବନହଂସୀ"ର ନାୟକଦ୍ୱୟ)ଙ୍କ ଭଳି ଅପ୍ରଶମିତ ଯୌନକ୍ଷୁଧାର ଶିକାର ନୁହନ୍ତି କିମ୍ବା କ୍ଷୁଧାଜର୍ଜରିତ ମନ ଉପରେ ପ୍ରଣୟର ମୁଖାଟିଏ ପିନ୍ଧି ଅଭିନୟ କରିବା ପାଇଁ ଆଗ୍ରହୀ ନୁହନ୍ତି ।

Source: Author, Digitized by PPRACHIN, SOA

ଶ୍ରୀ ଭୁବନେଶ୍ୱର ବେହେରାଙ୍କ "କଳ୍ପନାରେ ରାଜପୁତ୍ର" ପରି "ଅହଂ"ର ଘୋଡ଼ାଚଢ଼ି ସେମାନେ ନିଜ କେନ୍ଦ୍ରରେ ବୁଲୁଥିବାବେଳେ ସେମାନଙ୍କର ଚେତନାର ସ୍ତର ଯାହା, ନିଜ ଛକ ଉପରେ ଠିଆ ହୋଇ ପରସ୍ପର ସହିତ ସଂଯୋଗ ସ୍ଥାପନ କରିବା ବେଳର ଚେତନା ତାହା ନୁହେଁ । "ମୁଁ, ଆମ୍ଭେ ଓ ଆମ୍ଭେମାନେ"ରେ ମନସ୍ତତ୍ତ୍ୱର କୈନ୍ଦ୍ରିକତା ପ୍ରଚ୍ଛନ୍ନ ଏବଂ ଏହାର ପ୍ରସାରିତ ଭାବଟି ପରିସ୍ଫୁଟ । ପ୍ରହରୀ ଏବଂ ରାଜୀବ (ବନହଂସୀ) କିମ୍ବା ସୁରେନ୍ଦ୍ର, କରୁଣାକର ଓ ଶତ୍ରୁପ୍ରିୟମାନେ (ଶବବାହକମାନେ) ନିଜ ନିଜ ସ୍ୱାର୍ଥ ଏବଂ ଆତ୍ମ ସଂକୀର୍ଣ୍ଣତା ଭିତରେ ଚଲବୁଲ କରନ୍ତି । ଏମାନେ ଏ ଯାବତ୍ ଅବିଭକ୍ତ ବ୍ୟକ୍ତି ସତ୍ତାର ଅଧିକାରୀ । ସେମାନଙ୍କର ମନସ୍ତାତ୍ତ୍ୱିକ କେନ୍ଦ୍ରବିନ୍ଦୁଟିଏ ଅଛି, କିନ୍ତୁ ଚକ ପରିଡ଼ା, ଅତନୁ, ବନ୍ୟା କିମ୍ବା ହୁରଜିତ୍‌ମାନଙ୍କର କେନ୍ଦ୍ରଟି ବହୁଧା ବିଭକ୍ତ । ତେଣୁ ସେମାନେ ସେମାନଙ୍କର ବାହ୍ୟ କ୍ରୀଡ଼ା ଭିତରେ ବିଭିନ୍ନ ମୁଖାଦ୍ୱାରା ପରସ୍ପର ସହ ସଂଯୋଗ ସ୍ଥାପନ କରନ୍ତି ଏବଂ ନିଜକୁ ପରିବ୍ୟାପ୍ତ କରିବା ପାଇଁ ସମର୍ଥ ବୋଲି ମନେ କରନ୍ତି ।

ଘଟଣା, ଚରିତ୍ର ଓ ମାନସିକତାର କେନ୍ଦ୍ର ଓ ପରିଧି ସଂପର୍କରେ ମୁଁ ଏହି ନାଟକର ଦୁଇବର୍ଷ ଆଗରୁ ଲେଖିଥିବା "ବିନ୍ଦୁ ଓ ବଳୟ" ନାଟକରେ । ମଞ୍ଚ ଉପସ୍ଥାପନାରେ ମଧ୍ୟ ଏହି ବଳୟଟି ଛ' ଗୋଟି ଅଭିନୟ ଏବଂ ଆଲୋକିତ ଇଲାକା ମଧ୍ୟରେ ବ୍ୟାପ୍ତ । କିନ୍ତୁ ଏ ସବୁକୁ ଦର୍ଶକ-ମାନଙ୍କ ପାଖରେ ଏତେ ସହଜ, ସରଳ ଏବଂ ପ୍ରଥାଗତ ଶୈଳୀରେ କୁହାଯାଇଛି ଯେ ତାହା ନାଟ୍ୟ ସମାଲୋଚକମାନଙ୍କର ଦୃଷ୍ଟିଗୋଚର ହୋଇପାରି ନାହିଁ । ମଞ୍ଚରେ ଅଭିନୟ ଇଲାକାଗୁଡ଼ିକୁ ଗୋଟିଏ ଡାକବଙ୍ଗଳାର ବାସ୍ତବତା ଭିତରେ ଆବଦ୍ଧ କରି ରଖା ଯାଇଥିବା ଯୋଗୁଁ ମନେ ହେଉଛି ଏହା "ଶବବାହକମାନେ" ଠାରୁ ଅନୁନ୍ନତ । ପ୍ରକୃତରେ "ଶବବାହକମାନେ" ଏବଂ "ନାଲିପାନ ରାଣୀ କଳାପାନ ଟିକା" ଯେଉଁ ନାଟ୍ୟୋତ୍ସବରେ ମଞ୍ଚସ୍ଥ ହୋଇଥିଲା ସେଇ ଉତ୍ସବ ପାଇଁ ମୋର "ବିନ୍ଦୁ ବଳୟ" ନାଟକକୁ 'ଭଗ୍ନାଂଶ' ନାମରେ ପଠାଇଥିଲି । ତାହା ମନୋନୀତ ନ ହୋଇ ଫେରି ଆସିଥିଲା । ଅବଶ୍ୟ ସେତିକି

Source: Author, Digitized by PPRACHIN, SOA

ବେଳକୁ (୧୯୬୬-୬୭) ଉନ୍ନତ ଚିନ୍ତାଧାରାର ସଂଳାପ ଏବଂ ଚରିତ୍ର ଚିତ୍ରଣ ପାଇଁ "ବନ୍ଦ ଓ ବନ୍ଦୀ" ନାଟକ ବ୍ରହ୍ମପୁର ସହରରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା, ପ୍ରତିବନ୍ଧକର କାରଣ ହେଲା ମୁଁ ବ୍ରହ୍ମପୁରରେ ଥିଲି ।

ଏ ସମସ୍ତ ନାଟକକୁ ନାଟକୀୟ ଦ୍ୱନ୍ଦ୍ୱ ଦୃଷ୍ଟିକୋଣରୁ ଆଲୋଚନା କଲେ ଚେତନାର ସ୍ତର ବିଷୟରେ ଆମେ ଅଧିକ ସଚେତନ ହୋଇ ପାରିବା । ମୋଟା ମୋଟି ଭାବରେ ଦ୍ୱନ୍ଦ୍ୱର ପାଞ୍ଚୋଟି ସ୍ତର ଦେଖିବାକୁ ମିଳେ ।

(କ) "ଅନ୍ତର୍ଦ୍ୱନ୍ଦ୍ୱ" ବା ନିଜ ସହ ନିଜର ସଂଗ୍ରାମ ।

(ଖ) "ଚେତନା ସ୍ତରର ଦ୍ୱନ୍ଦ୍ୱ", ଯେଉଁଠି ମଣିଷ ଗୋଟିଏ ସନ୍ତୋଷ-ଜନକ ମୂଲ୍ୟବୋଧର ସଂଧାନ ପାଇବା ପାଇଁ ଚେଷ୍ଟା କରିଥାଏ 'ହାମ୍‌ଲେଟ' ଭଳି ।

(ଗ) "ସାମାଜିକ ଦ୍ୱନ୍ଦ୍ୱ", ଯାହା ବସ୍ତୁତଃ 'ଭଲ' ଏବଂ 'ଖରାପ' ଭିତରେ, ସାମାଜିକ ଓ ରାଜନୈତିକ ସ୍ତରରେ ଦେଖାଯାଇଥାଏ ।

(ଘ) "ମାନବିକ ଦ୍ୱନ୍ଦ୍ୱ" ବା ମଣିଷ ମଣିଷ ଭିତରେ ପ୍ରେମ ଓ ଘୃଣାର ଭାବରୁ ଜାତ ହୋଇଥିବା ଦ୍ୱନ୍ଦ୍ୱ । ଅନ୍ୟର ନିକଟତ୍ୱ ପାଇବା ପାଇଁ, ପ୍ରିୟପାତ୍ରରେ ସାମୀପ୍ୟ ପାଇବା ପାଇଁ, ବ୍ୟକ୍ତି ଓ ବ୍ୟକ୍ତି ମଧ୍ୟରେ ସଂପର୍କ ସ୍ଥାପନ ପାଇଁ ଯେଉଁ ପ୍ରତିବନ୍ଧକ ସବୁ ସୃଷ୍ଟି ହୋଇଥାଏ ସେଥିରୁ "ମାନବିକ ଦ୍ୱନ୍ଦ୍ୱ"ର ଉତ୍ପତ୍ତି । 'ବନହଂସୀ' ଏବଂ 'ଶବବାହକମାନେ' ଏହି ଶ୍ରେଣୀର "ମାନବିକ ଦ୍ୱନ୍ଦ୍ୱ" ଉପରେ ପ୍ରତିଷ୍ଠିତ ନାଟକ ।

(ଙ) ଆଧ୍ୟାତ୍ମିକ ଦ୍ୱନ୍ଦ୍ୱ : ମଣିଷ ଯେଉଁଠି ଏକା ଏକା ତାର ପରିମିତ ଜ୍ଞାନର ମହମବତୀ ଧରି ଏଇ ଅନ୍ତହୀନ ବିଶ୍ୱ ପ୍ରକୃତିର ସଂମୁଖୀନ ହେବାର ଦୁଃସାହସ କରି କିଛି ଦେଖିପାରେ ନାହିଁ । ନିଜ ସଂପର୍କରେ ନିଜେ ତିଆରି କରିଥିବା ସମସ୍ତ ବିଶ୍ୱାସ ଭାଙ୍ଗିଯାଏ ।

Source: Author, Digitized by PPRACHIN, SOA

ଏହି ଦ୍ୱନ୍ଦ୍ୱ ଦେଇ ଯାଉ ଯାଉ ସମୟ ଚେତନା, ମୃତ୍ୟୁ, ପାର୍ଥିବ ବିଶୃଙ୍ଖଳା ଏବଂ ଅନିଶ୍ଚିତ ଐଶ୍ୱରିକ ସତ୍ତାମାନଙ୍କ ଦ୍ୱାରା ସେ ଅଭିଭୂତ ହୋଇଯାଏ। ଆହାକୁହିଁ ଆଧ୍ୟାତ୍ମିକ ଦ୍ୱନ୍ଦ୍ୱର ପରିଣତି ବୋଲି କୁହାଯିବ।

'ମୁଁ, ଆମ୍ଭେ ଓ ଆମ୍ଭେମାନେ' ନାଟକରେ ଚରିତ୍ରମାନେ ପ୍ରାୟ ଏହି ପାଞ୍ଚୋଟି ଦ୍ୱନ୍ଦ୍ୱ ଭିତରେ ଗତି କରି ଆସିଛନ୍ତି। ଅନ୍ତର୍ଦ୍ୱନ୍ଦ୍ୱ ଠାରୁ ଆଧ୍ୟାତ୍ମିକ ଦ୍ୱନ୍ଦ୍ୱ ପର୍ଯ୍ୟନ୍ତ ସବୁ ସ୍ତର ଏଇ ନାଟକର ଉପସ୍ଥିତ। 'ଶବବାହକମାନେ'ରେ 'ମାନବିକ ଦ୍ୱନ୍ଦ୍ୱ' ଠାରୁ ଊର୍ଦ୍ଧ୍ୱକୁ କେହି ଉଠି ପାରି ନାହାନ୍ତି। କାରଣ ତାଙ୍କର ଅନୁଭୂତିର ପରିସର ଭିତରେ କେବଳ ବନ୍ଧୁ, ପ୍ରୀତି ଓ ମାନବିକ ମୂଲ୍ୟବୋଧମାନଙ୍କର ଅବକ୍ଷୟହିଁ ଦୃଶ୍ୟମାନ ହେଉଥିଲା। ଷଷ୍ଠ ଦଶକର କବିତାରେ ମଧ୍ୟ 'ବିଶ୍ୱାସର ଅପମୃତ୍ୟୁ' ଏବଂ 'ଆଦର୍ଶର ହତ୍ୟା' ହିଁ ଥିଲା ମୁଖ୍ୟ ସଂବେଗ। 'ବନହଂସୀ'ର ନରିଚରିତ୍ରଣ ଯୌନକ୍ଷୁଧା, ତାକୁ ଘୋଡେଇବା ପାଇଁ ଏକ ରୋମାଣ୍ଟିକ ପ୍ରଣୟଚେତନା ଏବଂ ତଦ୍‌ଜନିତ ହତାଶାର ସୀମା ରେଖା ଭିତରେ ଆବଦ୍ଧ। ଅତୃପ୍ତ ଯୌନ କାମନାରେ ବିକଳ ସେମାନଙ୍କର ବ୍ୟକ୍ତିତ୍ୱ। ଅଥଚ ବିବାହର ବନ୍ଧନୀ ଡେଇଁ କାମନାର ତୃପ୍ତି ସାଧନ କରିବା ପାଇଁ ସାହସ ନାହିଁ। ସେହିପରି ଏଇ ସମୟର ତୃତୀୟ ବିଖ୍ୟାତ ନାଟକ 'ନାଲିପାନ ଗୋଟି ଓ 'କଳାପାନ ଟିକା'ରେ ନାୟକ ଦର୍ଶନ ଅଧ୍ୟାପକ ପ୍ରଫୁଲ୍ଲ ତାର ବାଲ୍ୟବନ୍ଧୁ ଶୈଳ ମା' ନ ହେଉ ବୋଲି କାହିଁକି ଚେଷ୍ଟା କରୁଥିଲା ତାହା ପ୍ରତ୍ୟେକ ବିବାହିତ ପୁରୁଷ ଜାଣନ୍ତି। ତଥାପି ଆଗନ୍ତୁକ ସନ୍ତାନ ପ୍ରଫୁଲ୍ଲ ଏବଂ ଶୈଳ ଭିତରେ ପ୍ରତିବନ୍ଧକ ହୋଇପାରେ ବୋଲି ସେ ଭାବିଥାଇପାରେ ଏବଂ ଯଦି ଭାବିଥାଏ ତା' ହେଲେ ତାହାକୁ ମନସ୍ତାତ୍ତ୍ୱିକ ଉପସ୍ଥାପନା ବୋଲି କହିବାରେ ଆପତ୍ତି ନାହିଁ।

ପ୍ରକାଶଥାଉକି ୧୯୬୮-୬୯ ମସିହା ବେଳକୁ ସମଗ୍ର ୟୁରୋପୀୟ ସାହିତ୍ୟରେ ସାମାଜିକ ଏବଂ ରାଜନୈତିକ ଚେତନା ସୁସ୍ପଷ୍ଟ। ସେଇ ବର୍ଷ ମାର୍ଟିନ୍ ଲୁଥର୍ କିଙ୍ଗ୍ ମୃତ୍ୟୁବରଣ କରିଛନ୍ତି। ଭିଏତନାମ୍ ଯୁଦ୍ଧ, ଚୀନ ବିପ୍ଳବ, ନକ୍‌ସାଲ୍ ଆନ୍ଦୋଳନ, Womens Lib. ଆନ୍ଦୋଳନ ଏବଂ

Source: Author, Digitized by PPRACHIN, SOA

ଆମେରିକାର New Left Movement ର ସମୟରେ କେବଳ ସମାଜ ସଂସ୍କାରର ସ୍ୱପ୍ନହିଁ ସ୍ପଷ୍ଟ ଦିଶୁଥିଲା ! କଟକ ଓ ଭୁବନେଶ୍ୱର ଭଳି ଦୁଇଟି "ସରକାରୀ ସହର" ବା ଗୋଲାମଙ୍କ ସହରକୁ ଛାଡ଼ିଦେଲେ ଓଡ଼ିଶାର ଅନ୍ୟ ସବୁଠି ଯୁବ ସମାଜ ଦୁର୍ନୀତିଗ୍ରସ୍ତ ଗାନ୍ଧୀଟୋପି ପିନ୍ଧା ପ୍ରତାରକ-ମାନଙ୍କୁ ବ୍ୟଙ୍ଗ କରୁଥିଲା । କଲିକତାରେ, ଦିଲ୍ଲୀରେ, ଓ 'ରଙ୍ଗଲ-ହାଇଦ୍ରାବାଦରେ, ଦିଗମ୍ବରରେ ସାହିତ୍ୟଥିଲା ଉକ୍ତ ବ୍ୟଙ୍ଗର ସାହିତ୍ୟ । ମହାରାଷ୍ଟ୍ରରେ 'ଦଳିତ ସାହିତ୍ୟ' ପ୍ରତି ଆଗ୍ରହ ଏବଂ 'ଧର୍ମଯୁଗ' ଏବଂ 'ସାରିକା' ଭଳି ପତ୍ରିକାମାନଙ୍କରେ ମାନବବାଦର କଥା ଉଚ୍ଚସ୍ୱରରେ ମଞ୍ଚ ଶୁଭୁଥିଲା : "We shall overcome" ଗୀତର ସ୍ୱର । ୧୯୬୮ ମସିହାରେ ମୋର ବନ୍ଧୁ ମାନେ ଉଚ୍ଚାର କରି କହୁଥାଆନ୍ତି Port Huron Statement ର କଥା : "that politics be seen positively, as the art of collectively creating an acceptable pattern of social relations, that politics has the function of bringing people out of isolation into community" ଏହା ଥିଲା ମାର୍କିନ ବାମପନ୍ଥୀ Tom Hayden ଙ୍କ ସ୍ୱର । "ମୁଁ, ଆମ୍ଭେ ଓ ଆମ୍ଭେମାନେ" ଜରିଆରେ ଲୋକଙ୍କୁ ସେଇ କଥା କୁହାଯାଇଛି । କଟକ ଏବଂ ଭୁବନେଶ୍ୱରରେ ଯୌନ ଆବେଗ କଥା କହିଲେ କାଳୁ ମଧ୍ୟବୟସ୍କଙ୍କ ମନରଂସୀ ଅରଣ୍ୟ ଆଡ଼କୁ ଉଡ଼ି ଯାଉଥାଇ ପାରେ । ଦର୍ଶକ ଏବଂ ସମାଲୋଚକମାନେ ପ୍ରଚାର ତ ରାଜୀବଙ୍କ ଭଳି ରାଶି ରାଶି ଯୌନ କାମନାର ବୋଝକୁ ମୁଣ୍ଡରେ ଲଦି ନିଜ ନିଜ "ନିଃସଙ୍ଗତା"ର କୋଠରୀ ଭିତରକୁ ଫେରି ଆସିଥାଇ ପାରନ୍ତି ଓ ଉଷା କମ୍ବା ଗୀତା ସମ୍ପର୍କରେ ଭାବୁ ଭାବୁ ଆତ୍ମହରା ହୋଇ ଯାଇ ଥାଇପାରନ୍ତି । କିନ୍ତୁ "ମୁଁ, ଆମ୍ଭେ ଓ ଆମ୍ଭେ-ମାନେ" ଯେଉଁ ସଚେତନ ଦର୍ଶକମାନଙ୍କ ପାଇଁ ଲେଖା ଯାଇଥିଲା ସେମାନେ ନବନାଟ୍ୟ ଆନ୍ଦୋଳନ ନାମରେ ଯୌନ କାମନା କଥା କହିଥିଲେ ଆଦୌ ସହ୍ୟ କରି ପାରିନଥାନ୍ତେ ।

ତେଣୁ ସେ ସମୟର ଅନ୍ତର୍ଜାତୀୟ, ଜାତୀୟ ଏବଂ ଆଞ୍ଚଳିକ ପ୍ରାଣସ୍ପନ୍ଦନଟିକୁ ଏକ ଉପଭୋଗୀୟ କଥନ ଶୈଳୀ ଦ୍ୱାରା କୁହାଯାଇଅଛି ।

Source: Author, Digitized by PPRACHIN, SOA

ଏହାର ପ୍ରତ୍ୟେକ ମୁହୂର୍ତ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିପାରିବାର କ୍ଷମତା ବହନ କଲାବେଳେ ପ୍ରତ୍ୟେକ ଗ୍ରହଣୀୟ ମୁହୂର୍ତ୍ତରେ ହିଁ ଏହାର ଯତ୍ କିଞ୍ଚିତ ବାର୍ତ୍ତା, ଦର୍ଶନ, ଆବେଗ ବା ମୂଲ୍ୟବୋଧ ଅଭିବ୍ୟକ୍ତ ହୋଇଚି । ଏହାର ସମସାମୟିକ ଅନ୍ୟାନ୍ୟ ନାଟକରେ ଯେପରି ବିଭିନ୍ନ ରଙ୍ଗର ଆଲୋକ ଏବଂ ପ୍ରତୀକ ଦ୍ୱାରା "ନବନାଟ୍ୟ ଆନ୍ଦୋଳନ" ସୃଷ୍ଟି କରା ଯାଇଛନ୍ତି ଏ ନାଟକରେ ସେପରି କରିବାର ଆବଶ୍ୟକତା ଅନୁଭବ କରା ଯାଇନାହିଁ । ବାସ୍ତବ ମନେ ହେଉଥିଲେ ସୁଦ୍ଧା ଏହାର ସ୍ଥାନ, କାଳ ଓ ପାତ୍ର ସମସ୍ତେ ପ୍ରତୀକାତ୍ମକ ଏବଂ ଆମ ସଂସ୍କୃତିର ଏକ ସନ୍ଧିକ୍ଷଣକୁ ବ୍ୟକ୍ତ କରୁଛନ୍ତି । ସେଇ ଶିଛକା ଉପରେ, ଗତାନୁଗତିକ କଥୋପକଥନ ଭିତରୁ ହିଁ ନାଟ୍ୟକଳ୍ପଟି ତିଆରି ହୋଇଛି ।

ମଞ୍ଚଟିକୁ ବିଭିନ୍ନ ଅଭିନୟ ଇଲାକାରେ ବିଭକ୍ତ କରାଗଲା ବୋଲି 'ଶବବାହକମାନେ' ନବନାଟ୍ୟ ଆନ୍ଦୋଳନରେ ମାଇଲଖୁଣ୍ଟି ହୋଇ ପାରିଲା । 'ବନହଂସୀ'ରେ ଡ୍ରାଇବରଙ୍କ ଯୌନ ଫାଣ୍ଟାସୀ ଆସି ମଞ୍ଚ ଉପରେ ରୂପାୟିତ ହେଲା ବୋଲି ତାହା ନବନାଟ୍ୟ ଆନ୍ଦୋଳନ । ତାର ତିନମାସ ପରେ ଲିଖିତ ଏବଂ ପରିବେଷିତ ଏଇ ନାଟକଟି କେଉଁ କାରଣରୁ 'ବନହଂସୀ' ଏବଂ 'ଶବବାହକମାନେ'ର ପଦାଙ୍କ ଅନୁସରଣ କଲା ବୋଲି ସମାଲୋଚକମାନେ କହିଲେ ଏ ଯାବତ୍ ଜଣାଗଲା ନାହିଁ ।

ହୋଇପାରେ କଟକ ଏବଂ ଭୁବନେଶ୍ୱରରେ ଯାହା ହେବ ତାହା ହିଁ ନବନାଟ୍ୟ । ହୋଇପାରେ ସମାଲୋଚକମାନଙ୍କର ପ୍ରିୟଜନମାନେ ଯାହା ଲେଖିବେ ତାହା ହିଁ ନବନାଟ୍ୟ । ହୋଇପାରେ, 'ହାଉଜ୍ ସାଇଜ୍'ରେ ଉପାନ୍ତ ଅଞ୍ଚଳରେ ଛପା ହୋଇଚି ବୋଲି ଏହା ଦ୍ୱିତୀୟ ଶ୍ରେଣୀର ନାଟକ । ସମ୍ଭ୍ରାନ୍ତ ଶୈଳୀରେ କୁହାଯାଇଚି ବୋଲି ସେଗୁଡ଼ିକ ଆଧୁନିକ ଏବଂ ଏହା ଏକ ମଳାମୁଣ୍ଡିଆ, ପ୍ରଥାଗତ, ବୋଧ ଶୈଳୀରେ ଲେଖାଯାଇଚି ବୋଲି ଏହା ଗୌଣ ।

ସମୟର ଆଇନାରେ ମୁଁ ଏବଂ ଆମ୍ଭମାନଙ୍କର ପ୍ରତିବିମ୍ବ ଦେଖୁ ଦେଖୁ ଏତେ କଥା ଦିଶୁଚି । ତା' ଭିତରେ ଆମ ସାହିତ୍ୟ କଣ୍ଠଆଳ-

Source: Author, Digitized by PPRACHIN, SOA

ମାନଙ୍କର କୁତ୍ସିତ ରୂପ । ମୁଁ କିନ୍ତୁ "ନିରବଧି କାଳ"ରେ ବିଶ୍ବାସ କରେନାହିଁ । ଗତ ଏକୋଇଶ ବର୍ଷ ଭିତରେ ଓଡ଼ିଶାରେ 'ମୁଁ, ଆମ୍ଭେ ଓ ଆମ୍ଭେମାନେ' ଯେତେଥର ମଞ୍ଚସ୍ଥ ହୋଇଛି ଏହାର ସମସାମୟିକ କୌଣସି ନାଟକ ସେତେଥର ହୋଇନାହିଁ । ଯଦି ଏହା ତାର ସଫଳତାର ପ୍ରମାଣ ନ ହେଲା ତା' ହେଲେ ସୁଦୃଶ୍ୟ ବନ୍ଧେଇ ଡିମାଇ ସାଇଜ୍‌ରେ ପ୍ରକାଶିତ ଏବଂ ପାଠାଗାର ଭିତରେ ବନ୍ଦୀ ହୋଇ ରହିଥିବା ସାହିତ୍ୟକୁ କିଏ "ନବନାଟ୍ୟ" ବୋଲି କହିବା ?

—ରମେଶପ୍ରସାଦ ପାଣିଗ୍ରାହୀ

ଢେଙ୍କାନାଳ
ଧନୁ ସଂକ୍ରାନ୍ତି,
୧୬ । ୧୨ । ୯୧

Source: Author, Digitized by PPRACHIN, SOA

ମୋ' କଥା

ପ୍ରଥମ ସଂସ୍କରଣର ଭୂମିକା

ଯା' ହେଉ । ଭଲ ହେଲା । ଆଠ ବର୍ଷ ପରେ ନାଟକ ଛପାଇବା ପାଇଁ ମୋର ଇଚ୍ଛା ହେଲା । ଏମିତି ଅନେକ ଇଚ୍ଛା ହୁଏ । ଆଗରୁ ସାତ ଖଣ୍ଡ ନାଟକ ଲେଖିଛି । ଦର୍ଶକ, ସମାଲୋଚକ ଓ ଖବରକାଗଜ କୋଉଠାକୁ ନିନ୍ଦା କରିନାହାନ୍ତି । ତଥାପି ଚାରିପାର୍ଶ୍ୱିକ ଅବସ୍ଥା ନାଇଁ ବୋଲି ନାଟ୍ୟକାର ହେବା ପାଇଁ ଆଗ୍ରହ ନଥିଲା । ଅନ୍ୟ ପକ୍ଷରେ ନିଜକୁ ପ୍ରକୃଶିତ ବା ବନ୍ଦୀ କରିବା ପ.ଇଁ କୁଣ୍ଠା ଥିଲା । ମୋ' ବନ୍ଧୁମାନେ (ଗଞ୍ଜାମ କଳା ପରିଷଦର) ସେ କୁଣ୍ଠା ଦୂର କରିଦେଲେ । ସୁରେନ୍ଦ୍ର ବାବୁ (ଡା: ସୁରେନ୍ଦ୍ରପ୍ରସାଦ ଦାସ) ସବୁବେଳେ ନାଟକ ଲେଖିବା ପାଇଁ ପ୍ରେରଣା ଦେଲେ । କାହାଣୀ କହିଲେ—ସେଟ୍ ବିଷୟରେ ଧାରଣା ଦେଲେ । ମୋ' ମରୁଭୂମିରେ ପାଣି ଦେଲେ, ପବନ ଦେଲେ—ଆଲୁଅ ଦେଲେ । "ମୁଁ, ଆମ୍ଭେ ଓ ଆମ୍ଭେମାନେ" ଅଙ୍କୁରିତ ହେଲା ।

୧୯୬୮ର ଐତିହାସିକ ବାତ୍ୟା ସମୟରେ ଘର ଭିତରେ ମହମବତୀର ଆଲୁଅରେ ଦୁଇଦିନ ନଖାଇ ନପିଇ ଏ ନାଟକଟା ଲେଖିଛି । ପ୍ରତିଯୋଗିତା ପାଇଁ ସମୟ ପାଖେଇ ଆସୁଥାଏ । ବାଳୁ, ଗୋକୁଳ ବାବୁ, ଶୈଳେନ୍ଦ୍ର ବାବୁ, ଛବି ବାବୁ, ମାଧବ ବାବୁ ଓ ଦଣ୍ଡପାଣି ନାଟକ ଲେଖୁନ୍ତି

Source: Author, Digitized by PPRACHIN, SOA

ବୋଲି ଗାଳି ଦିଅନ୍ତି । ସମୁଦ୍ରୀ ସେଇ ବାତ୍ୟା ଘାତରେ ଜୀବନକୁ ବିପନ୍ନ କରି ମୋ ପାଇଁ ଖାଦ୍ୟ ଆଣି ଦେଉଛନ୍ତି । ଏମିତି ଏକ ଘୂର୍ଣ୍ଣି ଭିତରେ ଲେଖା ଏଇ ନାଟକ ଯେ ଏକ ବିଶେଷ ସାହିତ୍ୟିକ କୃତି ହୋଇଥିବ—ସେ ଧାରଣା ମୋର ନଥିଲା କିମ୍ବା ନାହିଁ । ମୋ' ବିଷୟରେ କହିବା ପାଇଁ ମୁଁ କିଏ ?

ଭାସ୍କର ବାବୁ ନାଟକ ଛପାଇବା ପାଇଁ ଚାରିବର୍ଷ ହେଲା ମୋ' ସାଂଗରେ ଲଗେଇଥିଲେ । ମନା କରୁଥିଲି । ଆଜି ସେ ଜିତିଗଲେ । ତାଙ୍କୁ ମୋର କୃତଜ୍ଞତା ଜଣାଉଅଛି । ଆଜିଠାରୁ ତାଙ୍କୁ ନାଟକ ଭଳି କେତେଟା ନାଟକ ଛପାଇବା ପାଇଁ ଦେବି । ଅନେକ ପରିଶ୍ରମ ଆଉ ଆନ୍ତରିକତାର ସ୍ପର୍ଶ ଦେଇ ବିପିନ୍ ମଲାଟଟାକୁ ରଙ୍ଗୀନ କରିଛନ୍ତି । ତାଙ୍କୁ ମୋର କୃତଜ୍ଞତା ଜଣାଉଛି । ଅଧ୍ୟାପକ ସୁଦର୍ଶନ ଆଚାର୍ଯ୍ୟଙ୍କୁ ନାଟକର ପ୍ରୁଫ୍ ସଂଶୋଧନ ପାଇଁ ଧନ୍ୟବାଦ । ବାଲୁ, କୁନୁ ଓ ଗୌର ଭାଇନାଙ୍କୁ ଏ ନାଟକର ସଙ୍ଗୀତ ନିର୍ଦ୍ଦେଶନା ପାଇଁ, ସର୍ବଶେଷରେ ଗଞ୍ଜାମ କଳା ପରିଷଦର ବନ୍ଧୁମାନଙ୍କୁ । ସେମାନେ ନାଟକର ଏଇ ଚରିତ୍ରମାନଙ୍କୁ ଯେଭଳି ସୁନ୍ଦରଭାବେ ଫୁଟେଇଛନ୍ତି ଓଡ଼ିଶାରେ ଆଉ କେହି ସେମିତି ଫୁଟେଇ ପାରିବେନି । ଅନେକଙ୍କ ପାଇଁ ଭ୍ରାନ୍ତ ହେଲେ ମଧ୍ୟ ଏଇଟା ମୋର ଗର୍ବ—ମୋ' ପାଖରେ କୁଶଳୀ କଳାକାରମାନଙ୍କର ଏମିତି ଗୋଟାଏ ଗୋଷ୍ଠୀ ଥିଲା ଏବଂ ସୁରେନ୍ଦ୍ର ବାବୁ ତ ଏ ନାଟକର ସବୁ । ତାଙ୍କର ପ୍ରେରଣା, ତାଙ୍କର କାହାଣୀର ରୂପରେଖା ଆଉ ଆନ୍ତରିକତାରେ ଏଇ ନାଟକର ଜନ୍ମ—ତାଙ୍କରି ମନୋଜ୍ଞ, ପରିକଳ୍ପନା ଓ ନିର୍ଦ୍ଦେଶନରେ ଏହା ସମୃଦ୍ଧ । ତାଙ୍କୁ ଦେବା ପାଇଁ ମୋର କିଛି ନାହିଁ । ଖାଲି ଗ୍ରହଣ କରିବା ପାଇଁ ଅପେକ୍ଷା ଅଛି । ନାଟକର ଦୃଶ୍ୟକଳ୍ପନାବେଳେ ଗୋପାଳ ରଥ ଓ ପୂର୍ଣ୍ଣ ରଥଙ୍କୁ ଭୁଲିବିନି !

Source: Author, Digitized by PPRACHIN, SOA

ଏବଂ ଭୁଲବନ ଚୌଧୁରୀ (କୁମାରୀ ଆଲ୍‌ପନା ଘୋଷ)କୁ । କୁଆଡ଼େ—? ମୋ' ବନ୍ଧୁର ହିରୋଇନ୍ ହେବାପାଇଁ ଅନେକ ପରିଶ୍ରମ କରିଛ । ତା ଜୀବନର ପ୍ରଥମ ନାଟକ କରିଛି । କାନ୍ଦ, ଅଭିମାନ, ରାଗ ଆଉ ରୁଷା ଭିତରେ ତାର ଶିଖିବାର ଇଚ୍ଛା ଥିଲି ବୋଲି ସେ ବନ୍ୟା ଚରିତ୍ରକୁ ଅନେକଟା ସଫଳ ରୂପ ଦେଇଥିଲି । ଯଦି ତାର ଅଭିନେତ୍ରୀ ହେବାର ଇଚ୍ଛା ଥାଏ ତାକୁ ମୁଁ ଆଶୀର୍ବାଦ କରିବ ।

ପ୍ରକାଶକ ଭାସ୍କର ବାବୁଙ୍କୁ ପୁଣି ଥରେ ଧନ୍ୟବାଦ ଜଣାଉଛି । ଅତି ଶୀଘ୍ର ମୋର ପୁରୁଣା ସାତୋଟି ନାଟକ ଓଡ଼ିଶା ଆଗରେ ରଖିଦେବ ବୋଲି ପ୍ରତିଶ୍ରୁତି ଦେଇ ରହୁଛି ।

—ରମେଶ

ମାର୍ଚ୍ଚ, ୧୯୭୦
ଟିଟିଲାଗଡ଼ ।

*

ଓଡ଼ିଶା କଲ୍‌ଚରାଲ୍‌ ଆସୋସିଏସନ
ଭୁବନେଶ୍ୱର

ଯୋଗ୍ୟତାପତ୍ର

୧୯୭୯ ମସିହାରେ ଅନୁଷ୍ଠିତ ୨ୟ ନିଖିଳ ଉତ୍କଳ ନାଟକ ପ୍ରତିଯୋଗିତାରେ **ଶ୍ରୀ ରମେଶପ୍ରସାଦ ପାଣିଗ୍ରାହୀ**, ଦ୍ୱିତୀୟ ଶ୍ରେଷ୍ଠ ନାଟ୍ୟକାର ରୂପେ ସ୍ଥାନ ଅଧିକାର କରିଥିବାରୁ ଏହି ଯୋଗ୍ୟତାପତ୍ର ପ୍ରଦାନ କରାଗଲା ।

ବିଜୟଚନ୍ଦ୍ର ପାଢ଼ୀ	**ମୁରାରୀପ୍ରସାଦ ମିଶ୍ର**	**ଶ୍ରୀ ରାଜବଲ୍ଲଭ ମିଶ୍ର**
ସାଧାରଣ ସମ୍ପାଦକ	ମୁଖ୍ୟଅତିଥି	ସଭାପତି

Source: Author, Digitized by PPRACHIN, SOA

ଭୂମିକାରେ :

ବିଶ୍ୱାନନ୍ଦ	ଡା: ସୁରେନ୍ଦ୍ରପ୍ରସାଦ ଦାଶ
ଗୋବିନ୍ଦ ସାହୁ	ଡା: ଶୈଳେନ୍ଦ୍ରପ୍ରସାଦ ସାହୁ
ଗୁରୁବାରିଆ	ବାଳକୃଷ୍ଣ ଦାସ
ମୁକୁନ୍ଦ	ଅଚ୍ୟୁତାନନ୍ଦ ପ୍ରହରାଜ
ଚନ୍ଦ୍ରାଧର	ଡା: ଅଭୟ ମିଶ୍ର
ବିଷ୍ଣୁମୋହନ	ଡା: ମାଧବଚନ୍ଦ୍ର ମିଶ୍ର
ଅଚନୁ	ଡା: ଛବିଳପ୍ରସାଦ ମହାନ୍ତି
	(ପରେ) ପୂର୍ଣ୍ଣଚନ୍ଦ୍ର ରଥ
ସୁରଜିତ୍	ପ୍ରମୋଦକୁମାର ଦାସ
ଦୋଳଗୋବିନ୍ଦ	ଶ୍ୟାମସୁନ୍ଦର ଶତପଥୀ
ବନ୍ୟା	କୁମାରୀ ଆଲପନା ଘୋଷ

ନିର୍ଦ୍ଦେଶନା :

ଡା: ସୁରେନ୍ଦ୍ରପ୍ରସାଦ ଦାଶ (ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକରୂପେ ଓ: ସି: ଏ: ଦ୍ୱାରା ବିବେଚିତ)

ମଞ୍ଚ ସଜ୍ଜା ଓ ଆଲୋକ :

କେଦାରନାଥ ଆପଟ

ଚଗନ ପଟ୍ଟନାୟକ

ପ୍ରଦୀପଚନ୍ଦ୍ର ପାଢ଼ୀ

ଅଶୋକକୁମାର ପାଢ଼ୀ

କଣ୍ଠଶିଳ୍ପୀ :

ଡ: ବିବେକାନନ୍ଦ ମିଶ୍ର

ସଙ୍ଗୀତ :

କୁନୁ

*

Source: Author, Digitized by PPRACHIN, SOA

ପ୍ରଥମ ଆଲୋକ

[ସହର ଉପକଣ୍ଠରେ ଏକ ବସ୍‌ଷ୍ଟାଣ୍ଡରେ ସକାଳ ହୋଇଛି । ଗ୍ରେଟ ବସ ଷ୍ଟାଣ୍ଡଟିଏ । ସାମନାରେ ରାସ୍ତା କମ୍ ଜନଗହଳ । ରାସ୍ତା ଧାରରେ ଗୋଟିଏ ଚା ଖଟି । ମାଲିକ ଗୋବିନ୍ଦ ସାହୁ ଗଛପାଖ ପୋଖରୀକୁ ଯାଇଛନ୍ତି । ଚା ଖଟି ଉପରେ ରାସ୍ତା କଡରେ ବଟବୃକ୍ଷଟିର ଛାୟା ପଡିଛି । ବେଳେ ବେଳେ ଗ୍ରାମ୍ୟ ପକ୍ଷୀର କାକଳୀ ଶୁଭୁଛି । ମଝିରେ ମଝିରେ କାଉଟିଏ କା' କା' କରି ଉଡି-ଯାଉଛି । ଆଲୋକ ଜଳିଲା ବେଳକୁ ଗୋବିନ୍ଦ ସାହୁଙ୍କ ପୁଅ ଗୁରୁବାରିଆ ବସିଛି ଦୋକାନ ପାଖ ଗଛ ଗୁଣ୍ଡିରେ ଖଣ୍ଡେ ଅଖା ପକାଇ । ଗାଁ ଭଣ୍ଡାରି ମକୁନ୍ଦ ତା ମୁହଁରେ ସାବୁନ୍ ଦେଇ କ୍ଷୁରଟିକୁ ଶାଣ କରିବାରେ ବ୍ୟସ୍ତ । ଗୁରୁବାରିଆ ପାଖରେ ଖଣ୍ଡେ ବନସ୍ପା ଓ କଣ୍ଟି ଚୂଡ଼ା]

ଗୁରୁବାରିଆ ॥ ହାଏ, ଟିକିଏ ଚଞ୍ଚଳ ମାରିଦେ । ବା' ଆଇଲେ ଛଡ଼ୁ କରିଦେବ ।

ମକୁନ୍ଦ ॥ (କ୍ଷୁର ଘଷ୍ ଘଷ୍) ହାଡ଼ି ତ ଉଠୁନ । ନଡ ଥରେ କ୍ଷୁର ନ ବୁଲେଇଲେ କେଉଁ ରାଜକାର୍ଯ୍ୟଟା ଏମିତି ଅଶୁଦ୍ଧ ହେଇଯାଉଛି କି ?

Source: Author, Digitized by PPRACHIN, SOA

ଗୁରୁବାରିଆ ॥ ଆଜି ପରା ମୁଁ ସିନେମା ଦେଖିବାକୁ ସହର ଯିବିରେ ଦାଦା ! ମୁହଁଟା ଟିକିଏ ଚିକଣିଆ ନକଲେ କେମିତି ହେବ ? (ଟିକିଏ ପରେ) ହେଇ ! କ୍ଷୌର କରିସାରି ଟିକିଏ ଇଢ଼ର ସ୍ନୋ ମାଖିଦେବୁ—ବଢ଼ିଆ ବାସ୍ନା ।

[ମକୁନ୍ଦ ମୁହଁରେ ସାମାନ୍ୟ ବିରକ୍ତି]

ମକୁନ୍ଦ ॥ ହଃ ! —ପୁଅ ବଡ଼, ପଜନ୍ତି ଗୁଣ୍ଡି ଗୁଣ୍ଡି ମୁହଁ ଡେଳିଆ ପଡ଼ିଯାଉ ପଛକେ—ରସ ନଗିଡ଼ି ପଡ଼ୁଛି— ! କହିଲି, ଇଢ଼ର ସ୍ନୋ—କରେ ବାପ କୁଆଡ଼େ ସହରରେ ତୋ' ପାଇଁ କନିଆ ଫନିଆ ଠିକଣା କରୁଛି କିରେ ?

[ଗୁରୁବାରି ଟିକିଏ ଲାଜେଇ ଗଲା]

ଗୁରୁବାରିଆ ॥ ନାଇମ ଦାଦା ! ସବୁଦିନେ ତୋର ସେଇ କଥା—! ଟିକିଏ ବାସନା ହବ ବୋଲି ଏମିତି କହୁଥିଲି ନା—!

ମକୁନ୍ଦ ॥ ହଉ ··· ··· ଆ ପାଖକୁ ଆ— (କ୍ଷୁର ଚଳେଇଛି) ।

ଗୁରୁବାରିଆ ॥ (ଅଧାରୁ) ଏ ଦାଦା ! ଗୋଟିଏ କଥା ପଚାରିବି ?

ମକୁନ୍ଦ ॥ କି କଥା ?

ଗୁରୁବାରିଆ ॥ ନାଇଁ ତୁ ରାଗିବୁ ?

ମକୁନ୍ଦ ॥ ଏମିତି ପଦେ ପଦେ କହୁଦଉଛୁ ବୋଲି ସବୁ କଥାରେ ରାଗିବି ବୋଲି କାହିଁକି ଭାବୁଛୁ ଯେ ?

ଗୁରୁବାରିଆ ॥ ଅଚ୍ଛା ଦାଦା ! ଓଡ଼ଶ ଗୁହରପୋକ ମାଇଲେ କଣ ପାପ ହୁଏ ?

[ମକୁନ୍ଦ ଟିକିଏ ଚିନ୍ତା କଲା]

ମକୁନ୍ଦ ॥ ହଁ—ହଉଥିବ — ନିଶ୍ଚୟ ହଉଥିବ—ଯିଏ ହ ତ ପୁଣି ଗୋଟାଏ ଜୀବ ।

ଗୁରୁବାରିଆ ॥ ତା ହେଲେ ତ ମୁଁ ପାପ କରିଛି ଦାଦା ! ପୁଣି ଯିବା— ନରେନ୍ଦ୍ର ପୋଖରୀରେ ପାପ ହକାଳି ଆସିବା ।

Source: Author, Digitized by PPRACHIN, SOA

ମକୁନ୍ଦ ॥ ଘୁଞ୍ଚ, ଘୁଞ୍ଚ ! ଯେତେସବୁ ନୁଖୁରା କଥାକୁ ଗଣ୍ଠି କରି ଧରିଥିବ ! ଗଡ଼ରେ ନଦ ବାଉଳାରେ କୋଉଠି କଣ ହେଇଯାଉଥିବ ସେ କଥାକୁ ପୁଣି ଯିବ ! ବୋଉ ଗ୍ରହଟା ଏମିତ ଖରାପ ହୋଇ ଯାଇଛି ଯେ ! -ହଇରେ ବାପ ! ଦୋକାନ ଖଟିଟିଏ ତ କରିଛୁ, ତାକୁ ରଖି ସମ୍ଭାଳି ଚଳେଇଲେ ହ'ନ୍ତାନି ? [ଗୁରୁବାରି କଛି ସମୟ ଅନ୍ୟମନସ୍କ ହେଲାପରେ

ଗୁରୁବାରିଆ ॥ ହଁ ହଁ ମନେ ପଡ଼ିଲା ମକୁନ୍ଦ ଦାଦା ! ଆମ ଗାଁକୁ ପରା ଅଷ୍ଟଗ୍ରହ କୃଟ ଗ୍ରାସ କରିବରେ ?

ମକୁନ୍ଦ ॥ ଛେଇନା ଗ୍ରାସ କରିବ ?

ଗୁରୁବାରିଆ ॥ ଏଃ ! ଯେମିତ ତୁ କଛି ଜାଣୁନଥିବୁ ? ହଇରେ ମରିଯିବେ ବୋଲି ପରା ସମସ୍ତେ ଛିଗି, ଆରିଷା କରି ଖାଇଛନ୍ତିରେ ! ତମ ଘରେ କଣ ହେଉନଥିବ କି ?

[ଇତିମଧ୍ୟରେ ଭଙ୍ଗା ସ୍ୱରରେ ପଦେ ପଦେ ଶ୍ଳୋକ ଗାଇ ସଦ୍ୟସ୍ନାତ ଗୋବନ୍ଦ ସାହୁର ପ୍ରବେଶ— ଗୁରୁବାରିଆ ତର ତରରେ ସାବୁନ୍ ପୋଛି ପକାଇ ଯାଇ ଦୋକାନ ପାଖରେ କାର୍ଯ୍ୟ ବ୍ୟସ୍ତତାର ଛଳନା କରିଛି—କନ୍ତୁ ଗୋବନ୍ଦ ସାହୁ ଆଖିରୁ ଖସି ଯାଇନ]

ଗୋବନ୍ଦ ॥ ବଦମାସ୍ (pause) ଦୋକାନଟା ଉପରେ ଟିକିଏ ନଜର ରଖିବାକୁ କହିଲେ ଏଇଠି ବସି ଦାଢ଼ି ବନଉଛୁ ! ନତ କ୍ଷୌର ନହେଲେ ବାବୁଙ୍କର ଚଳିବନ—

ମକୁନ୍ଦ ॥ ଆହା, ପିଲଟା ଉପରେ ସକାଳୁ ସକାଳୁ ଏମିତ ରାଗୁଛ କାହିଁକି ଗୋବନ୍ଦାଇ ? ମୁଣ୍ଡକୁ ହାତ ପାଇଲାଣି—ଏଣିକ ତ ପୁଣି ଟିକିଏ ସଫା ସୁତୁରା ହବ ! [ଓଦା ଲୁଗାଟା ଦୋକାନ ଦାଣ୍ଡରେ ଶୁଖାଉ ଶୁଖାଉ]

Source: Author, Digitized by PPRACHIN, SOA

ଗୋବନ୍ଦ ॥ ହଁ ହଃ—କହିଲ ଉଣ୍ଡାର ବୃଦ୍ଧି ! ସଫା ସୁନ୍ଦର ହବ ? ଏଣେ ବଗ ପିଆଜ ଖଣ୍ଡିକ କାଢ଼ ନେଇ ଗଛ ଉପରକୁ ଗ୍ଟଲିଯାଉ ପଛକେ ! ହଇ ହେ ! କୋଉ ଗୁଣକୁ ଏତେ ସଫା ସୁନ୍ଦର ? ନାଇଁ—ତୁ କହ ମକୁନ୍ଦ । ଖାଲି ମୁହଁଟା ଗ୍ଟକ ଚକ୍‌କଣ ହୋଇଗଲେ କଣ ସବୁ ହୋଇଗଲା ? ତୁ ତ ନିତି ସକାଳୁ ଏମିତି ହଜାରେ ଲୋକଙ୍କର ମୁହଁ ସଫାକରି ଚକଚିକିଆ କରୁଛୁ, ହେଲେ କଣ ଦୁନିଆଟା ବଦଳି ଯାଉଚି ନା ସମସ୍ତେ ସଫା ହୋଇ ଯାଉଛନ୍ତି—? ବୁଝିଲୁ ଏ ସବୁ ଏ ଯୁଗର ଖୋ'ଇ ।

ଗୁରୁବାରିଆ ॥ ତମେ ବୁଢ଼ା ହୋଇଗଲଣି ବୋଲି ଏତେ କଥା କହୁଛ ନା ? ମୋ ବୟସରେ କଣ ତୁମେ ଦାଢ଼ି କାଟୁ ନଥିଲ କି ?

ଗୋବନ୍ଦ ॥ ସ୍ଟପ୍ !! ସିଧା ବାଟରେ ଘରକୁ ଫିରୁନା ଦେବ ଏଇନା—କୁଳାଙ୍ଗାର !!!

ଗୁରୁବାରିଆ ॥ (ଯାଉ ଯାଉ) ହଉ ଯାଉଚି—ବୋଉକୁ କହିଦେବି ଯେ·

ଗୋବନ୍ଦ ॥ ଏଁ··· ! ଦେଖିଲୁ, ଦେଖିଲୁ ମକୁନ୍ଦ ! ପିଲାଟାର ବହପ ଦେଖିଲୁ ? ଆଚ୍ଛା—ହଉ, କହୁନୁ,—କହ—ମୁଁ କଣ ଡରୁଛି କି ? ଆରେ ମୁଁ ବାହା ହୋଇଚନା—ସେ ମତେ ବାହା ହୋଇଚି ବା— ?

ମକୁନ୍ଦ ॥ ତୁମେ ବି ଏମିତି ନିତି ନିତି ଖଚ୍ ଖଚ୍ ହେବାଟା ଆଖିକୁ ସୁନ୍ଦର ଦିଶୁନି ଗୋବନ୍ଦାଇ । ଷୋହଳ ବର୍ଷ ହୋଇଗଲାଣି ପରା !

ଗୋବନ୍ଦ । ମୁଣ୍ଡରେ ବସେଇବି—ତୁ ଯେମିତି ଝିଅଟାକୁ ମୁଣ୍ଡରେ ବସେଇ ଫଳ ପାଇଲୁ ! [ମକୁନ୍ଦର ମୁହଁଟା ଶୁଖିଗଲା]

ମକୁନ୍ଦ ॥ (pause) ଓହୋ—ଆଉ କହନାରେ ଗୋବନ୍ଦାଇ—ସକାଳୁ ସକାଳୁ ସେ ଅଲକ୍ଷଣୀର କଥା କହନି ।

Source: Author, Digitized by PPRACHIN, SOA

ଗୋବିନ୍ଦ ॥ ମୁଁ ସେଇକଥା ଶୁଣିଲି ମକୁନ୍ଦ—ହେଲେ ପଚାରିବା ପାଇଁ ସାହସ ହେଲାନି । ହଇରେ ସେ ପଣ୍ଡିତ ଘର ପୁଅଟା ଏତିକ ଛାଡ଼ିବ ?

ମକୁନ୍ଦ ॥ ଆଉ କହନି ଗୋବିନ୍ଦଭାଇ—ଗାଁ ସାରା ସ୍ପଷ୍ଟ ହେଇଗଲାଣି । ଭୁଣ୍ଡ ବାଇଦ ସହସ୍ର କୋଶ । ଓହୋ—ମୋ ମୁହଁରେ ଚୂନକାଳି ଲଗେଇ ଦେଲା ଝିଅଟା !

ଗୋବିନ୍ଦ ॥ ତମ ପରିଡ଼ା କଣ କହୁଛି ?

ମକୁନ୍ଦ ॥ ହୁଁଃ, ତା ନାଁ ଧରନା । ଓଲଟି, ମତେ କହିଲା ତୋ ଝିଅ ମୋ ପୁତୁରାକୁ ନଷ୍ଟ କରିଦେଲା । କରେ ମୋର ଡଅପୋଇ ପର ଅଲଅଳ ଝିଅ, ସୀତା ସାବିତ୍ରୀ ଠଉଁ ଆହୁରି ସତୀ ···

ଗୋବିନ୍ଦ ॥ ହେଲେ ମକୁନ୍ଦ, ତୁ ଏତେ ନଜର ରଖି, ଓସ୍ତାଦିଆ ଲୋକ ହେଇ ଏଇତକ ଜାଣି ପାରିଲୁନି ? ତା ଗୋଡ ଦି'ଟା ଟାଙ୍ଗିଆରେ ହାଣି ଦେଇଥାନ୍ତୁ ନା ?

ମକୁନ୍ଦ ॥ ମୁଁ ହାରିଗଲି ଗୋବିନ୍ଦଭାଇ — ଏ ଯୁଗର ଟୋକା ଟୋକୀଙ୍କୁ ଆଜି ପାରି ହେଲାନି । ନହିଁ ପଡ଼ିଲେ ଆଖିରେ ଧୂଳି ପକେଇ ଦେବେ । ହେଲେ ଆମ ଅମଳରେ ତ ଏତେ କଥା ନଥିଲା ?

ଗୋବିନ୍ଦ ॥ ହଁ ନଥିଲା କାହିଁକି ? ହେଲେ ଏତେଟା ନଥିଲା ! ଏମିତି ଉଦ୍‌ବାର୍ଯ୍ୟ ହଉଛନ୍ତି ଏ ଯୁବକ—ଆଖି ଆଗରେ ଦେଖିଲୁ ତ ଏଇ କୁଳ ଚନ୍ଦ୍ରମାକୁ—ସ୍ନୋ ମାରିବ, ସିନେମା ଦେଖିବ, ପୋଖରୀରେ ବନସୀ ପକାଇ ମାଛ ମାରିବ । ହେଲେ ଟିକିଏ ଦୋକାନରେ ବସିବାକୁ କହିଲେ ବାବୁଙ୍କ ମୁହଁ ଆମ୍ବିଳା ।

[ଇତିମଧ୍ୟରେ ମକୁନ୍ଦ ଦାଢ଼ିକାଟି ଗିନା, ସାବୁନ୍, କ୍ଷୁର ଇତ୍ୟାଦି ଧୋଇ ଦୋକାନ ପଛପଟ ପୋଖରୀ ହିଡ଼ରେ ପାଣି ଅଜାଡ଼ୁ ଥିଲା, ଗୋବିନ୍ଦ ଲୁଗା ଶୁଖେଇ, ଦୋକାନରେ ଧୂପ ଦେଇ ସାର୍ଟ ପିନ୍ଧୁଥିଲେ କମ୍ପା ପାନ ଭାଙ୍ଗୁଥିଲେ । ମକୁନ୍ଦ ପଚାରିଲା]

Source: Author, Digitized by PPRACHIN, SOA

ମକୁନ୍ଦ ॥ ଗୁଡ୍ । କ'ଣ ଚା କପେ ଦବ ନା ପରେ ଆସିବ ?

ଗୋବିନ୍ଦ ॥ ହେଇପରା, ଟିକିଏ ଚୁଲିଟାକୁ ନଜର ଦେ କହିଲାରୁ ବାବୁ ମୁହଁ ଚିକ୍କଣିଆ କରୁଥିଲେ !

ମକୁନ୍ଦ ॥ ତା ହେଲେ ମୁଁ ଟିକିଏ ବୁଲି ଆସୁଛି ।

ଗୋବିନ୍ଦ ॥ ଆରେ ବସ୍ ବସ୍ ମୁଁ ଏବେ କରିଦେଉଛି ।

[ଗୋବିନ୍ଦ ଆଉଥରେ କେଟେଲୀ ବସେଇଲା ଏବଂ ପଙ୍ଖାଧରି ଚୁଲିରେ ନିଆଁ ତେଜିଲା । ଠିକ୍ ସେତିକି ବେଳେ ଦୂରରୁ ଜଣେ କିଏ ଗଳା ସଫାକରିବା ଶବ୍ଦ ଶୁଣାଗଲା । ଗୋବିନ୍ଦ ସେଇ ଆଡ଼କୁ ଚାହିଁଲା । ଓ୍ୱିଙ୍ଗସ୍ କଡ଼ରୁ ପୁଣି ଶୁଭିଲା "କଣ ମହାନ୍ତିଏ ! କଟକ ଯାଉଛ ନା କଣ ? ଏଁ ? ଚନ୍ଦ୍ରଧର ପରିଡ଼ାର ଏ ଗଳା ଶୁଣି ଗୋବିନ୍ଦ ସାହୁ ମକୁନ୍ଦକୁ କହିଲା ।

ଗୋବିନ୍ଦ ॥ ହେଇ ଚନ୍ଦ୍ରଧର ପରିଡ଼ା ଆସିଲେଣି ।

ମକୁନ୍ଦ ॥ ମୁଁ ତାହାହେଲେ ଯାଉଛି ଗୋବିନ୍ଦଭାଇ—ସେଇଠାର ମୁହଁ ଚାହିଁବାକୁ ମୋର ଘୃଣା ହଉଚି ।

ଗୋବିନ୍ଦ ॥ ସମୁଦ୍ଧି ହବ ପରା ?

ମକୁନ୍ଦ ॥ ଗୋବିନ୍ଦଭାଇ ! ତୁମେ ବି ଶେଷକୁ ସେହି କଥା କହିଲ ?

[ଏହା କହି ଚା'କୁ ଅପେକ୍ଷା ନକରି ମକୁନ୍ଦ ପଛମୁହାଁ ହେଇ ବାହାରି ଗଲାବେଳେ ସେଇପଟୁ ଆସୁଥିବା ଚନ୍ଦ୍ର ପରିଡ଼ାଙ୍କ ସହ ଧକ୍କା ହେଇଛି । ମକୁନ୍ଦ ଉଠିଯାଇ ଚାଲିଗଲା ଦ୍ରୁତଗତିରେ । ଚନ୍ଦ୍ର ପରିଡ଼ା ମୁହଁରେ ବିରକ୍ତି ସୂଚାଇ ତା ଆଡେ ଚାହିଁଲେ ଏବଂ ମୁହଁ ଫେରାଇ ଗୋବିନ୍ଦ ସାହୁ ଉଦ୍ଦେଶ୍ୟରେ କହିଲେ]

ଚନ୍ଦ୍ରଧର ॥ ସାହୁଏ —

Source: Author, Digitized by PPRACHIN, SOA

ଗୋବନ୍ଦ ॥ ନମସ୍କାର ଆଜ୍ଞା ! — ବସନ୍ତୁ ।

ଚନ୍ଦ୍ରଧର ॥ ଗିଲାସେ ଗ୍ଲ ବନେଇବ ଗୋବନ୍ଦ ।

ଗୋବନ୍ଦ ॥ ବସନ୍ତୁ ଆଜ୍ଞା ।

ଚନ୍ଦ୍ରଧର ॥ ବସ୍ ଗୁଲାଗଲଣି ?

ଗୋବନ୍ଦ ॥ ନାଇଁ ଆଜ୍ଞା ।

ଚନ୍ଦ୍ରଧର ॥ (ମୁହଁରେ ବିରକ୍ତ । ବଡ଼ ଲଗେଇଲେ) ଆଜ ଏକା ଯେ ? ପିଲଟା କାହିଁ ?

ଗୋବନ୍ଦ ॥ ବାଳୁଙ୍ଗା ହୋଇଗଲା ଆଜ୍ଞା—ମୋ' ମୁଣ୍ଡ ଉପରେ ସବୁ ଘର— ତେଣେ ଘରେ ତନିଜଣ କଚିସବନ୍ଧା ହୋଇ ଜ୍ୱରରେ ଶୋଇଛନ୍ତି—

ଚନ୍ଦ୍ରଧର ॥ ଜ୍ୱର ? କଣ ଏ ଡେଙ୍ଗୁ ଜ୍ୱର ନା ? ହୋଇଥିବ, ହୋଇଥିବ ।

ଗୋବନ୍ଦ ; ହଁ ଆଜ୍ଞା ଠେଙ୍ଗାଜ୍ୱର —ବଇଦ କହୁଥିଲା ।

[ଗୋବନ୍ଦ ସାହୁ ଆଣି ଲୋଟେ ପାଣିଦେଲା ଚନ୍ଦ୍ରଧରଙ୍କୁ । ଚନ୍ଦ୍ରଧର ପାଣି ନେଇ ମୁହଁ ହାତ ଧୋଇଲେ ଏବଂ ପାଟିରୁ ପାନ ଫୋପାଡ଼ି କୁଳି କଲେ । ତା ପରେ ନଜ କବରାଜୀ ଜ୍ଞାନର ନମୁନା ଦେଖାଇ ଖୁସି ହେଲେ । ତା ପରେ ଗୋବନ୍ଦ ସାହୁର ଗ୍ଲ' ନେଇ ପାଟିରେ ଦେଇ ଦେଇ ଫୁ ଫୁ କର ତଳେ ପକାଇ ଦେଇ ଖୁଷଣ ବରକ୍ତ ପ୍ରକାଶ କର କହିଲେ]

ଚନ୍ଦ୍ରଧର ॥ ଓଃ ! ଫୁ—ଫୁ— ଫୁ (ଗୋବନ୍ଦକୁ ଚାହିଁ) ଏ ଗୁଡା କଣ ଦେଉଚ ଗୋବନ୍ଦ ! ଖୁଷଣ ଗରମ ! ମୋ ଜଭଟା ଗଲା ··· !

ଗୋବନ୍ଦ ॥ ଆଜ୍ଞା ଗ୍ଲ'ଟା ଟିକଏ ଗରମ ଖାଇଲେ ତ ଭଲ ଲାଗେ ।

ଚନ୍ଦ୍ରଧର ॥ ତା ବୋଲି ନିଆଁ ଗିଳିବନା କଣ ? କ କଥା ଯେ କହୁଛ ?

Source: Author, Digitized by PPRACHIN, SOA

ଗୋବିନ୍ଦ । ଆଜ୍ଞା କୁଆଡ଼େ କଟେଷ୍ଟ ବାହାରିଲେ ତ ?

ଚନ୍ଦ୍ରଧର । ନାହିଁ ହେ—ଏଇ ବିଲକୁ ଯାଉଛି । ଏ ଗୃହର ମୂଲଆ ଯାହା କଲେଣି_ଟିକିଏ ଦେଖାଦେଖି ନ କଲେ କଣ ହଉଛି ?

ଗୋବିନ୍ଦ । ଆଜ୍ଞା !

ଚନ୍ଦ୍ରଧର । ତେବେ ଆଜି କଟେଷ୍ଟ ଆଡ଼େ ବି ଯିବାକୁ ପଡ଼ିବ ବୋଧହୁଏ ।

ଗୋବିନ୍ଦ । କଣ ପୁଣି ତାରିଖ ପଡ଼ିଲା ?

ଚନ୍ଦ୍ରଧର । ଛାଡ ଛାଡ଼ । ସାତ ଜନ୍ମର ପାପ ନ କଲେ ଏ ମାଲିମକଦ୍ଦମା କିଏ କରେନା । (ପୁଣି ବିରକ୍ତ ହୋଇ) ଏଁ — କଣ ଶୁଖିଲା ବଟପତ୍ର ଗୁଡ଼ା ଶିଝେଇ ଚା ତିଆରି କରୁଛୁ ନା କଣ ?

ଗୋବିନ୍ଦ । ରାମ ରାମ ଆଜ୍ଞା ! ପାଉଣ୍ଡ କୋଡ଼ିଏ ଟଙ୍କା ବାଲା ଲିପଟନ ଚା — ଡ଼ଷ୍ଟ ଗୁଣ୍ଡା ହେଇଛି, ଆପଣ ଆସିଲେ ବୋଲି ନୂଆ ପ୍ୟାକେଟ ଖୋଲିଚି —

ଚନ୍ଦ୍ରଧର । ହୁଁ (ଅନ୍ୟମନସ୍କ ଭାବେ ଚା' ପିଇଲେ)

ଗୋବିନ୍ଦ । ହେଲେ ପୁଣି ତାରିଖଟା ଘୁଞ୍ଚିଗଲା ନାହିଁ ? ଏ ସବୁ ଭିତରେ ଓକିଲ ଗୁଡ଼ିକର ମଉକା—ନା କଣ କହୁଛନ୍ତି ?

ଚନ୍ଦ୍ରଧର । ସର୍ବସ୍ୱାନ୍ତ ହୋଇଗଲିଣି—ସେ କଥା କାହିଁକି କହୁଛ ଗୋବିନ୍ଦ ! ସର୍ବସ୍ୱାନ୍ତ (ପୁଣି ଥରେ ଚା ପିଇ) ଇସ୍—ତମେ ଯା କହ ପଛେ ଚା'ଟା କିମିତି ଗନ୍ଧଉଚି ।

ଗୋବିନ୍ଦ । ଗନ୍ଧଉଛି ? କେମିତି ଗନ୍ଧଉଛି ଆଜ୍ଞା ?

ଚନ୍ଦ୍ରଧର । ଓଡ଼ଶ ଗନ୍ଧ ।

ଗୋବିନ୍ଦ । ଇସ୍ ଆଜ୍ଞା ପାଉଣ୍ଡ୍ କୋଡ଼ିଏ ଟଙ୍କା ବାଲା ଲିପଟନ୍ ଚା — ଖାସ୍ ଆପଣଙ୍କ ପାଇଁ ପାକେଟ୍ ଖୋଲିଥିଲି । ଛାରପୋକ ଭଳିଆ ଗନ୍ଧେଇଲା ? କେମିତି ଆଜ୍ଞା ?

Source: Author, Digitized by PPRACHIN, SOA

[ଚନ୍ଦ୍ରଧର ଚା ଗ୍ଲାସରେ ସାମାନ୍ୟ ଚା’ ଛାଡ଼ିଦେଇ ବିରକ୍ତ ସହକାରେ ବେଞ୍ଚ ଉପରେ ରଖିଦେଲେ ଏବଂ ଉଠିପଡ଼ି ଅନ୍ୟ ଆଡ଼େ ଯାଉ ଯାଉ]

ଚନ୍ଦ୍ରଧର ॥ ହଉ ହଉ ମୁଁ ଅଧେ—ଛିଃ ଛିଃ ଯୋଉ ଚା ଗୁଡ଼ା ଦେଲ— ପଇସା ଖାତାରେ ଲେଖିଦବ—ବୁଝିଲ··· କିଏ ତାଆଡ଼େ —ରହ ରହ ଯିବା–– [କିଏ ଜଣେ ଅଦୃଶ୍ୟ ଗ୍ରାମବାସୀକୁ ଡାକି ଡାକି ଚନ୍ଦ୍ରଧର ଚାଲିଗଲେ ପଇସା ନଦେଇ]

ଗୋବିନ୍ଦ ॥ ହୁଁଃ ଓଡ଼ିଶା ଗନ୍ଧାଉଛି ? ଆରେ ବାବୁ ତମ ମନ ଗନ୍ଧାଉଥିବ ହେ । ଚିନି ତ ବ୍ଲାକ କଲ—ଚା ତ ବ୍ଲାକ କଲ—ଧାନ ଚାଉଳ ଦର ବଢ଼େଇଲ, ଦଶ ନୂଆପଇସାରେ ଚା ଗିଲାସେ ପିଇବ, ସେଥିରେ ପୁଣି ଗନ୍ଧାଉଛି । ପିଇବାକୁ ଥିଲେ ପିଅ ନ ହେଲେ ଯାଅ ।

[ହାତରେ ଖଣ୍ଡେ ଛତା ଓ ବ୍ୟାଗ୍ ଧରି ପଶି ଆସିଛନ୍ତି ବିଶ୍ୱମୋହନ ବାବୁ । ସ୍କୁଲ ଶିକ୍ଷକ । ସିଧା ବସ୍‌ରୁ ଓହ୍ଲାଇଲେ । ଦେଖିବାକୁ ଭାରି ସାଦାସିଧା ଭଳି ଜଣାଯାଉଛନ୍ତି । ବୟସ ପଞ୍ଚାବନ । ନିକଟରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି]

ବିଶ୍ୱମୋହନ । କାଇଁ ବାବୁ, ଗିଲାସେ ପାଣି ଦବ ?

ଗୋବିନ୍ଦ ॥ ବସନ୍ତୁ ଆଜ୍ଞା ! କଣ ଖାଲି ପାଣି ପିଇବେ ନା—କିଛି ଜଳଖିଆ ଦେବି ?

ବିଶ୍ୱମୋହନ ॥ ନାଁ ଥାଉ । (pause) ଆଚ୍ଛା, କପେ ଚା ଦିଅ ।

ଗୋବିନ୍ଦ ଏଇଟି ଲଜ୍ଜା କରିବେନି ଆଜ୍ଞା ! କହିବେ ଯଦି ଗରମ ଗରମ ପକୋଡ଼ି ବରା ଭାଜି ଦେବା—

ବିଶ୍ୱମୋହନ ॥ ଥାଉ ଥାଉ—ଏ ଯାଏଁ ମୁଁ ଦାନ୍ତ ଘଷିନି ଯେ— ରାତି ସାରା ବସ୍ ଯାତ୍ରା, ଏଇ ତ ଭୁବନେଶ୍ୱରରୁ ଆସୁଛି । ଘରେ ପହଞ୍ଚିଲେ ଯାଇ ଯୋଉ କଥା ।

Source: Author, Digitized by PPRACHIN, SOA

ଗୋବିନ୍ଦ ॥ ଅଚ୍ଛା, ଆଚ୍ଛା । (ଘ୍ଡ଼ି ଦେଖି) ଦେଖିଲେ ଆଜ୍ଞା ଘ୍ଡ଼ି'ଟା କଣ ଖରାପ ହୋଇଛି ?

ବିଶ୍ୱମୋହନ ॥ କାହିଁ — ନାହିଁ ତ--

ଗୋବିନ୍ଦ ॥ ହୁଁ—ଏମାନେ ଆଜ୍ଞା କୋଟି କୋଟି ଟଙ୍କାର ଗୃହଜଳରେ ଗୋଡ଼, ସିମେଣ୍ଟ୍‌ରେ ବାଲି ମିଶେଇ କୋଠା ବାଡେଇବେ । କନ୍ଟ୍ରାକ୍ଟରଙ୍କୁ ଗରିବ ବାପୁଡ଼ା ଉପରେ ଚଢ଼ାଉ ? ହୁଁଃ ମୋ' ଘ୍ଡ଼ି'ଟା ଓଲଟ ଗଡ଼ଉଛି ।

[ଏତିକିବେଳେ ପ୍ରବେଶ କରନ୍ତି ସଚ୍ଚିଦାନନ୍ଦ । ଦେଖିବାକୁ ବିଚିତ୍ର । ଛିଣ୍ଡା ହାଫ୍ ପ୍ୟାଣ୍ଟ୍, ଛିଣ୍ଡା ସାର୍ଟ୍, ମୁଣ୍ଡରେ କେଉଁ ପୁରୁଣା କାଳର ଇଂରେଜୀ ଟୋପି, ମୁହଁରେ ଦାଢ଼ି ଗୁଡ଼ାକ କଦର୍ଯ୍ୟ ଭାବରେ ବଢ଼ିଛି । ବୟସ ୪୦/୫୦ । କିନ୍ତୁ ଦେଖାଯାଉଛନ୍ତି ବୟସ୍କ ଭଳି । ହାତରେ ଗୋଟିଏ ବୋତଲ । ଅନ୍ୟ ହାତରେ ଶସ୍ତା ଗ୍ଲାସ୍ ଟିଏ । ପ୍ରବେଶ କରି ଗ୍ଲାସଟା ବଢ଼ାଇ ଦେଇଛନ୍ତି । ଗୋବିନ୍ଦ ସାହୁ ସେଥିରେ ସବୁଦିନଭଳି ଘ୍ଡ଼ି ଢ଼ାଳନ୍ତି । ବିଚିତ୍ର ଘ୍ଡ଼ି ନେଇ ଚାଲିଯାଇଛନ୍ତି]

ଗୋବିନ୍ଦ ॥ ଏ ଲୋକଟାକୁ ଜାଣିଛନ୍ତି ଆଜ୍ଞା ?

ବିଶ୍ୱମୋହନ ॥ ଅନେକ ଥର, ଏଇବାଟେ ଗଲାବେଳେ ଏଇଠି ତ ଦେଖୁଛି ବୁଢ଼ାଙ୍କୁ ।

ଗୋବିନ୍ଦ ॥ ଖୁବ୍ ପାଠ ପଢ଼ିଛି ଆଜ୍ଞା ! ଇଂରାଜୀ କହୁଛି ।

ବିଶ୍ୱମୋହନ ॥ ଆଚ୍ଛା ? ନୂଆ ଶୁଣିଲି । ଏମିତି ପାଗଳ ହୋଇଯାଇଛି କେମିତି ?

ଗୋବିନ୍ଦ ॥ ସେ ଆଜ୍ଞା ବହୁତ କଥା । ଆମେ ତ ଶୁଣୁଛୁ ବୁଢ଼ା କୁଆଡ଼େ କଲେଜରେ ବଡ଼ ଗ୍ଲକର୍ଷ କରୁଥିଲେ । ବାହା ସାହା ହୋଇ

Source: Author, Digitized by PPRACHIN, SOA

ସୁଖରେ ଥିଲା । ବର୍ଷକ ପରେ ହଠାତ୍ ହନେ ତା ସ୍ତ୍ରୀ
ଚାଲିଗଲା ଘର ଗୁଡ଼ । ତା ପରଠୁ ସଂସାର ପ୍ରତି ବୈରାଗ୍ୟ
—ଆଉ କ୍ରମେ କ୍ରମେ ବୁଢ଼ା ପାଗଳା ପରି ହୋଇଗଲା ।

ବିଶ୍ୱମୋହନ ॥ ଆହା— !!! ଏଇଠି କଣ କରୁଛ ?

ଗୋବିନ୍ଦ ॥ ଆଜ୍ଞା ! ଥୋଡ଼େ ପଶୁ ପକ୍ଷୀ କୁକୁଡ଼ା ହେଉଛନ୍ତି ପୋଷି...
ଏଇଠି ଅଛି । ସେଇଥିରୁ ଯାହା ପାଉଛି... । ଆପଣ
କୁଆଡ଼େ ଗାଁକୁ ଯିବେ ?

ବିଶ୍ୱମୋହନ ॥ ହଁ ଟିକେ ସ୍ତ୍ରୀଟା ବେମାର ପଡ଼ିଥିଲା । ଗୃହବନ୍ଦୀ ହେଲି
ଘରୁ ବାହାର ଆଉ କୋଉଠି ମନ ଲାଗୁନି ସାହୁଏ ।

ଗୋବିନ୍ଦ । ଆଜ୍ଞା ! ଗାଡ଼ି ଆସୁ ଆସୁ ତ ଡ଼େରି ହେବ । ଟିକିଏ ଏଇ
ପାଖ ପୋଖରୀରେ ମୁହଁ ହାତ ଧୋଇ ଆସନ୍ତୁନା ! ଜଳଖିଆ
ଟିକିଏ ନ ଖାଇଲେ...ଗାଁରେ ପହଞ୍ଚୁ ପହଞ୍ଚୁ ଡ଼େରି ହବ ।
ଏ ନୂଆ ପଡ଼ା ବସ୍ଟା ସବୁବେଳେ ଲେଟ୍ ହବ ଆଜ୍ଞା !
(ବିଶ୍ୱମୋହନଙ୍କ ପାଖରେ ପଇସା ନଥିଲା । ସେଇ କଥାଟାକୁ
ପ୍ରକାଶ ନକରି)

ବିଶ୍ୱମୋହନ ॥ ତଥାପି—ମାନେ—ମାନେ...

ଗୋବିନ୍ଦ । କଣ ବାବୁ ! ପଇସା ସରିଯିବ ବୋଲି ଡରୁଛନ୍ତି ନା କଣ ?
[ବିଶ୍ୱମୋହନଙ୍କ ମୁହଁରେ ଏକ ଅଦ୍ଭୁତ କାରୁଣ୍ୟର
ରୂପ ଫୁଟି ଉଠୁଥିଲା ।

ବିଶ୍ୱମୋହନ ॥ ସାହୁ ! ତୁମକୁ ଲୁଚେଇ ଆଉ ଲାଭ କଣ ? ପଇସା
ବିଲ୍‌କୁଲ୍ ମୋ ପାଖରେ ନାହିଁ— କାଲି ସନ୍ଧ୍ୟାଟା ଯେତେ-
ବେଳେ ଭୁବନେଶ୍ୱରରେ ଉପାସ ରହିଯାଇଛି—ଆଉ ଏ
ସକାଳୁ ଜଳଖିଆ ନ ଖାଇଲେ ବଞ୍ଚିପାରିବନି କହୁଛ ?
ଆମେ ହେଲୁ ମାଷ୍ଟ୍ରିଆ ଲୋକ । ବାହାରେ ଏତେ ପଇସା

Source: Author, Digitized by PPRACHIN, SOA

ଦେଇ ଜଳଖିଆ ଖାଇବା ପାଇଁ ପଇସା କାଇଁ ?
(ଗୋବନ୍ଦକୁ ଝେ଼ାପ ଲଗିଲ)

ଗୋବନ୍ଦ ॥ ନାଇଁ ଆଜ୍ଞା ! ଗରମ ଗରମ କରୁଥିଲ ନା—ହଉ ହଉ ।

[ଏତିକବେଳେ ମଞ୍ଚ ଡାହାଣ ପଟ ବାହାରୁ ଆସିଲେ ଚନ୍ଦ୍ରଧର ଆଉ ଗୁରୁବାରଆ । ହାତରେ ତାର ବନସି ଛଡ]

ଚନ୍ଦ୍ରଧର ॥ କଣ କହୁଛୁ ମାଛ ଫାଛ ମିଳଲ୍ଲ ନା ଏମିତ ମିଛଟରେ ପୋଖରୀ ହୁଡ଼ରେ ଶୋଇଥିଲୁ ?

ଗୁରୁବାରଆ ॥ ମାଛ ଆଉ ମିଳନ୍ତା କ ଆଜ୍ଞା ! ନଣ୍ଡା ଜ୍ୟୋତିଷ ପଢ଼ୁ କହୁଛନ୍ତ ମତ୍ସ୍ୟରାଶିଟା ମୋର ଓଲଟି ଯାଇଛୁ ।

ଚନ୍ଦ୍ରଧର ॥ ଓହୋ ! ତାହାହେଲେ ନତିଯାଇ ପୋଖରୀ ହୁଡରେ Duty ଦିଆ ହଉଛୁ—ମିଳୁ କ ନମିଳୁ—ସାଧନା ଗ୍ଲୁଲଛୁ ଏଁ—ଭଲକଥା—ଭଲକଥା—

ଗୋବନ୍ଦ ॥ ଏ ଟୋକା ? କଣ ଡାକ୍ତରଖାନାକୁ ଯାଇ ଔଷଧ ଆଣିଲୁ ?

ଗୁରୁବାରଆ ॥ ହଁ ହଁ ସବୁ କରଦେଇଛୁ । ତମେ ଆଗ ଘରକୁ ଗ୍ଲଲ ! ବୋଉ କାହ୍ନିଁକ ଡକେଇଛୁ ।

[ଏହା କହ ଗୁରୁବାରଆ ଓଠ ଚପି ହସିଲ୍ଲ ଓ ଗୋବନ୍ଦକୁ କଟେଇ କଟେଇ ଗ୍ଲହିଁଲ୍ଲ । ଗୋବନ୍ଦ ରଗିଗଲ୍ଲ]

ଗୋବନ୍ଦ ॥ ଯିବ, ଯିବ୍ବରେ ! ତତେ ସାଙ୍ଗରେ ନେଇଯିବ ! କୁଳାଙ୍ଗାର, ବୋଉ ନାଁ । କହ୍ଣ ମତେ ଡରେଇଚ ! ବସ ଏଇଠି । ପରବା ନାହିଁ । ମୁଁ ଟିକଏ ସେ ଶଗଡିଆକୁ ଚୂଡ଼ା ଗଣ୍ଡାକ ଦେଇ ଆସୁଛୁ । ତା ପରେ ତୋ' ବୋଉ ପାଖକୁ ଯିବ, ଦେଖିବା ମୋର ସିଏ କଣ କରବ ! (ଗ୍ଲଲଗଲ୍ଲ)

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ କ ମୁସ୍କିଲ କଥା । ଦଶଟା ବାଜଲାଣି । ଏ ଯାଏଁ ବସ୍‌ର ଦେଖା ନାହିଁ । ମଣିଷ ଏଠି ମରବ ନା କଣ ? ମଣିଷ ଟିକଏ ମନ୍ତ୍ରୀଙ୍କ ପାଖକୁ ଯିବ ବୋଲି ଅପେକ୍ଷା କରୁଛୁ ଯେ, ବସ୍ ପାଇଁ ନସ୍ୟାନ୍ତ ହେଇଗଲାଣି—ଆଜ୍ଞା—

ବିଶ୍ୱମୋହନ ॥ ମନ୍ତ୍ରୀ ଆଜ ଏଇ ଗାଁକୁ ଆସୁଛନ୍ତି ନା କଣ ?

ଚନ୍ଦ୍ରଧର ॥ ମନ୍ତ୍ରୀ ଆସିବ ? ଏଇ ଗାଁକୁ ? ହେଃ···ମନ୍ତ୍ରୀ ଆସୁଥିଲେ ଏଇ ବସ୍‌ଷ୍ଟାଣ୍ଡର ଚେହେରା ଆପଣ ଏମିତି ଦେଖୁଥାନ୍ତେ ? ରଙ୍ଗ ବଦଳି ଯାଇଥାନ୍ତା ଆଜ୍ଞା । ସେ ଆସୁଛନ୍ତି ଏଇ ନେହୁରୁ ପଲ୍ଲୀକୁ । ଗାନ୍ଧୀ ବିଦ୍ୟା ମନ୍ଦିର ସ୍କୁଲଟା ଉଦ୍‌ଘାଟନ କରିବା ପାଇଁ ।

ବିଶ୍ୱମୋହନ ॥ କଏ ଆଜ୍ଞା ? ଶିକ୍ଷାମନ୍ତ୍ରୀ ?

ଚନ୍ଦ୍ରଧର ॥ ହଁ—ଆପଣ ଭାରି interested ଜଣାପଡୁଛନ୍ତି ଯେ—

ବିଶ୍ୱମୋହନ ॥ ଆଜ୍ଞା ! ସେ ଦୁଃଖ ଆଉ କୁହନ୍ତୁନି । ଗୃହହୀନ ହେଲି ଭୁବନେଶ୍ୱରରେ ରହି ଅଖିଆ ଅପିଆ । ଯୋଉ ହଇରାଣ ଆଜ୍ଞା—ମନ୍ତ୍ରୀଙ୍କ ଦେଖା ମିଳିଲାନି । କୁଆଡେ ଗସ୍ତରେ ଯାଇଛନ୍ତି ।

ଚନ୍ଦ୍ରଧର ॥ କଏ ? ବିନୋଦ୍ ? ହଁ ଚେଣ୍ଡିପଦା ଗସ୍ତରେ ଯାଇଥିଲି ।

ବିଶ୍ୱମୋହନ ॥ ଆପଣଙ୍କର ମନ୍ତ୍ରୀଙ୍କ ସାଙ୍ଗରେ ଭଲ ଜଣାଶୁଣା ଅଛି ବୋଧେ ?

ଚନ୍ଦ୍ରଧର ॥ ଅଛି କଣ ? ଥିଲା, ଅଛି ଏବଂ ଥିବ । କହିବା ଜାଣିଛ ? ୧୯୫୨ ମସିହାରେ ମୁଁ ଯେତେବେଳେ ଶ୍ରମିକ ନେତା ଥିଲି ତିନି ତିନିଟା Strike ମୁଁ ଏକା Conduct କରୁଥାଏ । ଆଜି ଏଇ ବିନୋଦ ବାବୁ, ତମର ଶିକ୍ଷାମନ୍ତ୍ରୀ, ମୋ ପଛେ ପଛେ ବୁଲି ପଙ୍ଖା କରୁଥିଲେ ! ହେ···ହେ···ହେ···

Source: Author, Digitized by PPRACHIN, SOA

ବିଶ୍ୱମୋହନ ॥ ତାହାହେଲେ ଆପଣ ଠିକଏ···

ଚକ୍ରଧର ॥ ହଁ, ଆପଣଙ୍କର ନିଶ୍ଚୟ କାମଅଛି ମନ୍ତ୍ରୀଙ୍କ ପାଖରେ, ମୁଁ ଜାଣେ । କେମିତି ନଜାଣିବି ଆଜ୍ଞା କହିଲେ ? ଏଇ ମନ୍ତ୍ରୀ ମହଲରେ ବୁଲି ବୁଲି ପରା ପନ୍ଦର ହଳ ଚପଲ ଛିଣ୍ଡିଥିବ ଆଜ୍ଞା ! ଛ ମାସରେ ତିନିହଳ ଚପଲ ବଦଳେଇଲିଣି । ଇଏ କଣ ନୂଆ କଥା ହେଉଛି ? ହଁ କହିଲେନି ଯେ ଆପଣ କଣ କରୁଛନ୍ତି ?

ବିଶ୍ୱମୋହନ ॥ ଜଣେ ହତଭାଗ୍ୟ ଶିକ୍ଷକ ଆଜ୍ଞା ! ଘରେ ଆଠ ଆଠଟା ପ୍ରାଣୀ ଖାଇବା ପାଇଁ, ଗୋଟାଏ ହେଲେ ମଣିଷ ହେଇ ଦାଣ୍ଡକୁ ଏ ଯାଏଁ ବାହାରିନି । ଏଣେ ମୋର Retirement ହେଇଗଲା । ସେ ବିଷୟରେ ମନ୍ତ୍ରୀଙ୍କ ପାଖକୁ ଠିକଏ କହିବା ପାଇଁ ଭୁବନେଶ୍ୱର ଦୌଡ଼ିଥିଲି ଆଜ୍ଞା । ଘରେ ସ୍ତ୍ରୀଟି ବେମାର—ଯୋଉ ଅବସ୍ଥା ଆଜ୍ଞା — କାଲିରାତିରୁ ଉପାସ । ଏଣେ ମନ୍ତ୍ରୀଙ୍କ ଦେଖା ମିଳିଲାନି ।

ଚକ୍ରଧର ॥ ଓହୋ—ଏ ଯେଉଁ ନୂଆ ଆଇନଟା ଲାଗୁ ହେଇଗଲା ୫୫ ବର୍ଷ । ହଁ ଆପଣ କାହିଁକି ? ଅନେକ ଡାକ୍ତର, ଇଞ୍ଜିନିୟର ବି ଆସିକି ଚୌକି ଧଇଲେ । ସତରେ କେମିତି ଯେ ଏହାର ସମାଧାନ ହେବ, ଭାବିଲା ବେଳକୁ କୂଳ କିନାରା ମିଳୁନି । ଦେଶସାରା ବେକାରି ବଢ଼ିଗଲା ।

ବିଶ୍ୱମୋହନ ॥ କ୍ଷମା କରିବେ···ଆପଣଙ୍କ ପରିଚୟ ?

ଚକ୍ରଧର ॥ ପରିଚୟ ? ହେ—ହେ ··ପରିଡ଼ା ବାବୁ କହିଲେ ବିଷ୍ଣୁପୁର ଅଖ ପାଖ ସମସ୍ତେ ଜାଣିବେ ।

ବିଶ୍ୱମୋହନ ॥ ଓହୋ, ହଁ ଆପଣଙ୍କ ନାଁ ଶୁଣିଥିଲି ଭଳି ମନେ ପଡ଼ୁଛି । ଆପଣ ବୋଧେ ଏଠାକାର ସରପଞ୍ଚ !

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ ଶୁଣନ୍ତୁ ଆଜ୍ଞା ! ସେ ଗୋଟିଏ ପଞ୍ଚାଖେଳ । ହାରିବା ଜିତିବା ତ ଏମିତି ଲାଗିଛି । ଏଇ ରାଜନୀତିରେ ଆଜ୍ଞା—ଧୈର୍ଯ୍ୟଚ୍ୟୁତ ହେଲେ ଚଳିବନି । ଗାନ୍ଧୀବୁଢ଼ା ଏତିକି ଶିଖେଇ ଦେଇ ଶହୀଦ ହୋଇଗଲେ ।

ବିଶ୍ୱମୋହନ ॥ ହଁ ଆଜ୍ଞା, ମଣିଷ ସେଇ ଧୈର୍ଯ୍ୟ ଟିକକନେଇ ତ ବଞ୍ଚିଛି—ନହେଲେ ମୋର ଯେଉଁ ଅବସ୍ଥା--ସମସ୍ୟା ପରେ ସମସ୍ୟା--ଏତେବଡ ସଂସାର ନେଇ ଏ ମହଙ୍ଗା ଯୁଗରେ ତ...

ଚନ୍ଦ୍ରଧର ॥ ଆଜ୍ଞା, ଦଶ ଦଶ ବର୍ଷ ଧରି ଏ ବିଷ୍ଣୁପୁର ଅଞ୍ଚଳରେ ସରପଞ୍ଚ ଥିଲି । ସେଇ ଭିତରେ ତିନି ତିନିଟା ସ୍କୁଲ ଠିଆ କରେଇଛନ୍ତି । ସମାଜ ସଂସ୍କାର, ଯୁବକସଂଘ, କଳା, ସଙ୍ଗୀତ, ମହିଳା ସମିତି, ଚରଖା ସମିତି ସବୁ କଲି--ଶେଷରେ ଏଯା ପୁରସ୍କାର !

ବିଶ୍ୱମୋହନ ॥ କଣ ହେଲା ଆଜ୍ଞା ?

ଚନ୍ଦ୍ରଧର ॥ କଣ ହବ ? ଏଣିକି ଓଡିଆ ପରି କଙ୍କଡା ଜାତି ! ଟିକିଏ କିଏ ଉଠିଲା ମାନେ ଗୋଟାଏ ଦଳ କରି ତାର କୁତ୍ସା କରିବେ !

ବିଶ୍ୱମୋହନ ॥ ଠିକ୍ କଥା ଆଜ୍ଞା ! ଲୋକେ କଣ ଆଉ ପୂଜ୍ୟପୂଜା କରି ଶିଖିଲେ ?

ଚନ୍ଦ୍ରଧର ॥ ଆପଣ ତ ବୁଝୁଥିବେ ଆଜ୍ଞା ଆଜିକାଲିର ଏଇ ଶ୍ରେଷ୍ଠ କଥା । ଯିଏ ଯେତେ ମଦ କୁକୁଡ଼ା ଦେଇ ପାରିଲା, ସିଏ ହେଲା ଏ ଦେଶର ବଡ଼ ନେତା--ଜନପ୍ରିୟ ନେତା । ହେଲେ ଆଜ୍ଞା ମୁଁ ଆଉ ପାରିଲିନି । ଆଜ୍ଞା ହାତୀ ମଲେ ଲକ୍ଷେ ନ ମଲେ ଲକ୍ଷେ । ହେଲେ ନୂଆ ସରପଞ୍ଚ କଣ ମତେ କିଛି ନପଚାରି କରିବା ପାଇଁ ଭରସା ଅଛି ? ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ ।

Source: Author, Digitized by PPRACHIN, SOA

ବିଶ୍ୱମୋହନ ॥ ତା ନୁହେଁ ଆଉ କଣ ଆଜ୍ଞା । କୁଆଡେ ବାହାରିଛନ୍ତି ?
କୁଆଡେ ସେଇ ମନ୍ତ୍ରୀଙ୍କ ପାଖକୁ ?

ଚନ୍ଦ୍ରଧର ॥ ହଁ--ଯିବା ଆସିବା ତ ଲାଗିଛି ସବୁଦିନ ଏମିତି । ବୁଝିଲେ
ଆଜ୍ଞା ! ଏ ବସ୍ କମ୍ପାନୀ ରୋଜଗାରରୁ ଅଧା ନେଇଗଲେଣି ।

ବିଶ୍ୱମୋହନ ॥ ଅ‌ାଜ୍ଞା-- !

ଚନ୍ଦ୍ରଧର ॥ ମନ୍ତ୍ରୀ ଡକାଇଥିଲେ । ମୁଁ ନ ଗଲେ ସେ କୁଆଡେ ବକ୍ତୃତା
ଦେଇ ପାରିବେନି । ହେଲେ ନେହୃରୁପଲ୍ଲୀ ବସ୍‌ଟା ଆଜିକି
ବୋଲି ଦେଡଘଣ୍ଟା ଲେଟ୍ ।

ବିଶ୍ୱମୋହନ ॥ ନେହୃରୁପଲ୍ଲୀ !!!

ଚନ୍ଦ୍ରଧର ॥ ଓଃ ହୋ-ହୋ-ହୋ ରାମଚନ୍ଦ୍ରପୁର ବୋଲି ଆପଣଙ୍କର ସେ
ପୁରୁଣା ଅଭ୍ୟାସଟା ରହିଯାଇଛି ବୋଧେ । ଆଜ୍ଞା ଏଇ ଗତ
ବୈଶାଖମାସ ତଳର କଥା । ହଠାତ୍ ଦିନେ ରାମଚନ୍ଦ୍ରପୁର
ଜନତା ଆସି ମୋ ଦୁଆରେ ଠକ୍ ଠକ୍ କଲେ । କହୋ
କଥା କଣ ? କଣନା—ଗାଁର ନାଁଟା ସ୍ୱର୍ଗତ ନେହୃରୁଙ୍କ
ନାଁରେ ନାମିତ ହେବ । ସେଇଠୁ ଆଜ୍ଞା ! ଗୋଟାଏ ଦରଖାସ୍ତ
ଦାଖଲ ଦେଲି । ସେ କଣ ଖୁଣା ଧନ୍ଦା ଅଜ୍ଞା ? ଉପର ମହଲରେ
ମୋର ଜଣାଶୁଣା ଥିଲା ବୋଲି ପନ୍ଦରଦିନ ତଳେ ଯା ହେଉ
ଏ ନେହୃରୁପଲ୍ଲୀ ଗାଁଟା ସ୍ୱୀକୃତି ପାଇଲା ।

ବିଶ୍ୱମୋହନ ॥ ବଡ଼ କୃତିତ୍ୱ ଆପଣଙ୍କର । ମୋର ବି ଟିକିଏ ମନ୍ତ୍ରୀଙ୍କ
ପାଖରେ ଦେଖା କରିବାର ଥିଲା ସେ—

ଚନ୍ଦ୍ରଧର ॥ କିନ୍ତୁ ମୁଁ ତ ଭାବୁଛି ତାଙ୍କର ମୋଟେ ସମୟ ହବନି । ମିଟିଂ,
ଉଦ୍‌ବୋଧନ, କବି ସମ୍ମିଳନୀ, ବିଚିତ୍ରା—ଏମିତି ତ ତାଙ୍କର
ଅନେକ କାର୍ଯ୍ୟକ୍ରମ ରହିଛି । ହେଇ, ପରଦିନ ଫୋନ୍
କରି ଜଣାଇଥିଲି କଣ ଦେହଟା ଟିକିଏ ଭଲନଥିଲା ବୋଲି !
ସାମାନ୍ୟ ପରିଶ୍ରମ କଲେ, ହବୋଦର ଏବେ କୁଆଡେ

Source: Author, Digitized by PPRACHIN, SOA

Blood pressure ବାଢ଼ାଉ ପଡ଼ୁଛି । ଅକାଳ ବାର୍ଦ୍ଧକ୍ୟ ଆସି ଗଲାଣି ! ଶରୀର ଉପରେ ଅତ୍ୟାଚାର କଲେ ଯାହା ହୁଏ ।

ବଂଶୀମୋହନ ॥ ତାହାହେଲେ ଆଜ୍ଞା କଥା ସରିଯିବ ! ଆପଣଙ୍କୁ ମୋର ବହୁତ ବହୁତ ଅନୁରୋଧ ! ମୋ କାମଟା ଯଦି ଆପଣ ଠିକଏ କରେଇ ଦିଅନ୍ତେ···ମୁଁ ବଡ଼ କୃତଜ୍ଞ...

ଚନ୍ଦ୍ରଧର ॥ ହଁ, ମୁଁ ଠିକଏ ଚେଷ୍ଟା କଲେ ଅବଶ୍ୟ ହୁଅନ୍ତା ଯେ— କଣ ସେମିତି କଣ୍ଟୁ ଜରୁରୀ କାମ ଅଛି ? ବିନୋଦ ଆଜିକାଲି ଭାରି ବ୍ୟସ୍ତ ରହୁଛି ତ···

ବଂଶୀମୋହନ ॥ ହଁ ଆଜ୍ଞା--ମଣିଷର ଆଶା ତ ! ମନ୍ତ୍ରୀଙ୍କ ଦପ୍ତରୁ ଯଦି ବର୍ଷେ Extension ମିଳିଯାନ୍ତା ତା ହେଲେ ପୁଅଟାର କଲେଜ ପଢ଼ାଟା ଅନ୍ତତଃ ସରିଯାଆନ୍ତା ।

ଚନ୍ଦ୍ରଧର ॥ ଓହୋ ! ତା ହେଲେ ଗୋଟିଏ ସମସ୍ୟା (ପକେଟ ଅଣ୍ଡାଳି) ଠିକଏ ଭାବିଲା ବେଳକୁ ଖଣ୍ଡେ ସିଗାରେଟ୍ ବି ନାହିଁ— ପାଖରେ ହେଲେ ଦୋକାନଟାଏ ଅଛି କି ? (ବ୍ୟସ୍ତ ହେଲେ) ମଣିଷ ପଇସା ଦେଇ କିଣି ଦିଅନ୍ତା—ଅପଚନ୍ଦ୍ର ଜାଗା । ହଇଓ ସାହୁଏ ?

[ଗୋବିନ୍ଦ ସାହୁ ବସି ଚୁପ୍‌ଚାପ୍ ଏମାନଙ୍କ କଥା ଶୁଣୁଥିଲା ଏବଂ ଅଟା ଦଳୁଥିଲା । ହଠାତ୍ ଚମକିପଡ଼ି ଉଠି ଆସିଲା]

ଗୋବିନ୍ଦ ॥ ଆଜ୍ଞା !! ମତେ ଡାକଲେ ?

ଚନ୍ଦ୍ରଧର ॥ ଏଣିକି ହ'ଗୁର ପେକେଟ୍ ସିଗାରେଟ୍ ଆଣି ରଖ ତମ ଦୋକାନରେ !

ଗୋବିନ୍ଦ ॥ ଏଇଠି ଗାଁ ଗହଳରେ କିଏ ନବ ଆଜ୍ଞା ! ସମସ୍ତେ ବାକିରେ ନେଇଯିବେ— ପଇସା ଦେବେନି ।

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ (ବିରକ୍ତିରେ ମୁହଁ ବୁଲେଇ ନେଲେ)

[ଗୋବିନ୍ଦ ଗୁଚ୍ଛିଗଲେ ନିଜ ଜାଗାକୁ । ବିଶ୍ୱମୋହନ କୁଣ୍ଡାର ସିଗାରେଟ ପକେଟରୁ ବାହାର କରି କହିଲେ]

ବିଶ୍ୱମୋହନ ॥ ଯଦି କିଛି ମନେ ନ କରନ୍ତି ମୋ ପାଖରେ ଖଣ୍ଡେ ବଳି ଅଛି ।

ଚନ୍ଦ୍ରଧର ॥ ଧନ୍ୟବାଦ । ବଢ଼ାଇ ଦେଲେ । ବୁଝିଲେ ଆଜ୍ଞା –କ୍ଷମା କରିବେ । ଆପଣଙ୍କ ନାଁଟା ?

ବିଶ୍ୱମୋହନ ॥ ବିଶ୍ୱମୋହନ ମିଶ୍ର ।

ଚନ୍ଦ୍ରଧର ॥ ହଁ ବୁଝିଲେ ମୋହନ ବାବୁ ! — ଏ ରାଜନୀତିରେ ପଶି ଦେଶସେବାବେଳେ ଯଥେଷ୍ଟ ସମାଜବାଦୀ ହେବାକୁ ହୁଏ । ଏଇଟା ଗାନ୍ଧୀଙ୍କର ଆଦର୍ଶ । ହୋଇପାରନ୍ତି ଆପଣ ଜଣେ ସାମାନ୍ୟ ଶିକ୍ଷକ । ତା ବୋଲି ଆପଣଙ୍କ ଠାରୁ ବଳିଟା ନେବାରେ ମୁଁ କାହିଁକି ନାରାଜ ହେବି । ବୁଝିଲେ ଆଜ୍ଞା ୧୯୫୨ ମସିହାରେ ଯେତେବେଳେ ଆମେ ଏମିତି ଶ୍ରମିକ-ବସ୍ତିରେ ବୁଲି ବୁଲି କଟେଇ ଦେଉଥିଲୁ ସେଇ ବଡ଼ କଣ ଝଣ୍ଟିଆ ପିକା ମଧ୍ୟ ଚଳୁଛି । ଗାନ୍ଧୀ ବୁଢ଼ାର ସବୁକଥା ଅକ୍ଷରେ ଅକ୍ଷରେ ମାନି ନେଲି । ହେଲେ, ଏଇତକ ଦୋଷ ରହିଗଲା ।

ବିଶ୍ୱମୋହନ ॥ ମୋର ବି ସେଇକଥା ଆଜ୍ଞା ! ପିଲାଙ୍କୁ ଧୂମ୍ରପାନ ବିଷୟରେ ବଡ଼ ବଡ଼ Lecture ଦେଇ ସୁଦ୍ଧା ଏଇ ଘରକଥା ଭାବି ମୁଣ୍ଡଟା ଯେତେବେଳେ ଓଜନିଆଁ ହୋଇଯାଏ — ଏଇ ବଳି ବି ଦମ୍ ନ ଟାଣିଲେ କଣ ଚଳୁଛି ?

ଚନ୍ଦ୍ରଧର ॥ ହଃ—ଯା କୁହନ୍ତୁ ଆଜ୍ଞା । ସିଗାରେଟ୍‌ଟା ପିନା ଏଇ ରାଜନୈତିକ ସମ୍ମାନ ଦୃଷ୍ଟିରୁ ଖାଇବାକୁ ହୁଏ, ହେଲେ ସେଇ ୧୯୫୨ ମସିହାରୁ ପିକା ପ୍ରତି ମୋର ଗୋଟାଏ ମମତା

Source: Author, Digitized by PPRACHIN, SOA

ଜବ୍ଧ୍ୟାଇଛନ୍ତି । ଗ୍ରତ—ଆପଣ ସେ ବିଷୟରେ ଖଣ୍ଡେ ଦରଖାସ୍ତ ଦେଇଛନ୍ତି ତ ? (ହଠାତ୍ ହର୍ଣ୍ଣ ଶୁଭିଲା) ଆରେ ମୋ ବସ୍ଟା ଆସିଗଲା ନା କ'ଣ ?

(ଚନ୍ଦ୍ରଧରଙ୍କ ପ୍ରସ୍ଥାନ ଏବଂ ଘସ୍ତାର ସେପଟେ ପ୍ରବେଶ କରିଛନ୍ତି ବିଚିତ୍ରାନନ୍ଦ)

ବିଚିତ୍ରାନନ୍ଦ ।। ଆଉ କପେ ଟି' ଦିଅ ଦୋକାନୀ !

[ବସିଗଲେ ବେଞ୍ଚ୍ ଉପରେ । ବଲେଇଟିକୁ ଅଣ୍ଡାଳି ଦେଲେ । ବିଶ୍ୱମୋହନ ବାବୁ ବଡ ଉତ୍କଣ୍ଠାର ସହିତ ଚାହିଁଥାନ୍ତି ଏଇ ଅଦ୍ଭୁତ ମଣିଷଟିର କାର୍ଯ୍ୟକଳାପକୁ । କିଛି ସମୟ ପରେ ପଚାରିଛନ୍ତି ।

ବିଶ୍ୱମୋହନ ।। ଆଜ୍ଞା କ୍ଷମା କରିବେ । ବଲେଇ ପ୍ରତି ତ ଆପଣ ଖୁବ୍ ଆସକ୍ତ ଦେଖୁଛି ।

ବିଚିତ୍ରାନନ୍ଦ ।। (ଚାହିଁଲେ)

ବିଶ୍ୱମୋହନ ।। ଏଇଟାକୁ ପୋଷିଛନ୍ତି ବୋଧହୁଏ ।

ବିଚିତ୍ରାନନ୍ଦ ।। (ଟିକଏ ଚାହିଁ) Of course.

ବିଶ୍ୱମୋହନ ।। କିଛି ଭାବିଲେ କି ଏମିତି ପଚାରି ଦେଲି ବୋଲି ?

ବିଚିତ୍ରାନନ୍ଦ ।। o formalistic an old man. ବହୁତ ଦିନ ପରେ ଏ ଅଞ୍ଚଳରେ ଜଣେ ଭଦ୍ରଲୋକଙ୍କୁ ଦେଖିଲି । Oh I am so glad. ଆପଣଙ୍କର ପରିଚୟ ପାଇପାରେକି ମହାଶୟ !

ବିଶ୍ୱମୋହନ ।। ଜଣେ ହତଭାଗ୍ୟ ଶିକ୍ଷକ ଆଜ୍ଞା !

ବିଚିତ୍ରାନନ୍ଦ ।। ଶିକ୍ଷକ ମାନେଇ ତ ହତଭାଗ୍ୟ । ଏଥିରେ ଏଇ ବିଶେଷଣଟା ଅଧିକା ଯୋଗକଲେ କାହିଁକି ? G. B. S. କଣ କହିଛନ୍ତି ଜାଣନ୍ତି—The man who can, he does, the man

Source: Author, Digitized by PPRACHIN, SOA

who cannot teaches. ହାଃ—ହାଃ—ହାଃ । ମନ୍ଦ ନୁହେଁ । ଜୀବନରେ କେତୋଟି ମଣିଷ ଚରେଇଛନ୍ତି ?

ବିଶ୍ୱମୋହନ ॥ ଶିକ୍ଷକ ଜୀବନରେ ୪୦ ବର୍ଷ ପୂରିଲା ଆଜ୍ଞା ! ଶିକ୍ଷାମନ୍ତ୍ରୀ ବିନୋଦ ବାବୁଙ୍କୁ ପିଲାଦିନେ ଟ୍ୟୁସନ୍ କରୁଥିଲି ।

ବଚସାନନ୍ଦ ॥ ତା' ମାନେ ? ତା' ମାନେ ଆପଣ କଣ ଭାବୁଛନ୍ତି ଶିକ୍ଷାମନ୍ତ୍ରୀ ଆପଣଙ୍କୁ ସାହାଯ୍ୟ କରିବେ ? ନୋ— ସେଇଟା ସବୁ ଶିକ୍ଷକଙ୍କର ଏକ ଭ୍ରାନ୍ତଧାରଣା ! ଶିକ୍ଷାମନ୍ତ୍ରୀ ହେବାକୁ ହେଲେ ଅନ୍ୟୁନ ଦୁଇ ଗୋଟି ମର୍ଡର କରିଥିବା ଦରକାର —ଅନ୍ୟୁନ ଶହେ ଦେଢ଼ଶ' ସୁନ୍ଦରୀ ଶିକ୍ଷୟିତ୍ରୀଙ୍କ ସହ ରାତ୍ରି ଯାପନ କରିଥିବା ଦରକାର ! ଆପଣଙ୍କ ଭଳି ଜଣେ ଟ୍ୟୁସନ୍ ମାଷ୍ଟର ପାଇଁ ସେ କଣ କରିପାରିବେ ସାର୍ ! ହେଇ ହେଇ ଦଶ ପଚିଶ ଟଙ୍କା ଦେଇ ପାରନ୍ତି । ଯାଇଥିଲେ ତାଙ୍କ ପାଖକୁ ?

ବିଶ୍ୱମୋହନ ॥ ହଁ, ବର୍ତ୍ତମାନ ଭୁବନେଶ୍ୱରରୁ ଫେରୁଛି । ମନ୍ତ୍ରୀ ନଥିଲେ— ଶୁଣୁଛି ଆଜ କୁଆଡେ ଏଇଠି ଗୋଟାଏ ଗାନ୍ଧିବିଦ୍ୟା ମନ୍ଦିର ଉଦ୍‌ଘାଟନ କରିବାକୁ ସେ ଆସୁଛନ୍ତି । ଭାବୁଛି ଟିକିଏ ଦେଖା କରିବା ପାଇଁ । ଯଦି ଏ ବୟସରେ ମତେ ଟିକିଏ ସାହାଯ୍ୟ କରନ୍ତେ, ଏ ସଂସାରଟା ମୋର ବଞ୍ଚି ଯାଇଥାନ୍ତା । ବଡ଼ ଦୟନୀୟ ଅବସ୍ଥା ଆଜ୍ଞା । ଗୁଡ଼ନ୍ତୁ ଲାଜ କରିବା ଲାଭ କଣ ?

ବଚସାନନ୍ଦ ॥ ହାଃ—ହାଃ-ହାଃ — Sure. ଯା'ନ୍ତୁ ମନ୍ତ୍ରୀଙ୍କ ପାଖକୁ । ସ୍ୱାଧୀନତାର ୨୧ ବର୍ଷ ପୂରିଗଲାଣି । ମନ୍ତ୍ରୀ ସାହାଯ୍ୟ କରିବେନି ତ ଆଉ କିଏ ସାହାଯ୍ୟ କରିବ ? ଏଇ କେତେଟା ଗୁଣବାଚକ ବିଶେଷଣକୁ ନେଇ ତ ଏଇ ଦେଶ ବଞ୍ଚିରହିଛି । Bravo Gandhi, Bravo Jesus,

Source: Author, Digitized by PPRACHIN, SOA

ଦୟା ଆଉ ସହାନୁଭୂତିର ପୁଷ୍ଟ ଦେଇ ତମେ ସୁନ୍ଦର ସୁନ୍ଦର ଜୋତା ପିନ୍ଧେଇ ଦେଇଛ ଏ ଦେଶର କର୍ମ-ଚାରିମାନଙ୍କ ପାଦରେ ।

ବିଶ୍ୱମୋହନ ॥ ଆଜ୍ଞା !!

ବଚହାନନ୍ଦ ॥ କଣ ଏମିତି ନବସ୍ଥାଭାବରେ ରୂହିଁରହିଲ ଯେ । ପାଗଳଟା ବୋଲି ଭାବୁଥିବ ନିଶ୍ଚୟ ।

ବିଶ୍ୱମୋହନ ॥ ମୋଟେ ନୁହେଁ ! ଆପଣ ସେମିତି କାହିଁକି ଭାବୁଛନ୍ତି ?

ବଚହାନନ୍ଦ ॥ What ଆପଣ ମୋତେ ତ ପାଗଳ ବୋଲି ଭାବୁନାହାନ୍ତି । ଦୋକାନୀ ! ଆଉ କପେ ଚା ଦିଅ ଏ ବାବୁଙ୍କୁ ।

(ଦୋକାନୀ ଚା ଦେଇଛି)

ଆଉ ଖବର କଣ ଗୁରୁବାରିଆ । ତମ ମାଛ ଧରା କମିତି ଚାଲିଛି ?

ଗୁରୁବାରିଆ ॥ ଆଉ ଚାଲିବ କେମିତି ? ଏଇଠି ପରା ବା' ମୋତେ ପରିବା ପିଆଜ କାଟିବାକୁ କହିବ । ଲୁହ ବହିଲାଣି ମଣିଷର ।

ବଚହାନନ୍ଦ ॥ ବେଶ୍ ବେଶ୍ ଖାଲି ମିଛଟାରେ ବନଶୀ ପକାଉଛନା— କେବେ କଛି ଧରିନାଣି ?

ଗୁରୁବାରିଆ ॥ ହଇ ହେ—ଓଡ଼ଶ ମାଇଲେ ପରା ପାପ ହଉଛି । ମାଛ ମାରିବ କମିତି ? ଖାଲି ଏମିତି ଖୁସିରେ ବନଶୀ ପକାଉଛି ନା !

ବଚହାନନ୍ଦ ॥ ଖୁସିରେ ମାଛ ଧରୁଛ ? ନା wasteland ର protog-onist ଭଳି ଗୋଟାଏ ଜୀବକାର ବୃଥାଚେଷ୍ଟା କରୁଛ ?

ଗୁରୁବାରିଆ ॥ କହୁଛ ଇଙ୍ଗ୍ଲଣ୍ଡରେ ମାଛ ଧରିବ—ହଇରେ ଇଙ୍ଗ୍ଲଣ୍ଡ କାହିଁକି ଯିବ ? ଏଇ ପୋଖରୀ କଣ ଶୁଖିଗଲାଣି କି ?

Source: Author, Digitized by PPRACHIN, SOA

ଵଚସ୍ପାନନ୍ଦ ॥ Hopeless. ବୁଝିଲେ ଶିକ୍ଷକ ମହାଶୟ ! ଏଇ Young man କୁ ଦେଖିଲେ ମୋର ମନେହୁଏ—ଇଏ ଯେମିତି ସାଧାରଣ ମଣିଷ ନୁହେଁ—ଗୋଟାଏ ସିମ୍ବଲ ! ମନେ ହୁଏ କୋଉ ଗୋଟାଏ ମିଥ୍ ସହିତ ଯାର ସମ୍ପର୍କ ଅଛି ! ମନେହୁଏ ଗୋଟାଏ ଜୀବନ୍ତ ମାଛ ପାଇଁ ତାର ଚେଷ୍ଟା ଯେମିତି ଅବିଶ୍ରାନ୍ତ । ହେଲେ ଅଭିଶପ୍ତ ମଣିଷର ପ୍ରତିମୂର୍ତ୍ତି ହୋଇ ଗୁରୁବାରଆ ଶରଦିନ ସେମିତି ବନଶୀ ପକାଇ ଗୃହଥିବ ବ୍ୟକ୍ତିତ୍ୱର ସନ୍ଧାନ ପାଇଁ ଏବଂ ଶରଦିନ ସେମିତି ଅପ୍ରାପ୍ତି ଭିତରେ ବୁଡିରହିଥିବ । Fishing in the dull canal !!! ହାଃ – ହାଃ—ହାଃ· · ·

ବସ୍ତୁମୋହନ ॥ ଆପଣ ବିଦ୍ୱାନ୍ ।

ଵଚସ୍ପାନନ୍ଦ ॥ Direct flattering ପଦ୍ଧ ଖୋସାମତି କରିବାର ଅଛି ତେବେ ଆସ୍ତେ ଆସ୍ତେ କରନ୍ତୁ । ଦୁଧ ପାତ୍ରରେ ସାମାନ୍ୟ ବିଷ ମିଶେଇ ଆସ୍ତେ ଆସ୍ତେ ପିଆଇ ଦିଅନ୍ତୁ, ଧରାପଡିବେନି ବୁଝିଲେ, otherwise people will catch you କହୁଛି ଭୁଲ୍ କହିଲି—Sir

ବଶୁମୋହନ ॥ ଆମେ ହେଲୁ ଶିକ୍ଷକ ଗୋଷ୍ଠୀ ଆଜ୍ଞା—ଜୀବନସାରା କେତେଜଣ ଛାତ୍ରଙ୍କୁ ନେଇ ବଞ୍ଚି ଆସିଛୁ—ଚାପୁଲୁସ ବୋଲି କହନ୍ତୁ ପଛକେ ଆମେ ତ ଆପଣଙ୍କ ଭଳି ଏତେ ଟା ମୁହଁଖୋର ହୋଇପାରିବୁ ନାହିଁ ।

ଵଚସ୍ପାନନ୍ଦ ॥ Right ! you are right । ସଫଳତା ପାଇବାକୁ ହେଲେ ମୁହଁ ବନ୍ଦ କରି ରହିବାକୁ ପଡିବ !

ବଶ୍ୱମୋହନ ॥ (ଗୃ ପିଇସାରି) ବହୁତ ଧନ୍ୟବାଦ ଆଜ୍ଞା ! ଅଯଥାରେ ଆପଣଙ୍କର ସମୟ ନଷ୍ଟ କଲି । ବିରକ୍ତ ହୋଇଥିବେ ।

ଵଚସ୍ପାନନ୍ଦ ॥ Oh, no ! ମୋଟେ ନୁହେ । ବରଂ ଆପଣ ଆଜି ମୋର ଅନେକ ଦିନର ସୁପ୍ତ ମନକୁ ଚଞ୍ଚଳ କରି ଦେଇଛନ୍ତି ଶିକ୍ଷକ

Source: Author, Digitized by PPRACHIN, SOA

ମହାଶୟ ! ଆପଣଙ୍କ ବ୍ୟକ୍ତିତ୍ୱର ଏଇ ସରଳତା ଦେଖି ମୋର ବି ମନେ ପଡ଼ିଯାଉଛି ଅନେକ ଦିନ ତଳର ଗୋଟାଏ ନିର୍ବୋଧ ଅସ୍ତିତ୍ୱ ! ହଁ..., ସେ ଦିନର କଥା ମନେ ପଡ଼ିଗଲେ ମୋର ... (କିଛି କହିବେକି ନାହିଁ ସେଇ ଦ୍ୱନ୍ଦ୍ୱ ଭିତରେ ପଡ଼ିଗଲେ ମୁହୂର୍ତ୍ତିକ ପାଇଁ) ହଁ, ମୋର କାନ୍ଦିବାକୁ ଇଚ୍ଛା ହେଉଛି ! ଜାଣନ୍ତି ? ଏଇ ଦାଢ଼ିଆ ଅସନା ମୁହଁଟା ଦିନେ ସୁନ୍ଦର ଥିଲା ଆଉ କାନ୍ଦୁଥିଲା ! ଯୋଉଦିନ ପ୍ରଥମ କରି ଏ ମାନବିକତାର ହତ୍ୟା ଦୃଶ୍ୟଟା ଦେଖିଲି ଏଇ ଗୁଣ୍ଡି ଭିତରେ; ଯୋଉ ଦିନ ଦେଖିଲି ଆଦର୍ଶ ଆଜି ପ୍ରେମର ମୃତ୍ୟୁ ହେଲା—ଯୋଉ ଦିନ ବନ୍ୟାରେ ଧୋଇ ହେଇଗଲା ମୋ ଜୀବନର ସବୁ ବିଶ୍ୱାସ । (ନିଜକୁ ସମ୍ଭାଳି ନେଲେ କିଛିକ୍ଷଣ) ଜାଣନ୍ତି ? ମୁଁ ଦିନେ ବାହା ହେଇଥିଲି ବନ୍ୟାକୁ ! ଖୁବ୍ ବଡ଼ ଘରର ଝିଅ—ଖୁବ୍ ସୁନ୍ଦରୀ—ତା ସୌନ୍ଦର୍ଯ୍ୟକୁ ସମ୍ଭାଳିବା ପାଇଁ ମୋର ପଇସା ନଥିଲା—ତାର ଯୌନ ଆବେଗକୁ ଧରି ରଖିବା ପାଇଁ ମୋ ପାଖରେ କ୍ଷୁଧା ନଥିଲା । ତା ଷ୍ଟାଟସ୍‌କୁ ସମ୍ଭାଳି ରଖିବା ପାଇଁ ମୋ ନିମ୍ନ ମଧ୍ୟବିତ୍ତ ପରିବାର ଭିତରେ ସ୍ଥାନ ନଥିଲା । ତେଣୁ ମତେ ହତ୍ୟାକରି ଚାଲିଗଲା ସିଏ—। ଆଜି ବର୍ତ୍ତମାନ ଯାହାକୁ ଦେଖୁଛନ୍ତି, ସେଇଟା ସେଇ ପୁରୁଣା ବିଚିଷାନନ୍ଦର ଶବ । ସେଇ ଶବଟାକୁ କାନ୍ଧରେ ପକେଇ ମୁଁ ବୁଲୁଛି ଏଇ ଗ୍ରାମାଞ୍ଚଳର ରାସ୍ତା ଉପରେ... (ହଠାତ୍ ଆଖି ଦି'ଟା ଜଳି ଉଠିଲା ବିଚିଷାନନ୍ଦଙ୍କର) No ! Never ! ବଞ୍ଚିଥିଲା ଯାଏ ମଣିଷ ଜାତିଟାକୁ କେବେ ବିଶ୍ୱାସ କରିବେନି ! କେବେ ନୁହେଁ...କେବେ ନୁହେଁ—!

[ବିଚିଷାନନ୍ଦ ଆସ୍ତେ ଆସ୍ତେ ଯାଇ ବେଞ୍ଚ ଉପରେ ବସିଲେ ଏବଂ ବାହାରୁ ପ୍ରବେଶ କଲେ ଚନ୍ଦ୍ରଧର]

Source: Author, Digitized by PPRACHIN, SOA

ଚକ୍ରଧର ॥ ନା ! କେବେ ନୁହେ । ଏ ବସ୍ ଆଜ ଆଉ ଆସିବନି ଦେଖୁଛି । ଏ ଗାଡ଼ିବାଲା କଣ ବୁଝିବେ ଏମିତି ଘଣ୍ଟା ଘଣ୍ଟା Late କରିବା ଦ୍ୱାରା କାହାର କଣ ଅସୁବିଧା ହଉଛି । ଆରେ—ଚକ୍ର ପରିଡ଼ାକୁ ଏମାନେ ଚିହ୍ନି ନାହାନ୍ତି । ଆଜ ଗୋଟାଏ Complain ଲେଖି ପଠାଇ ଦେଉଛି ମନ୍ତ୍ରୀଙ୍କ ପାଖକୁ । ବିଶ୍ୱମୋହନ ବାବୁ ଇଂରାଜୀରେ ଗୋଟାଏ ଦରଖାସ୍ତ ଲେଖିଦେବେ ତ ।

ବିଶ୍ୱମୋହନ ॥ ଆପଣ ଲେଖି ଦିଅନ୍ତୁ ଆଜ୍ଞା ! ମୁଁ ଜଣେ ସାମାନ୍ୟ ଶିକ୍ଷକ । ଏ ସବୁ Complain ବ୍ୟାପାରରେ ମୁଁ ଅନଭିଜ୍ଞ ।

ଚକ୍ରଧର ॥ ଠିକ୍ କଥା । ଠିକ୍ କଥା । ଆପଣ ଏସବୁ ବୁଝିବେ କୁଆଡୁ । Experience କାହିଁ ? ହଃ—୧୯୫୨ ମସିହାରେ ଶିକ୍ଷକ-ମାନଙ୍କ ଦାବୀକୁ ଉପସ୍ଥାପିତ କରି ଏକ ଦରଖାସ୍ତ ଲେଖିଥିଲି ସରକାରଙ୍କ ପାଖକୁ । ସେଇଟା ଆଜ୍ଞା ସରକାରଙ୍କ ଅସ୍ଥିମଜ୍ଜା ହଲେଇ ଦେଇଥିଲା । ହେଲେ ଆଜକାଲି ଏଇ ଜନସେବା କରି କରି ବନାନ ଗୁଡ଼ିକ ଟିକେ ଭୁଲିଗଲିଣି କି ନା ?

[ହଠାତ୍ ହସି ଉଠିଲେ ବିଚିତ୍ରାନନ୍ଦ]

ବିଚିତ୍ରାନନ୍ଦ ॥ ହାଃ—ହାଃ—ହାଃ ।

[ହସିଦେଇ ପୁଣି ଚୁପ୍ ହୋଇ ବସିଗଲେ]

ବିଶ୍ୱମୋହନ ॥ ବୁଝିଲେ ଚକ୍ରଧର ବାବୁ, ଆପଣଙ୍କୁ ଦେଖି ମନେପଡ଼ୁଛି ମୋର ଆଉ ଗୋଟିଏ ଗ୍ରାମ୍ୟ ଚକ୍ରଧରର କଥା । ପିଲା-ବେଳେ ଏମିତି ବହୁତ ବନାନ ଅଶୁଦ୍ଧ କରୁଥିଲା । ଠିକ୍ ଆପଣଙ୍କପରି ଗଠନ ଏଇ ରଙ୍ଗ—ଏଇମିତି ସୁସ୍ଥ ସବଳ —ମୋଟା ହେଇ—ଜଣେ—

ଚକ୍ରଧର ॥ ସତେ ନା କଣ ?

ବିଶ୍ୱମୋହନ ॥ ହଁ, ଆଚ୍ଛା ଆପଣଙ୍କ ଘରଟା କୋଉଠି କହିଲେ ?

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ ବୀରଭଦ୍ରପୁର ।

ବିଶ୍ୱମୋହନ ॥ ବୀରଭଦ୍ରପୁର ! ତୁମେ ସେଇ ମଧୁସୂଦନ ପରିଡ଼ାଙ୍କ ପୁଅ ନୁହଁ ତ ?

ଚନ୍ଦ୍ରଧର ॥ ଆଜ୍ଞା ? ସେ ତ ମୋ ପିତା ହୁଅନ୍ତି । ଆପଣ ତାଙ୍କୁ ଚିହ୍ନନ୍ତି ନା କ'ଣ ?

ବିଶ୍ୱମୋହନ ॥ ଚନ୍ଦ୍ରଧର ! ତୁ ମୋତେ ଚିହ୍ନିପାରୁନୁ । ଓଃ, ମୋ ଆଖି ସେତିକବେଳୁ ଠିକ୍ ଦେଖିଥିଲା । କ ରେ ମୁଁ ପରା ପ୍ରାଥମିକ ସ୍କୁଲରେ ତୋ ଶିକ୍ଷକ ଥିଲି ।

ଚନ୍ଦ୍ରଧର ॥ କ୍ଷମା କରିବେ ସାର୍—ମାନେ···ମାନେ··· ।

ବିଶ୍ୱମୋହନ ॥ ମୋ ଆଖିଟା ଦୁର୍ବଳିଆ ହୋଇଗଲାଣି କି ନା, ହଠାତ୍ ଚିହ୍ନିବା ସମ୍ଭବପର ହୋଇ ପାରୁନି ।

ଚନ୍ଦ୍ରଧର ॥ ଆଜ୍ଞା, ଠିକଏ ବେଶୀ ଦିନର ଘଟଣା ହୋଇଗଲାଣି କି ନା ?

ବିଶ୍ୱମୋହନ ॥ ତଥାପି ବୁଝିଲ ଚନ୍ଦ୍ରଧର ବାବୁ ! ତମକୁ ଦେଖିଲା ମାତ୍ରେ ହିଁ ମୋର ମନେ ହେଲା ଯେମିତି ତମକୁ କୋଉଠି ଦେଖିଛି । ହେଲେ ଠିକ୍ ସାହସ କରିପାରୁ ନଥିଲି ? ତମେ ଠିକ୍ କହୁଛ ଅବଶ୍ୟ ଏ ଭିତରେ ଅନେକ ଦିନ ବିତିଗଲାଣି ।

ଚନ୍ଦ୍ରଧର ॥ Sir, ସେଇ କଥା ତ କହୁଥିଲି ।

ବିଶ୍ୱମୋହନ ॥ ଯା ହେଉ ଅନେକ ଦିନ ପରେ ତମକୁ ଦେଖୁଛି ଚନ୍ଦ୍ରଧର । ତମେ ରାଜନୀତି ଭିତରେ ପଶି ଏ ଯୁଗର ଦୌଡ଼ ସହିତ ଠିକ୍ ତାଳ ମିଳାଇ ଦୌଡ଼ି ପାରିଛ—

ଚନ୍ଦ୍ରଧର ॥ ଆଉ ଆପଣ କମିତି ଅଛନ୍ତି Sir—

ବିଶ୍ୱମୋହନ ॥ ଶୁଣୁଛ ତ ମୋ ଇତିହାସ ଏଇ ଟିକକ ଆଗରୁ କହୁଥିଲି । ଅତି କଦର୍ଯ୍ୟ, ଅତି ନିର୍ଯାତିତ ଭାବରେ ଏ ଜୀବନ

Source: Author, Digitized by PPRACHIN, SOA

ନଉକା ବାହୁ ଚାଲିଛି । କେତେବେଳେ ହସିପିବ—
କେତେବେଳେ ବୁଡିପିବ—ତାର ଇୟତ୍ତା ନାହିଁ ।

ସଦସ୍ୟାନନ୍ଦ ॥ Nice combination of pessimism and optimism — Nice (ହସିଲେ) ।

ଚନ୍ଦ୍ରଧର ॥ ଆରେ ! ମୁଁ ତ ପାଗଳ ବୋଲି ଭାବିଥିଲି ଆପଣଙ୍କ ହାତରେ ଏ ବଲେଇଟାକୁ ଦେଖି ।

ସଦସ୍ୟାନନ୍ଦ ॥ Oh !! ଆପଣ ମୋତେ ଏ ବଲେଇଟାର ଇତିହାସ ପଚାରୁଥିଲେ ନା ଶିକ୍ଷକ ମହାଶୟ ! ଦେଖନ୍ତୁ, ଏପାଏଁ ମୁଁ ସେଇଟା Explain କରିନି—ଇଏ ହେଲା ଠିକ୍ ଆପଣଙ୍କର ପରବର୍ତ୍ତୀଯୁଗର ବାର୍ତ୍ତାବହ । ସ୍ୱାଧୀନତା ପରବର୍ତ୍ତୀ ଯୁଗର । ଖୁବ୍ ସହଜରେ ପୋଷା ମାନି ଯାଇଛି । ମୋର ପାଣ୍ଠିରୁ ଦୁଧ ପିଉଛି ଏବଂ ରାତର ଅନ୍ଧକାର ଯେତେବେଳେ ନିବିଡ଼ ହୋଇ ଉଠୁଛି ମୋର ପାଦତଳେ ଶୋଇ ନୀତିଦାସ ଭଳି ପାଦ ଚାଟୁଛି, ହାଃ-ହାଃ-ହାଃ ସ୍ୱାଧୀନୋତ୍ତର ଜନସମୁଦାୟଙ୍କର ପ୍ରତୀକ ଏଇ ବଲେଇ ?

ଚନ୍ଦ୍ରଧର ॥ ଦେଖୁଛି, ଆପଣ ଆମ ରାଜନୀତିର ଖୁବ୍ ପୁରୁଣା ପୁରୁଣା ତଥ୍ୟ ସବୁ ଘୁଣ୍ଟାଉଛନ୍ତି ? କଣ ସ୍ୱାଧୀନତା ପୂର୍ବରୁ ରାଜନୀତିରେ ଥିଲେ କି ?

ସଦସ୍ୟାନନ୍ଦ ॥ ରାଜନୀତି ? The last resort of a scoundrel—? ମାନେ, ଆପଣ mean କରୁଛନ୍ତି ମୁଁ ଗୋଟାଏ scoundrel ?

ଚନ୍ଦ୍ରଧର ॥ ନା··· ମାନେ···

[ଚନ୍ଦ୍ରଧର ଅପ୍ରସ୍ତୁତ ହେଲେ । ସଦସ୍ୟାନନ୍ଦ କ୍ରମଶଃ ଆକ୍ରମଣର ଭଙ୍ଗୀରେ ଠିଆ ହେଲେ]

ସଦସ୍ୟାନନ୍ଦ ॥ ରାଜନୀତି କରୁଛ ?

ଚନ୍ଦ୍ରଧର ॥ ୧୯୫୨ ମସିହାରୁ ଆଜ୍ଞା ?

Source: Author, Digitized by PPRACHIN, SOA

ବଚସ୍ପାନନ୍ଦ ॥ ଓଃ ! ଘର୍ଣ୍ଣ ଷୋଡ଼ଶ ବର୍ଷର ଝାଉଁଝଖ ? କେତେଥର ରଙ୍ଗ ବଦଳେଇଲଣି ?

[କ୍ରମେ କ୍ରମେ ଚନ୍ଦ୍ରଧର ଆଡ଼କୁ ଆଗେଇଲେ । ଚନ୍ଦ୍ରଧର ନିଜ ଉପ୍ପକୁ ଗୁପି]

ଚନ୍ଦ୍ରଧର ॥ ଆଜ୍ଞା ! ମୁଁ ଗାନ୍ଧୀ, ନେହରୁଙ୍କ ଦେଶର ସନ୍ତାନ । ଦେଶର ଉନ୍ନତି ମୋର ଲକ୍ଷ୍ୟ । ଏଇ ପାର୍ଟି ପଣ୍ଡିତଦରୁ କଣ ମିଳିବ ? ନିଃସ୍ୱାର୍ଥପର ସେବା କରିବା ହେଉଛି ଆମର ଧର୍ମ ।

ବଚସ୍ପାନନ୍ଦ ॥ (ଚିତ୍କାର କରି) Oh ! stop ! Stop this hyporisy !! ଗାନ୍ଧୀଙ୍କର ପୂରା ନାଁଟା ମନେ ଅଛି ?

ଚନ୍ଦ୍ରଧର ॥ ଅଜ୍ଞା— !

ବଚସ୍ପାନନ୍ଦ ॥ କୁହ, ଶୀଘ୍ର କୁହ ଗାନ୍ଧୀଙ୍କର ପୁରା ନାଁଟା କ'ଣ ?

ଚନ୍ଦ୍ରଧର ॥ (ନୀରବ ଆକାଶକୁ ଗୃହିଁଲେ—)

ବଚସ୍ପାନନ୍ଦ ॥ Yes—କୁହ, ଶୀଘ୍ର କୁହ ।

ଚନ୍ଦ୍ରଧର ॥ ମହାତ୍ମା ଗାନ୍ଧୀ ।

ବଚସ୍ପାନନ୍ଦ ॥ ...(ତା ପରେ ନିଜ ବିକ୍ଷିପ୍ତ ବ୍ୟକ୍ତି ସତ୍ତ୍ୱକୁ ସାଉଁଟିବାକୁ ଚେଷ୍ଟା କଲେ । ନିଜ ମାନସିକ ଭାରସାମ୍ୟ ଫେରି ପାଇଲା ପରେ) କ୍ଷମା କରିବେ ରାଜମାତଙ୍କ ନେତା ! ମୁଁ ହଠାତ୍ ଟିକିଏ ରାଗିଯାଇଥିଲି । ଆଜକୁ ୧୦/୧୨ ବର୍ଷ ତଳେ ମୋର ଜଣେ ଆତ୍ମୀୟା ଥିଲା—ହେଇପାରେ ମୋ' ସ୍ତ୍ରୀ·· ପ୍ରେମିକା... ସବୁ ଜଞ୍ଜାଳ ! ବୁଝିଲେ ବିଶ୍ୱମୋହନ ବାବୁ ? ସେତିକିବେଳେ ମୁଁ ଖୁବ୍ ସୁନ୍ଦର ଥିଲି । ଏମିତି ମୋ ମୁହଁରେ ଅନାବନା ଦାଢ଼ିର ଜଙ୍ଗଲ ନଥିଲା— I was not in such rags—ତଥାପି ସେ ମୋତେ କହୁଥିଲା; ମୁଁ କୁଆଡେ ଟିକିଏ ଆଉ ପାଗଳା । ଆଉ

Source: Author, Digitized by PPRACHIN, SOA

ଆଜ ମୁଁ ଏତେଦିନ ପରେ ଅନୁଭବ କରୁଛି ସତରେ ମୁଁ ଟିକଏ··· ମୁଁ ଟିକଏ···

[ଟଳ ଟଳ ଗ୍ଭଲିଗଲେ ଗ୍ଭ’ ଦୋକାନର ବେଞ୍ଚ୍ ଉପରକୁ ! ଶେଷରେ ଚନ୍ଦ୍ରଧର ପକେଟ୍‌ରୁ ରୁମାଲ ବାହାର କରି ମୁହଁ ପୋଛିଲେ । ମଞ୍ଚର ଆଲୋକ ସ୍ତିମିତ ହେଲା । ଆବହ ସଙ୍ଗୀତ ଗମ୍ଭୀର ହେଲା । ଆସ୍ତେ ଆସ୍ତେ ହସିଲେ ବିଶ୍ୱମୋହନ । ଧୀରେ ଧୀରେ ଗଲେ ଚନ୍ଦ୍ରଧର ପାଖକୁ । ଭୟରେ ଥରେ ଗ୍ଭହିଁଲେ ହରିହାନନ୍ଦଙ୍କୁ । କିଛି ସମୟ ଠିଆ ହେଲେ । ଚନ୍ଦ୍ରଧର ମୁହଁ ଉଠେଇ ଗ୍ଭହିଁଲେ ବିଶ୍ୱମୋହନଙ୍କୁ]

ଚନ୍ଦ୍ରଧର ॥ ସାର୍ ? (ଅନେକ କୁଣ୍ଠାର ଅଭିବ୍ୟକ୍ତ ସ୍ୱର)

ବିଶ୍ୱମୋହନ ॥ ଚନ୍ଦ୍ରଧର ! ତମେ ତ ଶୁଣିଲ ଏ ଗରିବ ମାଷ୍ଟରର କଥା —ଟିକଏ ସାହାଯ୍ୟ କର ।

ଚନ୍ଦ୍ରଧର ॥ Sir, ଆପଣ ଆଜ ମୋ’ ସାଙ୍ଗରେ ନେତ୍ରରୁପଲ୍ଲୀ ଆସନ୍ତୁ, ମୁଁ ମନ୍ତ୍ରୀଙ୍କୁ କହିବ ଯଦି କିଛି ସାହାଯ୍ୟ ହେଇପାରେ ।

ବିଶ୍ୱମୋହନ ॥ (ଭାଙ୍ଗିପଡ଼ି) ପୁଣି ମୋତେ ସେଇ ଗାଁକୁ ଯିବାକୁ ହେବ ଚନ୍ଦ୍ରଧର ? ବୁଢ଼ାଲୋକ ବାବୁ—ଗ୍ଭରିଦିନ କାଳ ଭୁବନେଶ୍ୱରରେ ଅପେକ୍ଷା କରି କରି ଫେରିଆସିଛି ନିରାଶ ହୋଇ । ଏଇତକ କାମ କରିଦେଲେ ତମ ପ୍ରତି ମୁଁ କୃତଜ୍ଞ ରହିବି···ଆଶୀର୍ବାଦ କରିବି ଚନ୍ଦ୍ରଧର ।

ଚନ୍ଦ୍ରଧର ॥ Sir, ବୁଝୁଥିବେ ତ ଏଗୁଡା ସବୁ କାଠିକିଭ ପାଠ । ତା’ ଛଡ଼ା ଏ ଖୋସାମଦ ଯୁଗରେ ଯୋଗ୍ୟ ଅବସ୍ଥା ହେଲାଣି ନିଜେ ଟିକିଏ ସେଇଠି ମନ୍ତ୍ରୀଙ୍କୁ ଦେଖା ନକଲେ···

Source: Author, Digitized by PPRACHIN, SOA

ବିଶ୍ୱମୋହନ ॥ ମୁଁ ସବୁ ବୁଝିପାରୁଛି ଚନ୍ଦ୍ରଧର ! କାଲିରାତିରୁ ଘର ହଇରାଣରେ ପଡ଼ିଛି । ତେଣେ ଘରେ ସ୍ତ୍ରୀଟା ମରେ ନମରେ ଅବସ୍ଥାରେ ପଡ଼ିଥିଲା—ମନଟା ଆଦୌ ଭଲ ଲାଗୁନି— ତେଣେ ଆଜି ସକାଳୁ ଏଇଠି ପହଞ୍ଚି ପୁଣି ସେଇଠିକି ଯିବା ସମ୍ଭବପର ହୋଇ ପାରୁନି—ମୋ ପ୍ରତି ଟିକିଏ—

ଚନ୍ଦ୍ରଧର ॥ ଆଚ୍ଛା—ହଉ ଦିଅନ୍ତୁ ଦରଖାସ୍ତଟା ।

[ବିଶ୍ୱମୋହନ ଦରଖାସ୍ତଟା ବାହାର କରି ବଢ଼େଇ ଦେଲେ । ଆଖି ଲୁହ ଛଳ ଛଳ]

ବାବା ! ଏ ଗରିବ ମାଷ୍ଟରଟା କଥା ଟିକିଏ ମନ୍ତ୍ରୀଙ୍କୁ କହିବ । ଆଉ ଦି' ତିନିଟା ବର୍ଷ ଏକସ୍‌ଟେନସନ୍ ଦେଇଦେଲେ ମୋ ପରିବାରଟା ବଞ୍ଚିଯିବ !

ଚନ୍ଦ୍ରଧର ॥ ଠିକ୍ ଅଛି ସାର୍ ! ମୁଁ ମନ୍ତ୍ରୀଙ୍କୁ କହିବି । ଟଙ୍କା ହଜାରେ ଦେଇଥିଲେ ମନ୍ତ୍ରୀ କଥାଟାକୁ ଟିକିଏ ମନଦେଇ ଶୁଣିଥାନ୍ତେ !

ବିଶ୍ୱମୋହନ ॥ ହଜାରେ ଟଙ୍କା ! ମୁଁ ଏତେ ଟଙ୍କା କେଉଁଠୁ ଆଣିବି ବାପା !

ଚନ୍ଦ୍ରଧର ॥ ନାହିଁ ସାର୍ ସେ କଥା ମୁଁ କହୁନି—ଆପଣ ଟଙ୍କା କୋଉଠୁ ଆଣିବେ ? ଠିକ୍ ଅଛି ସାର୍ ! ମୁଁ ମନ୍ତ୍ରୀଙ୍କୁ କହିବି—ପୁରା ଜମେଇକି କହିବି ।

[ବିଶ୍ୱମୋହନଙ୍କ ମୁହଁରେ ଆଶାର ଆଲୋକ]

ବିଶ୍ୱମୋହନ ॥ ତମକୁ କଣ କହି ଆଶୀର୍ବାଦ ଦେବି ବାପା—

ଚନ୍ଦ୍ରଧର ॥ ନା—Sir ! ଏଇଟା ତ ମୋର କର୍ତ୍ତବ୍ୟ···

[ବିଶ୍ୱମୋହନ ଏଥର ଆଶ୍ୱସ୍ତ ହେଲେ । ଚନ୍ଦ୍ରଧରଙ୍କ ମୁହଁକୁ ଚାହିଁଲେ, ଆବହ ସଙ୍ଗୀତ]

Source: Author, Digitized by PPRACHIN, SOA

ବିଶ୍ୱମୋହନ ॥ ତମ ସାଙ୍ଗରେ ଆଉ ଟିକିଏ କଥା ଥିଲା ବାପା—

ଚନ୍ଦ୍ରଧର ॥ କହନ୍ତୁ ।

ବିଶ୍ୱମୋହନ ॥ ଟିକିଏ—ଏ ପାଖକୁ—

[ବିଶ୍ୱମୋହନ ଚନ୍ଦ୍ରଧରଙ୍କୁ ନେଇଗଲେ ମଞ୍ଚର ଗୋଟାଏ କୋଣକୁ । ଗଲାବେଳେ ଦୂରରୁ ଶୁଭୁଥିଲା 'ରାମନାମ ସତ୍ୟ ହୈ' ଓ ଢେଙ୍କୁରା ଶବ୍ଦ । ପରେ ପରେ ଶବ୍ଦଟା ମିଳେଇଗଲା ପବନରେ । ବିଶ୍ୱମୋହନ କହିଲେ]

ବିଶ୍ୱମୋହନ ॥ ଚନ୍ଦ୍ରଧର, ଭୁବନେଶ୍ୱରରେ ଘରହାନ ରହିଲା ପରେ ପାଖରେ ଆଉ ଗୋଟିଏ ହେଲେ ପଇସା ନାହିଁ । ତମେ ତ ମୋର ଘରର, କହିବାକୁ ଗଲେ ମୋର ପୁଅ ଭଳି । ତମକୁ ଲୁଚେଇ ଲାଭ କଣ ? କାଲି ସକାଳରୁ ପୂରା ଉପାସ । ଏଣେ ଗାଁକୁ ଯିବାକୁ ପଇସା ନାହିଁ । ଦଶ ପଇସା ଥିଲା ଯେ ଚା' ଖାଇଦେଲି । ଏମିତି ଚାଲି ଚାଲି ଯିବି ଯେ ହେଲେ ଅନ୍ନଶୂନ୍ୟ ଦେହରେ ଆଉ ଶକ୍ତି ନାହିଁ । ବାପା—ତମ ପାଖରେ ଟଙ୍କାଏ ପଇସା ଅଛି ?

ଚନ୍ଦ୍ରଧର ॥ ବଡ଼ ଅସମୟଟାରେ ମାଗିଲ—ମାନେ—ଆପଣ ମୋତେ ପଇସା ମାଗୁଛନ୍ତି—ଏଇଟା ମୋର ଭାଗ୍ୟ ! ମୋର ଇଚ୍ଛା ହେଉଛି···ଶହେ ଟଙ୍କା ଦେଇ ଦିଅନ୍ତି । ତେବେ ବର୍ତ୍ତମାନ—

ବିଶ୍ୱମୋହନ ॥ ମୋର ଏତେ ଟଙ୍କା ଦରକାର ନାହିଁ ବାପା ! ଗାଡ଼ି ସମୟ ହେଇଗଲାଣି । ଟଙ୍କାଏ ହେଲେ ଚଳିବ ।

ଚନ୍ଦ୍ରଧର ॥ ସାର୍ ? ଏଙ୍କାଏ ? ମାନେ—ଏକ ଟଙ୍କା ମାତ୍ର ?

ବିଶ୍ୱମୋହନ ॥ ହଁ ବାପା ! ଟଙ୍କାଏ ହେଲେ ଚଳିବ ?

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ (ଟଙ୍କାଏ ବାହାର କରି) ଦେଖନ୍ତୁ, ଆପଣଙ୍କୁ ଟଙ୍କାଏ ଦାଉଛି ସିନା, ମତେ ଭାରି ଅପମାନ ଲାଗୁଛି Sir ! ଆପଣଙ୍କୁ ସୁବିଧା ଅସୁବିଧାରେ ସାହାଯ୍ୟ କରିପାରିଲି ନାହିଁ ।

ବିଶ୍ୱମୋହନ ॥ ତମେ ଏ ଟଙ୍କାର ମହତ୍ତ୍ୱ ବୁଝିପାରିବନି ଚନ୍ଦ୍ରଧର ! ଏଇ ଗୋଟାଏ ଟଙ୍କା ମୋ ପାଇଁ ଆଜି ଏକ ଲକ୍ଷ ।

ଚନ୍ଦ୍ରଧର ॥ ମତେ କ୍ଷମା କରିବେ ଆଜ୍ଞା ! (ଟଙ୍କାଟା ଦେଲେ)

ବିଶ୍ୱମୋହନ ॥ (ଟଙ୍କା ନେଉ ନେଉ) ଛି-ଛି-ଛି ତମେ ସେମିତି କାହିଁକି ଭାବୁଛ ଚନ୍ଦ୍ରଧର ! (ଟିକିଏ ରହି) ଚନ୍ଦ୍ରଧର ! ପିଲାବେଳେ ସାହିତ୍ୟ ଆସେନା ବୋଲି ତମକୁ ଅନେକ ଥର ମାରିଛି । ଆଜି ମତେ କ୍ଷମା କରିବେ ଚନ୍ଦ୍ରଧର ! ଏହି ବୁଢ଼ା ମାଷ୍ଟରଟାର ସବୁ ଦୋଷ ଭୁଲିଯିବ ।

[ଏକଥା କହୁ କହୁ ବିଶ୍ୱମୋହନଙ୍କର ଆଖି ଛଳଛଳ ହୋଇ ଉଠିଲା । କଣ୍ଠ ଥରିଯାଇ ଭାଙ୍ଗି ପଡିବା ପରି ମନେହେଲା ଗୋଟାଏ ଉଚ୍ଛ୍ୱାସରେ । ସେ ଚନ୍ଦ୍ରଧର ପରିଡ଼ାର ମୁହଁକୁ ଚାହିଁ ପାରିଲେ ନାହିଁ । ଅନ୍ୟପଟକୁ ମୁହଁ ବୁଲାଇ ଦେଲେ । ଚନ୍ଦ୍ରଧର ଏସବୁ ମାନସିକ ଉଚ୍ଛ୍ୱାସର ଅର୍ଥ କିଛି ବୁଝିପାରୁଥିଲା କି ନଥିଲା ଜଣାଗଲା ନାହିଁ । ତେବେ ଅଜାଣତରେ ତା ମୁହଁରୁ ବାହାରିଗଲା]

ଚନ୍ଦ୍ରଧର ॥ ସାର୍ !

[ବିଶ୍ୱମୋହନ ଅଟକି ଗଲେ । ଦୂରରୁ ସେଇ ଢେଙ୍ଗୁରା ଶବ୍ଦ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ପାଖେଇ ଆସିଲା, ଦୂରରେ···ସେଇ ପୋଖରୀ ଆରପଟ ପାହାଡ ତଳ ସରୁ ରାସ୍ତାରେ କିଛି ଲୋକ ଗୋଟିଏ ଶବକୁ କାନ୍ଧେଇ ନେଇ ଯାଉଥିଲେ ଏବଂ 'ରାମ ନାମ ସତ୍ୟ ହୈ' ଡାକ ଶୁଭୁଥିଲା । ବିଶ୍ୱମୋହନ

Source: Author, Digitized by PPRACHIN, SOA

କ୍ଷଣିକ ପାଇଁ ସେପଟକୁ ଗୃହିଁଲେ ଏବଂ କ୍ଳାନ୍ତ, ଅବସନ୍ନ ପଦରେ ଯାଇ ଗୁ' ଦୋକାନ ବେଞ୍ଚ୍ ଉପରେ ବସି ପଡ଼ିଲେ ମୁହଁ ଡନକୁ କରି । ଅନ୍ୟପଟୁ ଦୌଡ଼ି ଆସିଲା ମକୁନ୍ଦ ବାଉକ]

ମକୁନ୍ଦ ॥ ଗୋବନ୍ଦାଇ — ଏ ଗୋବନ୍ଦାଇ !

(ଗୁରୁବାରଆକୁ ଦେଖି) ଆରେ ବାପା କାହିଁ ?

ଗୁରୁବାରଆ ॥ (ପିଆଜ କାଟୁ କାଟୁ) ବାପା ଘରକୁ ଯାଇଛି—ବୋଉ ଡ଼କେଇଛି । ଆଜ ଦଉଥିବ ଯେ—ମଟଚ ଯେଉଁ ଗାଳ ଦେଇଥିଲା ।

ମକୁନ୍ଦ ॥ ହଉ ପାଣି ଗିଲାସେ ଦେଲୁ । (ବସି ପଡ଼ିଲା) ବାବୁ ! କିଏ ଅଉ ହବ କ ?

ବଶ୍ୱମୋହନ ॥ ଏଁ ··· ! ନାଁ, ଥାଉ —

ଗୁରୁବାରଆ ॥ ଏ ଡେଙ୍ଗୁରା କା'ର କରେ ମକୁ ଦାଦ ?

ମକୁନ୍ଦ ॥ କଏ କେତେ ତ ମରୁଛନ୍ତରେ ତାର କ'ଣ ଠିକଣା ଅଛି ? ସେ ପୋଟଷି ଛକର ଗ୍ରାମ ପଧାନ କହୁଥିଲା ନୂଆପଡ଼ାର କୋଉ ସ୍କୁଲମାଷ୍ଟରର ସ୍ତ୍ରୀ ମରିଗଲା ।

[ମକୁନ୍ଦର କଥା ଶୁଣି ଚମକ ଉଠିଲେ ବଶ୍ୱ-ମୋହନ । ଚଡ଼ତ୍ ଆଘାତ ପାଇଲା ଭଳି ଅନ୍ତ ଉତ୍କଣ୍ଠାର ସହ ପଚାରିଲେ]

ବଶ୍ୱମୋହନ ॥ କୋଉ ନୂଆପଡ଼ା କହିଲ ?

ମକୁନ୍ଦ ॥ ଏଇ ବଷ୍ଣୁପୁର ନୂଆପଡ଼ା ବାବୁ ! ଡ଼କ୍ତରଖାନାକୁ ନଉଥିଲେ । ବାଟରେ ମରିଗଲା । ସେଇ ଶଗଡ଼ରେ ପକେଇ ନେଇ ଆଣିଲେ ଗାଁକୁ !

[ବଶ୍ୱମୋହନ ବସିଥିବା ଜାଗାରୁ ଉଠି ପଡ଼ିଲେ]

Source: Author, Digitized by PPRACHIN, SOA

ହେଲେ ଅଜ୍ଞା, ଶୁଣିଥିଲି, ବଡ଼ ଉତ୍ସବ ବଳଲ ହୋଇ ମଲା । ସ୍ୱାମୀ କୁଆଡ଼େ ତାର ପାଖରେ ନଥିଲା, ଯାଇଥିଲା ଭୁବନେଶ୍ୱର । ତୁଆ ପିଲା ଗୁଡ଼ାକ କାନ୍ଦି କାନ୍ଦି ଗୋଡ଼େଇଛନ୍ତି ପଛରେ !

[ବିଶ୍ୱମୋହନଙ୍କ ମୁହଁରେ ଶବ୍ଦ ପ୍ରତିଚ୍ଛବି ଯୁ। ! ଓଠ, ମୁହଁ, ଦେହ ଥରିବା ଆରମ୍ଭ ହେଲା । କୌଣସି ମତେ ସାହସ ସଞ୍ଚୟ କରି ସେ ପଚାରିଲେ]

ବିଶ୍ୱମୋହନ ॥ ପିଲାତୁଆ ଗୁଡ଼ା ··· କାନ୍ଦୁଥିଲେ ?

ମକୁନ୍ଦ ॥ ବାବୁ ! ସେ କଥା ଆଉ କହନ୍ତୁ । ଆଖି ଦେଖିବା କଥା ନୁହ !

[ଠିକ୍ ଏତିକବେଳେ ଗୁରୁବାଈର ଫୁଟୁଥିବା ତେଲ କଡ଼େଇ ଉପରେ ପିଆଜ ପଡ଼ିଲା ଏବଂ ଚେଁ କରି ଶବ୍ଦ ହେଲା । ସଚ୍ଚିଦାନନ୍ଦ ଏବଂ ଚନ୍ଦ୍ରଧର ଉଠି ଠିଆ ହେଲେ । ବିଶ୍ୱମୋହନଙ୍କର ସେ ଦିଗକୁ ଦୃଷ୍ଟି ନଥିଲା । ସେ ଠିଆ ହୋଇ ପୋଖରୀ ଆରପଟର ଦିଗ୍‌ବଳୟକୁ ଚାହିଁ ମନକୁ ମନ କହୁଥିଲେ]

ବିଶ୍ୱମୋହନ ॥ ଏଁ ! ଚାଲିଗଲା ? କନକ ଚାଲିଗଲା ? ଏ ଅଯୋଗ୍ୟ ସ୍ୱାମୀଟା ଉପରେ ଅଭିମାନ କରି ଚାଲିଗଲା ? ··· କନକ !

[ବିଶ୍ୱମୋହନ ପାଗଳଙ୍କ ପରି ଦୌଡ଼ିଗଲେ ସେଇ ପୋଖରୀ ଆରପଟ ଶ୍ମଶାନ ଆଡ଼କୁ ଯୋଉ ପଟୁ "ରାମ ନାମ ସତ୍ୟ ହୈ" ଶୁଭୁଥିଲା । ଗୁରୁବାଈ ପୁଣି ଥରେ ଫୁଟନ୍ତା ତେଲ କଡ଼େଇରେ ପିଆଜ ପକେଇଲା ଓ ଚେଁ କରି ଶବ୍ଦ ହେଲା । ତା' ପରେ ଶୁଭିଲା ଆବହ ସଙ୍ଗୀତର ଗୋଟିଏ ଧାଡ଼ି :]

Source: Author, Digitized by PPRACHIN, SOA

ଚଉଦ ବରଷ ଆହା ବନବାସ କଲି
ତୋ' ଲାଗି କନକ ଗୌରୀ କଷଣ ସହିଲି !
କେମନ୍ତେ ଗଲୁରେ ଉଡ଼ି
କେମନ୍ତେ ଗଲୁରେ ଛାଡ଼ି
ସୁବର୍ଣ୍ଣ ଏ ଧରା
(ଆହା) ମୋ' ଲୋଟଣୀ ପାରା ॥ ୦ ॥

ସୁବର୍ଣ୍ଣ ପଞ୍ଜୁରୀ ଏକ
ତୋହ ଲାଗି ଆଣି
ଭୁଞ୍ଜିବାକୁ ଦେଇଥିଲି
ବଇଦୁର୍ଯ୍ୟ ମଣି
କେମନ୍ତେ ଛାଡ଼ି କୁଟୀର
କେମନ୍ତେ କରିଲୁ ପର
ସୁବର୍ଣ୍ଣ ଏ ଧରା
(ଆହା) ମୋ' ଲୋଟଣୀ ପାରା ॥ ୧ ॥

[ଗୀତଟି କ୍ରମଶଃ ସେହି ଦିଗ୍‌ବଳୟ ଭିତରେ ହଜିଯିବା ଭିତରେ ବିଶ୍ୱମୋହନ ଗଲେ ଓ ତାଙ୍କ ପଛେ ପଛେ ଗଲେ ଚନ୍ଦ୍ରଧର । ମଞ୍ଚ ଉପରେ ଅବାକ୍ ହୋଇ ଠିଆ ହୋଇଥାନ୍ତି ବିଚିତ୍ରାନନ୍ଦ ଏବଂ ମକୁନ୍ଦ । ଗୁରୁବାଣୀ ସେମିତି କଡେଇରେ ବସା ଶୁଣୁଥାଏ । ସତେ ଯେପରି ପୃଥିବୀର କଡ଼େଇରେ ଜୀବନ ଜଳି ଯାଉଚି ଯନ୍ତ୍ରଣାର ଇନ୍ଧନ ଦ୍ୱାରା । ବିଚିତ୍ରାନନ୍ଦଙ୍କର ଆଖି ଛଳ ଛଳ । ଓଠ ସ୍ପନ୍ଦିତ । କେବଳ ହାତଟା ବୁଲି ଆସୁଥାଏ ହିଲେଇଟି ଉପରେ । ବିଚିତ୍ରାନନ୍ଦ ସେଇ ଶ୍ମଶାନ ଅଡ଼କୁ ଚାହିଁ ଥର ଥର କଣ୍ଠରେ କହିଲେ :]

Source: Author, Digitized by PPRACHIN, SOA

ବଟସାନନ୍ଦ : Pushy cat ! କଟ୍ଟୁ ଦେଖି ପାରୁଛୁ । ଜୀବନ ଯୁଦ୍ଧରେ ସେ ଏକ ବାସ୍ତବ ସୈନିକ ! (କଟ୍ଟୁ ସମୟ ପରେ ବଶ୍ୱମୋହନଙ୍କ ଉଦ୍ଦେଶ୍ୟରେ) ଏ ଦେଶର ଶ୍ରେଷ୍ଠ ସୈନିକ ବଶ୍ୱମୋହନ ! ଯାଅ ! ଜୀବନ ସମ୍ବିତ ଅବଶ୍ରାନ୍ତ ଯୁଦ୍ଧ କର ! ଚରମ ସଂଗ୍ରାମ ଆଗରେ ମୁଣ୍ଡ ମୋର ନଇଁ ଯାଉଛି ବଶ୍ୱମୋହନ ! I salute you ! yes ! I salute you !!

[ଆଲୋକ ପୁଞ୍ଜିଭୂତ ହୋଇଥିଲା ବଟସାନନ୍ଦଙ୍କ ମୁହଁରେ । ସେ ସେମିତି ସାଲ୍ୟୁଟ୍ ମୁଦ୍ରାର ଫ୍ରିଜ୍ ହୋଇ ଠିଆ ହୋଇଥିଲେ ଏବଂ ମଞ୍ଚ ଅନ୍ଧାର ହେଲା]

Source: Author, Digitized by PPRACHIN, SOA

ଦ୍ୱିତୀୟ ଆଲୋକ

[ସେଇ ମଞ୍ଚ, ସେଇ ପରିବେଶ, ସେଇ ଲ୍ୟାଣ୍ଡସ୍କେପ୍ । ସମୟର ଗତିରେ ମଧ୍ୟ ବିଶେଷ କିଛି ବ୍ୟତିକ୍ରମ ନାହିଁ । କେବଳ ଆଲୋକର ଅନ୍ତର, ଅର୍ଥାତ୍ ଦୃଶ୍ୟାନ୍ତର ।

ଗୋବିନ୍ଦ ସାହୁର ଚୁଲ୍ଲି ସେମିତି ଜଳୁଛି । ତେଲ କଡେଇ ସେମିତି ଫୁଟୁଛି ପୂର୍ବଥର ଭଳି । ସେମିତି ମୁଁ, ଆମ୍ଭେ ଓ ଆମ୍ଭମାନଙ୍କର ଗହଳି ସେଇଠି । ତେବେ ନେହୁରୁପଲ୍ଲୀର ଗ୍ରାମ୍ୟମେଳା ପାଇଁ ଆଜି କିଛି କିଛି ବିଚିତ୍ର ନୂତନ ଲୋକଙ୍କର ସମାବେଶ ହୋଇଛି । ଯେମିତି ଧରନ୍ତୁ ବର୍ତ୍ତମାନ ଆସି ପହଞ୍ଚିଲେ ଜଣେ ଶୀର୍ଣ୍ଣକାୟ ଯୁବକ । ମୁହଁରେ ଦାଢ଼ି । କ୍ଳାନ୍ତ ହୋଇ ଓହ୍ଲାଇଛନ୍ତି ଗୋଟାଏ ଟ୍ରେକର୍ ରୁ । କାନ୍ଧରେ ଝୁଲୁଛି ଗୋଟାଏ କନା ବ୍ୟାଗ୍ । ମନେ ହେଉଛି ସିଏ ଯେମିତି ଜୀବନର ଗୋଟାଏ ଶିଖର ଉପରକୁ ଆସି ପହଞ୍ଚିଗଲେ । ଗୋବିନ୍ଦ ସାହୁ ତାଙ୍କୁ ଅଭ୍ୟର୍ଥନା କରିବା ସ୍ୱରରେ କହିଲେ :]

Source: Author, Digitized by PPRACHIN, SOA

[ବସଷ୍ଟାଣ୍ଡ—ଦୋକାନ—ବସିଛନ୍ତି ଗୋବିନ୍ଦ ସାହୁ—ତା ପରେ ଆସିଲେ ଅତନୁ—କବି—Frustrated— ବିଂଶ ଶତାବ୍ଦୀର କକ୍ଷଚ୍ୟୁତ, କେନ୍ଦ୍ରଚ୍ୟୁତ Representative — ଦୋକାନ, ଗୋବିନ୍ଦ । ବସିଲେ— ହାତରେ File ଇତ୍ୟାଦି]

ଗୋବିନ୍ଦ । ବସନ୍ତୁ ।

ଗୋବିନ୍ଦ ॥ କୋଉଠୁ ଆସିଲେ ?

ଅତନୁ ॥ ବହୁତ ଦୂରରୁ ।

ଗୋବିନ୍ଦ । କେଉଁଠିକି ଯିବେ—ପରିଡ଼ା ଘରକୁ ?

ଅତନୁ ॥ ପରିଡ଼—? କିଏ ସେ ଭଦ୍ରଲୋକ ? ପରିଡ଼ା କିଏ ମୁଁ ଜାଣିନି ।

ଗୋବିନ୍ଦ । ତା ହେଲେ ପଧାନ ଘରକୁ ହେଇଥିବ ।

ଅତନୁ What nonsense !

ଗୋବିନ୍ଦ ॥ ଆଜ୍ଞା ବିରକ୍ତ ହେଲେ କି— ? ଥାଉ ତା ହେଲେ ! (ଦେଖିଲେଇ) ଆଉ ପେଟ୍ରୋ ଖରା ହେଇଛି ଆଜ୍ଞା—ମୁଣ୍ଡ ଗରମ ହେଇଯିବା କଥା ! ତା ପରେ ପେଟ୍ରୋ ଅପନ୍ତରା ଗାଁ ପାଣି କଣ ଠିକିଏ ମିଳିବ ? ନା କଣ ସାର୍... ? ସାର୍... ... !

ଅତନୁ ॥ ଉଁ...? ହୁଁ...

ଗୋବିନ୍ଦ ॥ ଏଇ ମଦନପୁର ରାସ୍ତା ବି କୋଉ ଭଲ କି ? ଏତେ ଖାଲଢିପ ହେଇଛି ଯେ ସେ କୁଜ ବସ୍‌ରେ ଆସିଲେ ଭଲ ଲୋକର ଦେହ ଦରଜ ହେଇଯିବ ପରା ! ନୁହେଁ ଆଜ୍ଞା ?

ଅତନୁ ॥ ଓଃ କହନ୍ତୁ ସେ କଥା ! ଆଚ୍ଛା, ଏ ରାସ୍ତାଟିକୁ ମରାମତି କରୁନାହାନ୍ତି କାହିଁକି ?

Source: Author, Digitized by PPRACHIN, SOA

ଗୋବିନ୍ଦ ॥ ଲୋକବସ୍ତି କଥା ଆଜ୍ଞା । ଆଜ୍ଞା, ଗୃହଜନରୁ ଆରମ୍ଭ କରି ଗ୍ରା' ପନ୍ତ ପର୍ଯ୍ୟନ୍ତ ବଳାକ୍ ହେଲ—ଗ୍ରାମଟା ମରାମତି ହେବ କେମିତି ? — ଖାଲି ସାହେବ ଆସିଲା ଦିନ ପରସ୍ତେ ମାଟି ଢାଳିଦେଲେ ହେଲା । ଗ୍ରୃ ପାଣି ଠିକେ ହବ ଆଜ୍ଞା —?

ଅଚ୍ଚନୁ ॥ ଆରେ ପାଣି ! ଆଚ୍ଛା, କଟେ ଗ୍ରୃ ଦିଅ—ଭଲ କରି ଠିକେ ଚିନ୍ ଦେବ ।

ଗୋବିନ୍ଦ ॥ ଆଜ୍ଞା !

[ଗାଟେଧଇ ପାଧେଇ ଆସିଛି ମକୁନ୍ଦ ବାଳକ ।

ମକୁନ୍ଦ ॥ ଟୋବିନ୍ଦାଇ ଚକର ପଶଡ଼ା ଗୃହଗଲା କରେ ?

ଗୋବିନ୍ଦ ॥ ଆରେ ଏଇଠି ତ ବସିଥିଲା ଏଇନେ—ଯାଇଥିବ ସେ ମାଷ୍ଟର ବୁଢ଼ା ସାଙ୍ଗରେ ।

ମକୁନ୍ଦ ଦାଦା କର୍ଣ୍ଣ—ଦସ୍ଥା ଦେଖଉଚ । ସୂର୍ଯ୍ୟ ପଶ୍ଚିମ ଦିଗରେ ଉଇଁଲେ କି ଆଉ ?

ଗୋବିନ୍ଦ ॥ ଯ ହା କହ ମକୁନ୍ଦ । ମୁଁ ସବୁ ଶୁଣିଲି । ବଡ଼ ବିକଳ ଲାଗିଲାରେ । ବୁଢ଼ା ମୁଣ୍ଡରେ ବଜ୍ର ପଡ଼ିଗଲା । ଯେମିତି ବ୍ୟସ୍ତ ହେଲାରେ ···

ମକୁନ୍ଦ ॥ ମୋ ଗୋଡ଼ ଥରି ଉଠିଲାରେ ଗୋବିନ୍ଦାଇ । କାହା ଭାଗ୍ୟରେ କୋଉ କଥା । ବିଧି କପାଳରେ କଣ ଲେଖିଛି—କିଏ ଆଉ କରିବ କହୁନୁ ?

ଗୋବିନ୍ଦ ॥ ପାଠପଢ଼ି ସିନା ଏମାନେ ଦିଅଁ ଦେବତାଙ୍କୁ ଆଡ଼େଇ ଦେଇ ନିଜେ ନିଜେ ଦେବତା ହୋଇଯିବି ଭାବୁଚନ୍ତି ! ହେଲେ ଉପରେ ଜଣେ କିଏ ଆଙ୍ଗୁଠି ଦେଖେଇ ସମସ୍ତଙ୍କୁ ନଚଉଛି···ବୁଝିଲୁ ?

ମକୁନ୍ଦ ॥ ଆଜି ତ କେତେ ତତ୍ତ୍ୱ କଥା ସବୁ କହୁଚୁରେ ଗୋବିନ୍ଦାଇ ! (Pause) କଣ ଆଜ୍ଞା ଦାଢ଼ିଟା ବଢ଼େଇ ଦେବ ? ଦାଢ଼ି ?

ଅଚ୍ଚନୁ ॥ ଆଉ—ଏଇ ଚଳିବ ।

Source: Author, Digitized by PPRACHIN, SOA

ଗୋବନ୍ଦ ॥ ଏଇ ନଅନ୍ତୁ ଆଜ୍ଞା ! ଗ୍ଲ ନଅନ୍ତୁ ।

ଅତନୁ ॥ (ପିଇ) ମିଠା କମ୍ ହୋଇଗଲା ଦୋକାନୀ ।

ଗୋବନ୍ଦ —ଆଜ୍ଞା ଗ୍ଳର ଗ୍ଳମୁଚ ଚନ ଦେଇଚ—ଗ୍ଳ ଲୁ ଗ୍ଳ ନୁହେଁ ଆଜ୍ଞା ! ଖାସ୍ ଆପଣଙ୍କ ପାଇଁ ଅଲଗା ଇସ୍ପେସାଲ ଜିନଷ (ଆଉ ଗ୍ଳମୁଚେ ଦେଇଛୁ)

ଅତନୁ—ନେହରୁ ପଲ୍ଲୀ ଏଠାରୁ କେତେ ଦୂର ?

ମୁକୁନ୍ଦ— ବାଟ ଗ୍ଳର ମାଇଲ ସରକ ହବ ଆଜ୍ଞା । ସେଠିକ ଯାଉଚନ୍ତ କ ଆପଣ ? ମୁଁ ବ ଯିବ ଭାବୁଛୁ—ଗ୍ଳଲ ଗୋବନ୍ଦାଇ । ମେଳା ଦେଖିକ ଆସିବା !

ଗୋବନ୍ଦ—ନା'ରେ ଭାଇ ! ମୋର କେତେ କାମ ।

ଅତନୁ—ବସ୍ କେତେବେଳେ ଅଛୁ ?

ମକୁନ୍ଦ—ଆଉ କଣ ବସ୍ ଆସିବ ? ଢ ଘଣ୍ଟା ପର୍ ନେଟ୍ ହେଲଣି । ଆପଣ ଗ୍ଳଲ କନା ଯାଉନାହାନ୍ତ କାହିଁକ ? ହେଇ ହେଇ ଘଣ୍ଟାଏ ନାଗିବ । ବସ୍ର କଛୁ ଠିକ୍ ଠିକଣା ଅଛୁ ଆଜ୍ଞା ?

(ଅତନୁ ଚନ୍ଦ୍ରାକର File ଖୋଲଲାବେଳେ ଚନ୍ଦ୍ରଧର ପ୍ରବେଶ କରନ୍ତନ୍ତ—ମକୁନ୍ଦ ଗ୍ଳଲଯାଇଛୁ)

ଚନ୍ଦ୍ରଧର—ନାଃ ! ଏ ବସ୍ ବାଲା ଆଉ ବୁଝିବେନ—ମଣିଷ ଏଠି କ ହଇରାଣରେ ପଡ଼ୁଛୁ । ଆଜ୍ଞା ୧୯୫୨ ମସିହାରେ Politics କଲି । ବସ୍ରେ ଯିବା ଆସିବା କଣ ନୂଆ ହେଇଚ ? ଗାଡ଼ିବାଲା ଆମ ଘର ପାଖରେ ଗାଡ଼ି ରଖି ଉଠେଇ ନେଇ ଯାଉଥିଲା । ହଁ ବର୍ତ୍ତମାନ ବ ମନ୍ତ୍ରୀଙ୍କୁ କହିଲେ ଘର ପାଖରେ Bus stop ଟିଏ କରପାରନ୍ତ ଯେ ଗ୍ଳଡ଼...

[ଚନ୍ଦ୍ରଧର ବେଞ୍ଚ ଉପରେ ବସି ଖବରକାଗଜ ପଢ଼ିବାକୁ ଲଗିଲେ । କାରଣ ଅତନୁ ତାଙ୍କ କଥାକୁ

Source: Author, Digitized by PPRACHIN, SOA

ଭ୍ରୁକ୍ଷେପ କଲେ ନାହିଁ । ହଠାତ୍ ପ୍ରବେଶ କଲେ ବଚସ୍ୱାନନ୍ଦ । ଅତନୁଙ୍କୁ । ଦେଖି ଉଲ୍ଲସିତ ହୋଇ ଉଠିଲେ]

ବଚସ୍ୱାନନ୍ଦ ॥ ଏଇ ଯେ ! କବି ଅତନୁ !

ଅତନୁ ॥ ଆପଣ ?

ବଚସ୍ୱାନନ୍ଦ ॥ ମତେ ଚିହ୍ନି ପାରୁନାହାନ୍ତି ? ମୁଁ ବଚସ୍ୱାନନ୍ଦ ! ବାଲେଶ୍ୱରରେ ଆପଣଙ୍କ ସାଙ୍ଗରେ ଦେଖା ହୋଇଥିଲା ! ଆପଣଙ୍କ କବିତା ଗ୍ରନ୍ଥର ଗୋଟାଏ ସମାଲୋଚନା ଲେଖିଦେବା ପାଇଁ ଆପଣ ଅନୁରୋଧ କରିଥିଲେ ।

ଅତନୁ ॥ ଓ···ଆଚ୍ଛା···ଆଚ୍ଛା···ଆଚ୍ଛା·· ଆପଣ ସାର୍···ଏଇଠି···ଏଇ ବେଶରେ......

ବଚସ୍ୱାନନ୍ଦ ॥ ଖୋଜୁଛି !

ଅତନୁ । କଣ ଖୋଜୁଛନ୍ତି ସାର୍ ?

ବଚସ୍ୱାନନ୍ଦ ॥ ଯାହା ମିଳେ ନାହିଁ । ଯାହା ମିଳିବା ସମ୍ଭବପର ନୁହେଁ !

ଅତନୁ କଣ କହୁଛନ୍ତି ସାର୍ ?

ବଚସ୍ୱାନନ୍ଦ ॥ ଭଙ୍ଗିଯାଇଥିବା ଜୀବନର ଦର୍ପଣରେ ପ୍ରତିବିମ୍ବ ଆଉ ମିଳୁନି ! ମୁଁ ସେଇ ଟୁକୁରା ଟୁକୁରା ଗୁଡ଼ାକୁ ପାଇବ ଏଇ ନିଛକ ଉପରେ ! ଭବୁତ ଜୀବନ ନ ମିଳିଲେ ବି ଜୀବନର ଗୋଟେ କୋଲାଜ୍ ତ ମିଳିବ ।

[ଅତନୁ କିଛି ନ ବୁଝି ଏପଟ ସେପଟ ଚାହିଁଲେ । ଗୋବିନ୍ଦ କହିଲା]

ଗୋବିନ୍ଦ ॥ ପାଗଳା ହୋଇଯାଇଛନ୍ତି ସାର୍ !

ଅତନୁ ॥ ଏଁ ।

Source: Author, Digitized by PPRACHIN, SOA

ବଚଷାନନ୍ଦ ॥ ତମ କବ ଏଜ୍ରା ପାଉଣ୍ଡଙ୍କୁ ବ ସେମାନେ ପାଗଳ କଣ୍ଟି ଗାରଦ ଭିତରେ ପୂରେଇ ଦେଇଥିଲେ ଅତନୁ ! ମୁଁ ତ ସମସ୍ତ । ଗୋଟାଏ ଅବଶ୍ରାନ୍ତ ସ୍ରୋତ ! ଏମିତି ଗୃଲିଥିବ ! (ପାଖକୁ ଆସି) ଆଜ୍ଞା ? ତମେ ବ ଆସି ଅପେକ୍ଷା କରିଚ ଗଣତନ୍ତ୍ରର ମେଳା ଦେଖିବା ପାଇଁ ? ବାଃ ! କଣ ପଲିଟି-ସିଅନ୍ ? ଏ କବଙ୍କୁ ଚହ୍ନିଛ ? ଅତନୁ ଦାସ ! ଓଡ଼ିଶାର ବରେଣ୍ୟ କବ !

ଚନ୍ଦ୍ରଧର ॥ ଆପଣ ଆଇ. ଏ. ଏସ୍. ତ !

ଅତନୁ ॥ ନା ସାର୍ ।

ଚନ୍ଦ୍ରଧର ॥ ଆଇ. ଏ. ଏସ୍. ନୁହନ୍ତ କବ କେମିତି ହେଲେ ?

ବଚଷାନନ୍ଦ ॥ ଠିକ୍ କହୁଚ ... ଏମିତି ସାଧାରଣ କବଙ୍କୁ ଚହ୍ନି ଲାଭ କଣ ?

ଚନ୍ଦ୍ରଧର ॥ ଅତନୁ—ଅତନୁ କାହିଁ ନାଁଟା ତ ଶୁଣିଲା ଭଳି—ଅବଶ୍ୟ ଏ ରାଜନୀତିର ଝାମେଲା ଭିତରେ...

ଅତନୁ ॥ ଓଡ଼ିଶାର ସମସ୍ତେ ମୂର୍ଖ । କେହି ଭଲ ବହି ପଢ଼ନ୍ତିନ । ମୁଁ ଆଜ୍ଞା ବେଶୀ ପଢ଼ିନ ...

ଚନ୍ଦ୍ରଧର ॥ କାଇଁ—? ସମସ୍ତ କାଇଁ ବହି ପଢ଼ିବାକୁ ? ୧୯୫୨ ମସିହାରୁ ଆଜ ପର୍ଯ୍ୟନ୍ତ କେତେ ଦେଶସେବା—ପରୋପକାର କରି ଆସିଲି—ନିରନ୍ନ ଲୋକଙ୍କର ହାହାକାର ଭିତରେ—କବିତା ପଢ଼ିବା ପାଇଁ ସମସ୍ତ ହବ କେଉଁଠୁ କହିଲେ ?

ଅତନୁ ॥ Bogus—ମୁଁ କହିବ ଦେଶସେବା ନାଁରେ ଆପଣ କେବଳ ବକ୍ତୃତା ଦିଅନ୍ତି ।

ବଚଷାନନ୍ଦ ॥ ଆଉ ସେ ବକ୍ତୃତା ଶୁଣି ଏ ଦେଶର ଲୋକେ ଆରାମରେ ଶୋଇଯାନ୍ତି । Politics is the opium of the people. Am I right ?

Source: Author, Digitized by PPRACHIN, SOA

ଅତନୁ ॥ No ! ମୁଁ କହିବି ଏସବୁ ଆପଣଙ୍କର ଭ୍ରାନ୍ତ ଧାରଣା—ସବୁଠି ମୂଳରେ ଅଛି Sex ! ଆପଣମାନେ Sex ପାଇଁ ବକ୍ତୃତା ଦିଅନ୍ତି । Sex ପାଇଁ ଦେଶସେବା କରନ୍ତି । Sex ପାଇଁ ଖାଉଛନ୍ତି । Six is everywhere.

ଚକ୍ରଧର ॥ (ନିର୍ବାକ୍)

ସଚ୍ଚିଦାନନ୍ଦ ॥ ହାଃ—ହାଃ ଫ୍ରଏଡ୍‌ଙ୍କ ଜୀବନ ଦର୍ଶନ—Fine, ତମ ବିଶ୍ଳେଷଣରେ ଏକ କ୍ରାନ୍ତିଶୀଳ ଚେତନା ଅଛି କହ ଅତନୁ, ତମେ ଯଥେଷ୍ଟ Improve କରିଛ ।

ଚକ୍ରଧର ॥ କିନ୍ତୁ ଆପଣ କଣ କହୁଛନ୍ତି ମୁଁ କିଛି ବୁଝିପାରୁନି ।

ଅତନୁ ॥ ବୁଝିପାରିବେ ନାହିଁ ! ଆଉ ଏକ ଶହ ବର୍ଷ ପରେ ମଧ୍ୟ ଆପଣ ବୁଝିବାକୁ ସକ୍ଷମ ହୋଇପାରିବେ ନାହିଁ । କାରଣ ଆପଣଙ୍କର ଚିନ୍ତାଶକ୍ତି ନାହିଁ ।

ସଚ୍ଚିଦାନନ୍ଦ ॥ ତମ କବିତା ଯଦି ଦୁର୍ବୋଧ ହେଉଛି—ଏଥର କିଛି ଉପନ୍ୟାସ ଲେଖ, ନାଟକ ଲେଖ । ଆଉ ମନ୍ତ୍ରୀଙ୍କୁ ଡାକି ପୁସ୍ତକ ଉଦ୍‌ଘାଟନ କର ।

ଅତନୁ । ଲେଖିଛି—ଅନେକ ଲେଖିଛି । ହେଲେ ଏ ଦେଶରେ ବୁଝିବା ପାଇଁ ଲୋକ କାହାନ୍ତି ? ସାହିତ୍ୟିକ କାହାନ୍ତି ? ରାମଲୀଳା ନାଟକର ନାୟିକା ହୋଇ ନାଚିବା ଲୋକ କର୍ତ୍ତୃପକ୍ଷଙ୍କ ଭଉଣୀ ହେଲେ ବୋଲି ଏ ଦେଶର ଶ୍ରେଷ୍ଠ ନାଟ୍ୟକାର । ମୁଣ୍ଡ ପିଟି ହୋଇ ମରିବାକୁ ଇଚ୍ଛା ହଉଛି । ନଚେତ୍ ମୁଁ Revolution କରିବି । ··· Yes.

ସଚ୍ଚିଦାନନ୍ଦ ॥ ଆଜିକାଲି ଆଉ କଣ ଲେଖୁଛ ?

ଅତନୁ । ଲେଖୁଥିଲି—ପ୍ରେମ କବିତା—ଆଧୁନିକ କବିତା—ଚିତ୍ରକଳ୍ପର କବିତା—ଅନୁବାଦ କବିତା—Lyrics ବି ଲେଖୁଥିଲି ।

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ ବର୍ତ୍ତମାନ ‥ ?

ଅତନୁ ॥ ଲେଖା ଛାଡ଼ି ଦେଇଛନ୍ତି । କାରଣ ଦିଲ୍ଲୀ ନଯାଇ ଓଡ଼ିଶାରେ ଲେଖିଲେ କିଛି ଲାଭ ହଉନି ।

ବଚସ୍ପାନନ୍ଦ ॥ ଅନ୍ୟାୟ କରନ୍ତି ।

ଅତନୁ ॥ ମୋଟେ ନୁହେଁ । କାରଣ ହଠାତ୍ ଦିନେ ମୋର ମନେ ହେଲା ମୁଁ ପ୍ରେମ କବିତା ଲେଖୁଛି କୌଣସି ଗୋଟିଏ ଝିଅକୁ ପ୍ରେମ କରିବା ପାଇଁ—ଆଧୁନିକ କବିତା ଲେଖୁଛି ପୁରସ୍କାର ପାଇବା ପାଇଁ । ଲେଖୁଛି ମୋତେ ଝିଅମାନେ ସ୍ୱପ୍ନପୁରୀର ରାଜକୁମାର କରିବେ ବୋଲି । ଲେଖୁଛି ହାଇହିଲ୍ ଝିଅଙ୍କ ଅଳାପ ମଧୁର ବୋଲି ଏବଂ Lyric ଲେଖୁଛି କଅଁଳ କଅଁଳ ମଧୁ କଣ୍ଠୀ ଗାୟିକାମାନେ ମୋ ସାଙ୍ଗରେ ନନ୍ଦନକାନନ ଯିବେ ବୋଲି ।

ବଚସ୍ପାନନ୍ଦ ॥ ପ୍ରେମ ! ମନ୍ଦାକିନୀର ଧାରା । ଆଃ !

"Oh, the moon shone bright on
Mrs. Porter
And on her daughter
They wash their feet in soda water."

(ହସିଲେ) ଓ୍ୱେଷ୍ଟଲ୍ୟାଣ୍ଡ ପଢ଼ିନା ? ପଢ଼, ନ ହେଲେ ବୌଦ୍ଧିକତା ଆସିବ ନାହିଁ । (ହସ) ତୁମେ ଅନୁତାପ କରୁଛ କିଓ ! ଜୀବନର କୁତ୍ସିତ ଅନ୍ଧକାର ଭିତରୁ ମୁକ୍ତି ପାଇବା ପାଇଁ, ପିଞ୍ଜରାବଦ୍ଧ ପକ୍ଷୀ ପରି ଝାଡ଼ି ହୁଲୁଛି ପକ୍ଷ ? ଏଁ —! Beautiful, Beautiful — ! ଏଇଟା ହିଁ ଆଧୁନିକତା ! ମତେ ଦେଖୁନା ? ମୁଁ ଟାଇରେସିସ୍ ! ମୁଁ ବେଲ୍ଲନସେନ ? ମୁଁ କେବଳ ଏକ ଦର୍ଶକ ମୁଁ ଦେଖୁଛି ଆଧୁନିକତା ହିଁ ମୁକ୍ତି ବୋଧ !

ଅତନୁ ॥ ନାଁ । ! ମୋର ମୁକ୍ତି ନାହିଁ ! ମଣିଷର ମୁକ୍ତି ନାହିଁ ! କାରଣ ଏ ପୃଥିବୀରେ ଜନ୍ମ ହେବା ମାନେ ମଣିଷ ଶୃଙ୍ଖଳିତ ।

Source: Author, Digitized by PPRACHIN, SOA

ଏଇ ଶୃଙ୍ଖଳ ଭାଙ୍ଗିବା ପାଇଁ ଏ ମଣିଷର ଶକ୍ତି ନାହିଁ ! ସେ ପଙ୍ଗୁ—ସେ ଅଥର୍ବ, ତୋହା ଏ ବଗିଚ ପୋକ !

ସଚ୍ଚିଦାନନ୍ଦ । ଏଇ ତ ଲେଖୁଛନ୍ତି । ଏଇ ତ ଅସ୍ତିତ୍ୱବାଦର ନିର୍ଯ୍ୟାସ ।

ଅଚ୍ଛନୁ ॥ ଯନ୍ତ୍ରଣାକୁ ଲୁଚେଇବାର ଛଳନା କରୁଛି । ନିଜଠାରୁ ନିଜର ଦୂରତା ମାପୁଚି ।

ସଚ୍ଚିଦାନନ୍ଦ ॥ ଆଃ ! ତମକୁ ଦେଖି ମୋର ଯନ୍ତ୍ରଣା ବଢ଼ି ଯାଉଚି ଅଚ୍ଛନୁ ! ତମ ହାତରେ ମୁଁ ତ ସେଦିନ ପ୍ରେମର ପୃଥିବୀଟିଏ ଧରେଇ ଦେଇଥିଲି । କମଳା ଲେମ୍ବୁ ଭଳି ଚେପେଟା ପୃଥିବୀଟିଏ ! ନରମ ଗରମ ପୃଥିବୀଟିଏ !

ଅଚ୍ଛନୁ ॥ ହଜିଗଲା ସେଇ ପୃଥିବୀ ! ବନ୍ୟା ତାକୁ ଭସେଇ ନେଇଗଲା !

ସଚ୍ଚିଦାନନ୍ଦ ॥ ବନ୍ୟାର ତ ପ୍ରକୃତି ସେଇଆ ! ଭସେଇ ନେବା ତାର ଧର୍ମ !

ଅଚ୍ଛନୁ ॥ ସେଦିନ ମୁଁ ଭୁଲ୍ କରିଥିଲି ପ୍ରଫେସର ! ଉପରର ସ୍ଥିର ପାଣିକୁ ଦେଖି କଳ୍ପନା କରିପାରି ନଥିଲି ଭିତରେ ଏମିତି ଧ୍ୱଂସର ସ୍ରୋତଟିଏ ବହୁଚି !

ସଚ୍ଚିଦାନନ୍ଦ ॥ ତା' ମାନେ ? ବନ୍ୟା ତମକୁ ବି ଠକି ଦେଇ ଚାଲିଗଲା ?

ଅଚ୍ଛନୁ ॥ ହଁ···ଭସେଇ ନେଇଗଲା ମୋର ସ୍ୱପ୍ନ···ମୋର ଭବିଷ୍ୟତ··· ମୋର ଘର···ମୋର ସନ୍ତାନ···ମୋର ସୃଷ୍ଟି··· ସବୁ କିଛି ?

ସଚ୍ଚିଦାନନ୍ଦ ॥ ମୁଁ ଜାଣିଥିଲି ସେଇଆ ହବ । ମୁଁ ଜାଣିଥିଲି ଏ ପର୍ଯ୍ୟନ୍ତ ଏ ପୃଥିବୀ ପ୍ରେମର ଆଲିଙ୍ଗନ ପାଇଁ ଯୋଗ୍ୟ ହୋଇ ପାରିନାହିଁ ।

ଅଚ୍ଛନୁ ॥ ଆପଣଙ୍କୁ ଦେଖି ପ୍ରଥମେ ଚିହ୍ନିପାରି ନଥିଲି । ଆଉ ଚିହ୍ନିଲା ପରେ ମୋର ମନେ ହେଉଚି···ମୁଁ ଭୁଲ୍ କରିଚି ।

Source: Author, Digitized by PPRACHIN, SOA

ସଚ୍ଚିଦାନନ୍ଦ ॥ ତମେ କ୍ଲାନ୍ତ ହୋଇ ପଡ଼ୁଚ କବି ? କବିତା ଲେଖି ଲେଖି ବନ୍ଦୀ ହୋଇ ଯାଇଥିଲ ଯୌନଚର୍ଯ୍ୟା ଭିତରେ · ହେଲେ ଫ୍ରଏଡ୍ସ୍ଙ୍କ ଦର୍ଶନ ତମକୁ ସାହାଯ୍ୟ କରି ପାରିଲା ନାହିଁ ଏଇ ପୃଥିବୀରେ ! Try another Guru ! Try ! I wish you all success !

[ଚାଲିଗଲେ]

ଅତନୁ ॥ ହଁ । ବନ୍ୟାକୁ ଭୁଲିବା ପାଇଁ ମତେ ଲେଖିବାକୁ ପଡ଼ିବ... କବିତା...ନହେଲେ ଗଳ୍ପ...ନ ହେଲେ କବିତା...ନ ହେଲେ ଗୀତ···ମତେ ଲେଖିବାକୁ ପଡ଼ିବ ।

ଚନ୍ଦ୍ରଧର ॥ ଏତେ ସବୁ ଲେଖିବା ଲୋକ ମନ୍ତ୍ରୀଙ୍କ ପାଖକୁ କାହିଁକି ଆସିଚ ? ଏଁ ? ମନ୍ତ୍ରୀଙ୍କ ପାଖକୁ କାହିଁକି ?

ଅତନୁ ॥ ମୁଁ କବି ସମ୍ମିଳନୀକୁ ଆସିଛି—ଗାନ୍ଧିବାଦ୍ୟା ମନ୍ଦିରରେ କବିତା ପାଠ କରିବି । ପୁରୁଣା ଛୁଞ୍ଚା ପାଣ୍ଡୁଲିପିର ଜୀବନ କବିତା ।

ଚନ୍ଦ୍ରଧର ତା' ହେଲେ ମୁଁ ନିଶ୍ଚୟ ମନ୍ତ୍ରୀଙ୍କୁ କହିବି ଯେ ଆପଣଙ୍କୁ ସାହିତ୍ୟ କମ୍ବା ନାଟକ ଏକାଡେମୀର Secretary କରିବେ । (Pencil କାଢ଼ି) ଆପଣ କଣ ଲେଖୁଛନ୍ତି ? କବିତା—ଉପନ୍ୟାସ—ନାଟକ—ଛବି— Modern art—ବେଶ୍ ବେଶ୍ ମନ୍ତ୍ରୀ ନିଶ୍ଚୟ ଆପଣଙ୍କ ଭଳି ବିଦ୍ୱାନ୍ ଲୋକର ସମ୍ମାନ କରିବେ ।

ଅତନୁ ॥ ନୋବେଲ ପୁରସ୍କାର ଦେଇପାରିବେ ଆପଣଙ୍କର ମନ୍ତ୍ରୀ—ମୋ ଭଳି ପ୍ରତିଭା ଏଇ ଓଡ଼ିଶାର ଦାରିଦ୍ର୍ୟ ବାତାବରଣରେ ଶୋଭା ପାଇବନି । ନା କଣ କହୁଛନ୍ତି ଆଜ୍ଞା ?

[ଅତନୁ ମୁହଁ ଫେରାଇ ଗିଲାସେ ପାଣି ପିଇଲେ]

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ ଆସନ୍ତୁ ! ଆମ ଅଞ୍ଚଳକୁ ଆସିଛନ୍ତି ଯେତେବେଳେ ଏଇ ପଲ୍ଲୀ ପ୍ରକୃତିଟା ଟିକିଏ ଦେଖିଯିବେ । ଆପଣଙ୍କର କବି ପ୍ରତିଭା ପାଇଁ ହୁଏତ ଖୋରାକ ମିଳିଯାଇପାରେ । ଆପଣ ଭାରତର ରାଜନୈତିକ ଇତିହାସ ପଢ଼ିଛନ୍ତି ? ୧୯୫୨ ମସିହାରେ ମୁଁ ଯେତେବେଳେ ପ୍ରଥମ କରି ଏଇ ଦେଶସେବାର ନାଆଁରେ ଝାସ ଦେଇଥିଲି ମୁଁ ବି ପଢ଼ିଛି ଅନେକ ସାହିତ୍ୟ । କିଛି କିଛି Culture ବି କରିଥିଲି । ହେଲେ ଆଜି ଏଇ ଦୁର୍ନୀତି ଭିତରେ Culture ମୋର ମରିଗଲାଣି—ହଜିଗଲାଣି । ଆସନ୍ତୁ ଯିବା ।

(କବି ଉଠିଛନ୍ତି)

ଅତନୁ ॥ ଯଦି ନେହୁରୁପଲ୍ଲୀ ପାଇଁ ବସ୍‌ଟା ଆସିଯିବ ତେବେ ହାଇସ୍କୁଲରେ ପଢ଼ିଯିବ । ମୋର ସେଠି ସନ୍ଧ୍ୟା ଚାରିଟା ସୁଦ୍ଧା ପହଞ୍ଚିବା ଦରକାର । ପାଞ୍ଚଟାରେ କବି ସମ୍ମିଳନୀ ଅଛି କି ନା !

ଚନ୍ଦ୍ରଧର ॥ ମୁଁ ବି ଯିବି ଯେ । ମନ୍ତ୍ରୀଙ୍କ ସାଙ୍ଗରେ କାମ ଅଛି । ଆସନ୍ତୁ, ଗାଡ଼ି ବୋଧହୁଏ ବାଟରେ କେଉଁଠି Puncture ହୋଇଯାଇଛି । ତା ଛଡ଼ା ଚନ୍ଦ୍ରଧର ପରିଡ଼ା ଯାଉଛନ୍ତି—ପୁଣି ମନ୍ତ୍ରୀଙ୍କ ପାଖକୁ ! ଶୁଣିଲେ ମାତ୍ରେ କେଉଁ Driver ଗାଡ଼ି ଅଟକେଇବନି କହିଲେ ? ପ୍ରତି ଦଶହରାକୁ ବକ୍‌ସିସ୍ ନେଉଛନ୍ତି—ସାହୁଏ ବସ୍ ଅଟକେଇବ ।

[ଚନ୍ଦ୍ରଧର କବି ଅତନୁଙ୍କୁ ନେଇ ଚାଲିଗଲେ । ମଞ୍ଚ କିଛି ସମୟ ଖାଲି ରହିଲା । ତା' ଭିତରେ ଗୋବିନ୍ଦ ସାହୁ ମନକୁ ମନ କହୁଥିଲା ।

ଗୋବିନ୍ଦ ॥ କି ମେଳା ହେଲାରେ ବାବା ! ବୁଢ଼େ ପାଗଳ ଆସି ଜୁଟି ଯାଇଛନ୍ତି ! ଜୁଟନ୍ତୁ ! ଆମର କଣ ଗଲା ? ଆମ ବେପାର ଭଲ ତ ଆମେ ଭଲ !

[ହଠାତ୍ ଗୋଟାଏ ଗାଡ଼ି ହର୍ଣ୍ଣ ଶୁଭିଲା । ଗାଡ଼ିରୁ ଓହ୍ଲାଇ ଆସିଲେ ସୁରଜିତ୍ ଓ ବନ୍ୟା । ସେମାନେ

Source: Author, Digitized by PPRACHIN, SOA

କୌଣସି ଏକ ଫିଲ୍ମ୍‌ର ଆଉଟଡୋର ସ୍ଥାନ ବାଛିବା ପାଇଁ ଆସିଲା ପରେ ଜଣା ପଡ଼ୁଥାନ୍ତି । ବନ୍ୟା ପ୍ରଥମେ ସ୍ଥାନଟିକୁ ଟିକନଖି ଦେଖିଲା ପରେ କହିଲା]

ବନ୍ୟା ॥ ଶେଷରେ ଏଇ Spot Select କଲ ସୁର ଭାଇ ।

ସୁରଜିତ ॥ କାହିଁକି ?

ବନ୍ୟା ॥ ଏଇଟା ଗୋଟାଏ ମରୁଭୂମି ନା mining area !

ସୁରଜିତ ॥ ପନ୍ଦର୍‌, ପନ୍ଦର୍‌ ଜାଗାଟା ଉପରେ Comment କରି ଦେଲଣି । ଏଇଠି ଯେ ପ୍ରାୟ ପନ୍ଦର ଦିନ ରହିବାକୁ ପଡ଼ିବ ।

ବନ୍ୟା ॥ Oh my God ! ପନ୍ଦର—ଦିନ !

ସୁରଜିତ ॥ ଦେଖୁଛି ତୁମେ ଯେମିତି ନାକ ଟେକିଲଣି ଏଇଠି ଆଉ କାଛି କରିବା ସମ୍ଭବପର ନୁହେଁ ।

ବନ୍ୟା ॥ ନା—ନା ସେମିତି କିଛି ନୁହେଁ । ମୁଁ ବି ତ ଏଇ ମାଟି ଏଇ ଓଡ଼ିଶାର ଝିଅ—ସହରରେ ଅଛି ବୋଲି ମୋତେ ଗାଁ ଗହଳ ଯେ ମୋଟେ ଭଲ ଲାଗିବନି ତା କାହିଁକି ଭାବୁଛ ?

ସୁରଜିତ ॥ ସେଥୁ ତ—କାରଣ ତୁମେ କହୁଥିଲ ନା Sceneଟାରେ Naturality ଆଣିବା ପାଇଁ ତମର ଗୋଟାଏ ନିଛକ ଗାଉଁଲି ପରିବେଶର ଦରକାର ଥିଲା । ସେଇଥିଲାଗି—Camera manର ପରାମର୍ଶରେ ମୁଁ ଏକ Bus stop select କରିଛି ।

ବନ୍ୟା ॥ ବେଶ୍ କରିଛ । ଏଇ ମାଟି···ଏଇ ଆକାଶ···ଏ ମହୁଆଳ ପବନ—ତେବେ ଏଇ ଗାଁ ଗହଳରେ ଲୋକେ ଯାହା—ଏଇଠି ସୁଟିଂ କରିବା ପାଇଁ ସୁବିଧା ହବ ତ ?

Source: Author, Digitized by PPRACHIN, SOA

ସୁରଜିତ ॥ କାହିଁକି ? ଅସୁବିଧାର ତ ପ୍ରଶ୍ନ ଉଠୁନି ।

ବନ୍ୟା ॥ ନାଁ—ମୁଁ କହୁଥିଲି, ଏଇ ଯଦି ଲୋକେ ଆସି ସୁଟିଂ ଗ୍ରୁପଟେ ଜମିଯାନ୍ତି—ପାଟିତୁଣ୍ଡ କରନ୍ତି ତା ହେଲେ—

ସୁରଜିତ ॥ ନା--ନା ତମର ଏ ଆଶଙ୍କାଟା ସହରରେ ବେଶି ହବା କଥା—ଏଠି ତ ଲୋକଙ୍କୁ ଯେ କୌଣସିମତେ କହି ବୁଝେଇ ହବ ।

ବନ୍ୟା ॥ ନ ହେଲେ ସେଇଥର ଯୋଉ ଅସୁବିଧା, କୋଉ ବହିଟି ସୁର ଭାଇ ? ଠିକ୍ ମନେ ପଡ଼ୁଛି କ ? ହଁ ହଁ "ପ୍ରଶ୍ନବାଚୀ" ବହିର ସେ Love sceneଟାର ଗୀତ ପିକ୍ଚରାଇଜେସନ ବେଳେ (ଖିଲ୍ ଖିଲ୍ ହସି) ବାପ୍‌ରେ ବାପ୍ ! ନର୍ଲୀପେଣ୍ଟ ପିନ୍ଧି ସେ ଟୋକାଟା କି ହଇରାଣ ନକଲା ··· ···

ସୁରଜିତ ॥ (ହସି) ପାଗଳଟା ··· !

ବନ୍ୟା ॥ ପାଗଳ ପର ପାଗଳ ? ମୁଣ୍ଡରେ ରୁମାଲ ବାନ୍ଧି ସେଇ ଯୋଉ ଜିଦ୍—ଖାଲି ମୋ ସାଙ୍ଗରେ ଗୋଟାଏ Snap.

(ପୁଣି ହସି ହସି ଗଡ଼ିଗଲା)

ସୁରଜିତ ॥ ନା ସେ ଭୟ ଅନ୍ତତଃ ଏଠି ନାହିଁ । ଖାଲି ତମ Health ପାଇଁ ମୁଁ ଡ଼ରୁଛି—କାଳେ ଯଦି ଏଇଠି ନୂଆ ପାଣିଟା ଦେହରେ ନଯାଏ—ଅବଶ୍ୟ ମୁଁ Hot water arrange କରିଛି—

ବନ୍ୟା ॥ ତମେ ପାଗଳ ହେଲ ସୁର ଭାଇ ? ଓଡ଼ିଶା ଭିତରେ ପୁଣି ଜାଗା ଅଛି ଯେଉଁଠି ଦେହରେ ପାଣି ସିବନି ? ମୁଁ କଣ ଫରେନ୍‌ରୁ ଆସିଛି ଭାବିଲ କି ? ଯଦି ଜାଗାଟା ଭଲ ଲାଗେ ତା ହେଲେ ନଈ କମ୍ବା ପୋଖରୀରେ ଡ଼ୁବମାରି ଆସିବି ଯେ !

ସୁରଜିତ ॥ Oh, No !! ତା ହେଲେ Producer ମତେ ଆଉ ରଖିବେନି— ପରୁରିବ ମୋ' ହିରୋଇନ୍‌ର ଦେହ କାହିଁକି ଖରାପ ହେଲା !

Source: Author, Digitized by PPRACHIN, SOA

ବନ୍ୟା ॥ ଆରେ ଗୋଲି ମାର ତମର ସେ Producerକୁ । ତମ ସାଙ୍ଗରେ ମୁଁ ଏକା ଏକା Location ଦେଖିବାକୁ ଚାଲି ଆସିଲି ବୋଲି କଣ କମ୍ ଜଳୁଥିବ ସେ ଭିତରେ ଭିତରେ— !

ସୁରଜିତ ॥ କାହିଁକି ? କଣ କହୁଥିଲା କି ?

ବନ୍ୟା ॥ କହିବ ଗୋଟାଏ କଣ ମ— ? ମୋ ସାଙ୍ଗରେ ଗଲେ ହୁଅନ୍ତାନି କି—ସୁର ସାଙ୍ଗରେ ତମେ Shooting ଛଡ଼ା ଅନ୍ୟ ସମୟରେ ଏତେଟା ମିଳାମିଶା କରିବା ଅସୁନ୍ଦର—ଇତ୍ୟାଦି ଇତ୍ୟାଦି ।

ସୁରଜିତ ॥ ତା ହେଲେ ବେକାର ମୋ ସାଙ୍ଗରେ କାହିଁକି ଆସିଲ ? ଯଦି ବୁଢ଼ା ଖରାପ ଭାବେ—

ବନ୍ୟା ॥ ଖରାପ ଭାବ ମୋର କଣ କରି ପକେଇବ ଯେ --ଦେଖିବନି ମତେ ନ ନେଇ କେମିତି Box office hit କରିବ ?

ସୁରଜିତ ॥ ଏଇ ସୁଯୋଗରେ ବୁଢ଼ାକୁ ନଚେଇ ନଚେଇ କିଛି ଅର୍ଥ ସଂଗ୍ରହ କରିଯାଉ । ତା ପରେ ମୁଁ ଭାବୁଛି ଏ Pictureଟାର Outdoor shooting ସାରି ଆମେ registered marriageଟା କରେଇ ନବା ।

ବନ୍ୟା ॥ ତମେ ଯୋଉ ହେଲା ମଣିଷ ନା ସୁରୁ ଭାଇ, ତମକୁ ନେଇ ମଣିଷ ଗୋଟାଏ ଭରସା କରିବ ? ହୁଁ—

ସୁରଜିତ ॥ ସେମିତି ମୋତେ ଭାବବନି ବନ୍ୟା । ଏଇକ୍ଷଣି Market ଟିକିଏ Dull ଥିବାରୁ ମୁଁ Adventurous ହୋଇପାରୁନି । ନହେଲେ ତମ ଆଗରେ Promise କରିଛି ଯେତେବେଳେ—

ବନ୍ୟା ॥ ଏଇଠି କଫେ ଟିକେ ଖାଇଲେ କେମିତି ହୁଅନ୍ତା ?

ସୁରଜିତ ॥ ଏଇଠି । It is all nasty—କଣ ଯେ ତୁମର Choice ବନ୍ୟା । ତା' ଅପେକ୍ଷା ମୁଁ ବରଂ suggest କରିବ

Source: Author, Digitized by PPRACHIN, SOA

ଡାକବଙ୍ଗଳାକୁ ଯାଇ କଲେକ୍ଟରଙ୍କର କଣ୍ଟୁ ଆୟୋଜନ ହେଲେ—ଏ ଶୀତଳ ପରିବେଶରେ କଣ୍ଟୁ ଉଷ୍ଣତା ଆସନ୍ତା—ରାଜା···?

ବନ୍ୟା ॥ କନ୍ତୁ ସୁର ଭାଇ—ପାଞ୍ଚଟା ସୁଦ୍ଧା ନେହୁରୁପଲ୍ଲୀରେ ମୋତେ ପହଞ୍ଚିବାକୁ ହେବ ଯେ—!

ସୁରଜିତ ॥ ଓଃ ହୋ ! ମୁଁ ତ ଭୁଲି ଯାଇଥିଲି । ସେଇଟି ଆମ ହିରୋଇନ୍‌ଙ୍କର ଭାଷଣ ଦେବାର ଥିଲାପରା !

ବନ୍ୟା ॥ ଓଜସ୍ୱିନୀ ବକ୍ତୃତା ।

ସୁରଜିତ ॥ ସତରେ ବନ୍ୟା—ତମେ ଆଜି ଭାଷଣରେ କ'ଣ କହିବ ? ସେଇଟି ଗୋଟେ ସ୍କୁଲ ଉଦ୍‌ଘାଟନ ହଉଛି ପରା ? ତମେ ଶିକ୍ଷା ସମ୍ବନ୍ଧରେ କ'ଣ କହିବ ? ଅବଶ୍ୟ, ମୁଁ Front ସିଟ୍‌ରେ ବସି ସବୁ ଶୁଣିବ ।

ବନ୍ୟା ॥ ଭାଷଣ ଶୁଣିବାକୁ କ'ଣ କେହି ଆସନ୍ତି—ଚଳଚ୍ଚିତ୍ରର ଅଭିନେତ୍ରୀ—ଟିକେ ହସ—ଟିକେ—ଠାଣି—ପ୍ରସାଧନର ମହକ—ସେଇଥିରେ ତ ପୁଲକିତ । (ହସିଛି)

(ବନ୍ୟା ଦୋକାନୀ ପାଖକୁ ଯାଉଥିଲାବେଳେ)

ସୁରଜିତ ॥ ଆଉ ସେ ଅଭିଭାଷଣଟା ସମ୍ବାଦପତ୍ରର Front pageରେ ଛପା ହୋଇଯିବ—ଫଟୋ ସହ, ନାହିଁ ? (ହସ)

ବନ୍ୟା ॥ ଦି କପ୍‌ ଚା ଦେଇପାରିବ ଦୋକାନୀ ?

ଗୋବିନ୍ଦ ॥ ବସନ୍ତୁ ଆଜ୍ଞା—(Lipton tea ଦେଖାଇ) ଏଇ ଚଳିବ ତ ?

ବନ୍ୟା । ହଁଅ ।

ସୁରଜିତ ॥ ତମେ ଖାଅ—ମତେ କାହିଁକି ତା ଭିତରେ ପୁରେଇ ଅଡିଥି ଚର୍ଚ୍ଚା କରୁଚ ?

Source: Author, Digitized by PPRACHIN, SOA

ବନ୍ୟା ॥ ଆଃ ସୁର ଘର—ଏଇ ଗାଁ । ଅଞ୍ଚଳରେ ଆଜ ପିଇ ହଉନା ଚା'ଟା !—ସବୁବେଳେ ତ ସହରୀ ଚା' ପିଉଛ—ଗୋଟାଏ Change ହଉ —

ଗୋବିନ୍ଦ ॥ (ଚା କରୁ କରୁ) କାହା ଘରକୁ ଆସିଥିଲେ କି ଆଜ୍ଞା ?

ସୁରଜିତ ॥ ନାଁ ।—ଆମେ ସହରରୁ ଆସିଛୁ । ଏଇଠି ଗୋଟାଏ ଫିଲ୍ମ୍ ସୁଟିଙ୍ଗ୍ ଅଛି ।

ଗୋବିନ୍ଦ ॥ ଫିଲମ୍ ! ଓଃ ସିନେମା ହବ--ସତେ—? ବଡ଼ ଖୁସିର କଥା ଆଜ୍ଞା—! କାଇଁ ଆଗରୁ ତ କେହି ଏଠିକି ଆସନ୍ତିନି ?

ବନ୍ୟା ॥ ସେଥି ପରା—କେହି ଆସନ୍ତିନି ବୋଲି ତ ଆମେ ଏଇ Bus stopରେ ସୁଟିଙ୍ଗ୍ କରିବୁ ବୋଲି ଭାବିଛୁ ।

ସୁରଜିତ ॥ ଆମର ଠିକ୍ ଏମିତି ଗୋଟାଏ Bus stop ଦରକାର ଥିଲା । ଠିକ୍ ଏମିତି—ଏମିତି ଗୋଟାଏ ଚା ଦୋକାନ—ଏମିତି ଗୋଟାଏ ବରଗଛ—

ଗୋବିନ୍ଦ ॥ ତା ହେଲେ ଆଜ୍ଞା--ଆମ ଦୋକାନର ଫଟୋ ଉଠିବ ?

ସୁରଜିତ ॥ ନିଶ୍ଚୟ ନିଶ୍ଚୟ । ଏଇଠି ଯେତେବେଳେ ସୁଟିଙ୍ଗ୍ ହେବ— ତମ ଦୋକାନର ଫଟୋ ଉଠିବନି ତ ଆଉ କାହାର ଉଠିବ ?

ବନ୍ୟା ॥ ଭଲ ଚା କିନ୍ତୁ Supply କରିବାକୁ ପଡ଼ିବ ।

ଗୋବିନ୍ଦ । ଖାଣ୍ଟି ଚା ! ସେଥିରେ ଆଉ ଖିଲପ ଅଛି ଆଜ୍ଞା ! ଥରେ ଗୋବିନ୍ଦା ଦୋକାନର ଅଦା ଚା ଖାଇଥିଲେ—ମନରୁ ଭୁଲି ପାରିବେନି ଆଜ୍ଞା—ସହରତଳ ବୋଲି କେହି ସିନା ପଚାରୁ ନାହାନ୍ତି ନ ହେଲେ ଖାଣ୍ଟି ଚଜ ଆଜ୍ଞା—ଭେଜାଲ ନାହିଁ ।

(ଚନ୍ଦ୍ରଧର ଆସିଛନ୍ତି)

Source: Author, Digitized by PPRACHIN, SOA

ଏଇ ଦେଖିଲେଣି ଆଜ୍ଞା—ଆମର ଏଠି ଗୋଟାଏ ସିନେମା ହବ, ବାବୁ ଆସିଚନ୍ତି ।

ଚନ୍ଦ୍ରଧର ॥ (ଚନ୍ଦ୍ର ସୁର ଓ ବନ୍ୟାକୁ ଗୃହିଁଲେ ଲୋଲୁପ ଦୃଷ୍ଟିରେ ଏବଂ ପୁଲକିତ ହେଲେ) ସତେ ? ଖୁସିର କଥା—ଯୁଗ ଯୁଗ ଧରି ଏଇ ବସୁନ୍ଧ୍ରାଣ୍ଡ ତା ହେଲେ ରୂପେଲି ପରଦାରେ ଅଙ୍କା ହୋଇ ରହିଯିବ । କିଛି କମ୍ ସୌଭାଗ୍ୟର କଥା ନୁହେଁ । ତା ହେଲେ ଗୋବିନ୍ଦ—ବାବୁଙ୍କୁ ଭଲ ଭାବରେ ଚା ଖୁଆଅ । ଏଇଠି କୋଉଠି ରହୁଛନ୍ତି ଆଜ୍ଞା ? ଅସୁବିଧା ହଉଥିବ । ଅଚିହ୍ନା ଜାଗା......

ସୁରଜିତ ॥ ନା ସେମିତି କିଛି ନୁହେଁ । ଏଇ ପାଖ ଡାକବଙ୍ଗଳାରେ Put up କରିଯାଇଛୁ—ବର୍ତ୍ତମାନ ପାଇଁ । କେଇଟା ଦିନର କଥା ତ । ତା’ ଛଡ଼ା ଏଇ Director ହେବାର ଯେ କେତେ ଝାମେଲା ସିନେମା ଦେଖି ସାରିଲା ପରେ କ’ଣ ଦର୍ଶକମାନେ ସେ କଥା ଭାବିବେ ? ନାଁ । ବୁଝିବେ ?

ଚନ୍ଦ୍ରଧର ॥ ଠିକ୍ କଥା ଲୋକେ କଣ ଆଉ କଷ୍ଟ ବୁଝୁଛନ୍ତି ? ଏଇ ୧୯୫୨ ମସିହାରୁ ଆଜ୍ଞା ମୁଁ ଦେଶର ଦରିଦ୍ର ନାରାୟଣଙ୍କ ସେବାରେ ଜୀବନ ଢ଼ାଳି ଦେଇଛି । କୋଉଠି କେତେ ଗାଳି ଗୁଲବ—ବୁଝୁଥିବେ ତ ଆଜ୍ଞା—ସିନେମାରେ ରହିଲେ ବୋଲି ଆପଣମାନେ ବି ତ ଆମର ଭଲ ମଣିଷ—ନାଁ । କଣ ଗୋବିନ୍ଦ ?

(ପାନ କାଢ଼ି ଖାଇଲେ)

ଗୋବିନ୍ଦ ॥ ତା ସତ । ବୁଝିଲେ ଆଜ୍ଞାମାନେ···ଚନ୍ଦ୍ରଧର ବାବୁ ଏଇ ଆଖପାଖ ଅଞ୍ଚଳର ଜଣେ ମୁଖିଆ ଲୋକ । ତାଙ୍କୁ ହାତରେ କରନ୍ତୁ—ଅନେକଟା କାମ ଆପଣମାନଙ୍କର ସୁବିଧାରେ ହୋଇଯିବ ।

ସୁରଜିତ ॥ ସତେ ? ହେଲେ ଚନ୍ଦ୍ରଧର ବାବୁ (ଇଙ୍ଗିତରେ ବନ୍ୟାକୁ କହିବାକୁ କହିଲେ)

Source: Author, Digitized by PPRACHIN, SOA

ବନ୍ୟା ।। ଆପଣ ଆମକୁ ଠିକଏ ସାହାଯ୍ୟ କରିବେ ?

ଚନ୍ଦ୍ରଧର ।। ଥାଉ Madam. ଆପଣଙ୍କୁ ପୁଣି ଏ କଥା ମୁହଁ ଖୋଲି କହିବାକୁ ପଡ଼ିବ ଆଜ୍ଞା—୧୯୫୨ରୁ ୧୯୭୯ ଯାଏଁ ସତର ବର୍ଷ ରାଜନୀତି କରି ଲୋକଙ୍କ ଅସ୍ଥିମଜ୍ଜା ଚହ୍ଲିଛି···ଏଇଟିକି କାଇଦା କ'ଣ ଶିଖିନି । (ଠିକଏ ପୁଲକିତ ହୋଇ) ଏ ଭଦ୍ର ମହିଳା···

ସୁରଜିତ ।। ହଁ ସେ ଆମ ସିନେମାର ନାୟିକା···

ଚନ୍ଦ୍ରଧର ।। ନମସ୍କାର ମାଡ଼ାମ୍···

ବନ୍ୟା ।। (ହସି) ନମସ୍କାର

ଚନ୍ଦ୍ରଧର ।। ଏଇଟା କୋଉ ସିନେମା ମ୍ୟାଡ଼ାମ୍ !

ବନ୍ୟ ।। 'ମୁଁ, ଆମ୍ଭେ ଓ ଆମ୍ଭେମାନେ'—

ଚନ୍ଦ୍ରଧର ।। ମୁଁ···ଆମ୍ଭେ···ଆମ୍ଭେମାନେ ! ଆହା—ହା କି ନାଁ ! ବେଶ୍ ସୁନ୍ଦର ନାଁ । ଠିଏଉ ! ହିରୋଇନ୍ କେମିତି ?···ବୁଝୁଥିବ ଗୋବିନ୍ଦ !

ସୁରଜିତ ।। କଣ କହିଲେ ଆଜ୍ଞା ?

ଚନ୍ଦ୍ରଧର ।। (ଅପ୍ରସ୍ତୁତ) ଏଇ ମାନେ—ଆପଣଙ୍କର ହିରୋଇନ୍‌ଙ୍କର କି ପ୍ରତିଭା ! କି ବିଚକ୍ଷଣ ପ୍ରତିଭା ! ସେଇ କଥା କହୁଥିଲି !!

ବନ୍ୟା ।। ଆପଣ ଏହା ଆଗରୁ ମୋର କୋଉ ଛବି ଦେଖିଛନ୍ତି ?

ଚନ୍ଦ୍ରଧର ।। ଦେଖିଚି ମାନେ—ପ୍ରାୟ ସବୁ ?

ବନ୍ୟା ।। କୋଉ କୋଉ ଛବି ଦେଖିଛନ୍ତି ?

ଚନ୍ଦ୍ରଧର ।। ଏଇ ମାନେ—ଓହୋ ଏ ବୁଆଠା—କି ପଶ୍ନ ଦେଇଛନ୍ତି ? ଗିଲିସେ ପାଣି ଦେଲ ଗୋବିନ୍ଦ । ମାନେ ନାଁ ଗୁଡ଼ାକ କ'ଣ

Source: Author, Digitized by PPRACHIN, SOA

ମନେ ପଡ଼ୁଛି ? ଦେଖନ୍ତୁ ମାଡ଼ାମ୍ ! ଆମେ ହେଲୁ ଦେଶସେବକ । ଅନେକ ଲୋକଙ୍କ ନାଁ ।—ଅଫିସରଙ୍କ ନାଁ ।—ବନ୍ଧୁ ବାନ୍ଧବଙ୍କ ନାଁ ।— ଭିଡ଼ ଭିତରେ—

ବନ୍ୟା ॥ ଜଣେ ସାମାନ୍ୟ ଅଭିନେତ୍ରୀର ନାଁ ।ଠ! ହଜି ଯିବାର ସମ୍ଭାବନା । (ହସିଲା)

ଚନ୍ଦ୍ରଧର ॥ ମୋଟେ ନୁହେଁ, ମୋଟେ ନୁହେଁ । ଆପଣ ଖବର ରଖନ୍ତିଲେ କି ? ଏତେ ବ୍ୟସ୍ତତା ଭିତରେ ବେଳେବେଳେ ଭୁଲ ହୋଇଯିବାର ସମ୍ଭାବନା ରହିଛି ।

(ଅତନୁ ଆସିଛନ୍ତି । ବନ୍ୟା ଚାହିଁଛି—ଅତନୁ ମୁହଁ ଫେରାଇ ଚାଲିଗଲା ବେଳେ—ବନ୍ୟା ଡାକୁଛି)

ବନ୍ୟା ॥ ଅତନୁ ବାବୁ ଯେ—

ଅତନୁ ॥ (ଫେରି ଚାହିଁଛି)

ବନ୍ୟା ॥ ମୋତେ ଦେଖି ଆପଣ ଚାଲି ଯାଉଥିଲେ ବୋଧେ ।

ଅତନୁ ॥ ନାଁ । ଠିକ୍ ତା' ନୁହେଁ ।

ବନ୍ୟା ॥ ଯାଙ୍କୁ ଚହ୍ନିଚ ସୁର ଭଇ ? ଅତନୁ ଦାସ—ଗୀତ ଲେଖନ୍ତି !

ସୁରଜିତ ॥ ନମସ୍କାର । ଓଃ ହଁ ଆପଣଙ୍କ ନାଁ ।ଠା ଅନେକ ଥର ଶୁଣିଛି । ଦେଖିବାର ସୌଭାଗ୍ୟ ମିଳି ନଥିଲା—

ଅତନୁ ॥ ଛାଡ଼ନ୍ତୁ—ସେ ଏକ ଅତୀତ—ବର୍ତ୍ତମାନ ପାଇଁ ମୁଁ ଗୀତିକାରର ଫସିଲ୍ ହୋଇ ରହିଯାଇଛି ।

ସୁରଜିତ ॥ ଆଜିକାଲି କଣ ଫିଲମ୍ ପାଇଁ ଲେଖାଲେଖି କରୁନାହାନ୍ତି ?

ଅତନୁ ॥ ଲେଖିଲା ଭଳି କିଛି ନାହିଁ । ସିନେମାକୁ ମୁଁ ଘୃଣା କରେ । କାରଣ ମୋର ମନେହୁଏ ସିନେମା କହିଲେ ଖାଲି ସୁନ୍ଦର, ସାଜ, ଡ୍ରାଇଭର୍ସ ଓ ଶସ୍ତା ପ୍ରେମର ଏକ ନଗ୍ନ ଦ୍ୱୀପଶ୍ରୀ—ଜୀବନ ସହିତ ସିନେମାର କିଛି ସମ୍ପର୍କ ନାହିଁ ।

Source: Author, Digitized by PPRACHIN, SOA

ସୁରଜିତ ॥ ଓଃ—ଅନେକ ଦିନ ସେ ସର୍କଲ୍‌ରେ ଥିଲେ ବୋଧହୁଏ !

ଅତନୁ ॥ ହଁ—ଗୁର୍‌ବାକ୍ ମଣ୍ଡରେ ।

ସୁରଜିତ ॥ I see ! ତା ହେଲେ ବର୍ତ୍ତମାନ ଆପଣ କଣ କରୁଛନ୍ତି ।

ଅତନୁ ॥ କିଛି ନାହିଁ । କିଛି ନାହିଁର ଗଭୀରତା ମାପୁଛି !

ସୁରଜିତ Really strange ବନ୍ୟା—ତମର ବନ୍ଧୁଟି ଖୁବ ଫିଲୋସଫିକାଲ ମନେ ହେଉଛନ୍ତି ଯେ—ସ୍ୱାଙ୍କୁ ନେଇ ଆର୍ଟ ଫିଲ୍ମ କରାଯାଇପାରେ !

ବନ୍ୟା ॥ ହ୍ୱାଇ ନଟ୍ ?

[ଅତନୁ ତାର ଖୋଳପା ଭିତରୁ କ୍ରମଶଃ ବାହାର ଆସୁଥିଲା]

ଅତନୁ ॥ ହଠାତ୍ ଏଇ ଅସମୟରେ ?

ବନ୍ୟା ॥ ଗୋଟାଏ ସାଧାରଣ ସଭାରେ ଭାଷଣ ଦବାର ଅଛି ।

ଅତନୁ ॥ ଭାଷଣ ? ତମେ ଦେବ ?

ବନ୍ୟା ॥ ହଁ—ସୁଟିଂ ପ୍ରୋଗ୍ରାମ୍ ଗୁଡ଼ା ଆଜକାଲି—ସପ୍ତାହରେ ପ୍ରାୟ ଛଅଟି ସଭାରେ ଭାଷଣ ଦବାକୁ ପଡୁଛି । ତା ଛଡ଼ା Advertisement, ପ୍ରଚାରପତ୍ର, Radio talk— ପତ୍ରିକାରେ ଲେଖା ଇତ୍ୟାଦି ଅନେକ କାମ କରିବାକୁ ପଡୁଛି । ମଣିଷ ବୋର୍ ହୋଇଗଲାଣି !

ଚକ୍ରଧର ॥ (କାଗଜରୁ ମୁହଁ ଉଠାଇ) ହଁ, କଣ କହିଲେ ଆଜ୍ଞା—ଭାଷଣଟି—ମୁସ୍କିଲ୍ ଆଜ୍ଞା ବଡ ମୁସ୍କିଲ୍ । ମତେ ପଚାରନ୍ତୁ ମୁଁ କହିବି (ହଠାତ୍ ଦେଖି) ଓ ଖାଡ଼ଙ୍ଗା ବାବୁ—ଶୁଣ, ଶୁଣ ।

(ଚାଲିଗଲେ)

ବନ୍ୟା ॥ ଏଣିକି ଦେଖୁଛି ଅନେକ ପ୍ରୋଗ୍ରାମ ମୋତେ କ୍ୟାନ୍‌ସେଲ୍ କରିବାକୁ ପଡିବ । କଣ ସେଇ ଗାଁଟି ? ହଁ…ହଁ… ! ନେହରୁ ପଲ୍ଲୀରେ ଗୋଟାଏ କଣ ସ୍କୁଲର Opening Ceremony ଅଛି ।

Source: Author, Digitized by PPRACHIN, SOA

ସେ ପ୍ରୋଗ୍ରାମଟାକୁ ବ Cancel କରିଥାନ୍ତି ଯେ—ହେଲେ Outdoorଟା ଅଛି । ଭାବିଲି ଟେଲିଗ୍ରାଫ ମାରିଦେଇ ଆସିବି ।

ଅତନୁ ॥ ହଁ । ଏଇଟା ଏ ଦେଶର ସଦ୍ୟଜାତ ବ୍ୟାଧି । ଦେହରେ ସାଂସ୍କୃତିକ ଜୀବାଣୁ ପଶିଲେ ଏ ରୋଗଟା ହୁଏ !

ସୁରଜିତ ॥ କୋଉଟା ?

ଅତନୁ ॥ ଆପଣ ଜାଣି ନାହାନ୍ତି ? ସେଇଟା କଲ୍‌ଚରାଇଟିସ୍ ।

ସୁରଜିତ ॥ ଓ ! ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ତ ସେଇଟା ଗୋଟେ ଜନକ୍ ରୋଗ ! ମୁଁ ଭାବୁଥିଲି ଆପଣ କହିବେ Mass insomnia—ମାନେ ସାମୂହିକ ନିଦ୍ରାହୀନତା !

ଅତନୁ ॥ କାହିଁକି ? ଆପଣମାନଙ୍କର high societyରେ ସେ ବ୍ୟାଧିଟା ହୁଏତ ଥାଇପାରେ, ମୁଁ ତ ଆରାମରେ ଶୋଉଛି ।

[ଚମକି ଉଠିଲେ ବନ୍ୟା]

ବନ୍ୟା ॥ ତମେ ଆରାମରେ ଶୋଉଛ ? କାହିଁ ଆଗେ ତ ଶୋଇବା ପାଇଁ ନିଦବଟିକା ଖାଇବାକୁ ପଡୁଥିଲା !

[ନିଜ ଅଜାଣତରେ ତମେ କହିଦେଇ ଥିବାରୁ ଅପ୍ରସ୍ତୁତ ହୋଇ ପଡିଲେ]

ସୁରଜିତ ॥ (ସନ୍ଦେହରେ) ବନ୍ୟା ! ତମେ ଏ ବାବୁଙ୍କୁ ··· ?

ଅତନୁ ॥ ସେଇଟା ଥିଲା ଆମ ବ୍ୟକ୍ତିଗତ ଇତିହାସର ଏକ ସୁବର୍ଣ୍ଣ ଯୁଗ !

ସୁରଜିତ ॥ ବୁଝିପାରିଲିନି ।

[ଅତନୁ ପ୍ରଥମେ ଶ୍ଳେଷାତ୍ମକ ଇଙ୍ଗିତରେ ହସିଲେ । ତା ପରେ ସୁରଜିତଙ୍କୁ ପରାସ୍ତ କରିବା ଭଙ୍ଗୀରେ ଗମ୍ଭୀର କହିଲେ]

Source: Author, Digitized by PPRACHIN, SOA

ଅତନୁ ।। ହଁ, ଅତନୁ ଆଉ ବନ୍ୟାର ଇତକଥା । ମହେଞ୍ଜୋଦାରୋ-ହରପ୍ପା ଭଳି ଅତି ପ୍ରାଚୀନ ଆଦମ ଇତିହାସ । ବୋଧହୁଏ ଆଦାମ ଆଉ ଇଭର ଯୁଗ । ଧରଣୀ ସେତେବେଳେ ତରୁଣୀ ଥିଲା (pause) ଗୁଡ଼ନ୍ତୁ ··· ବର୍ତ୍ତମାନ ··· ବର୍ତ୍ତମାନ ···I am bored with life !

[ସୁରଜିତଙ୍କ ମୁଣ୍ଡରେ କିଛି ପଶୁ ନଥିଲା]

ସୁରଜିତ ।। ହଁ । ବେଳେବେଳେ ମଣିଷ ଏମିତି bore ହୋଇଥାଏ ।

ଅତନୁ ।। But, dangerous ! Boredom ମଧ୍ୟ ଗୋଟାଏ ନର୍କ ଭଳି ଯନ୍ତ୍ରଣା ! ହେଲେ ଜୀବନରୁ ଖସି ପଳାଇବାର ଅବକାଶ ନାହିଁ । ଅଥଚ ସମସ୍ତେ ଏଇ ବିଂଶ ଶତାବ୍ଦୀରେ escapist ! ଖସିଯିବା ପାଇଁ କଳା ମାଧ୍ୟମରେ ଆପଣମାନେ ସୁନ୍ଦର ପନ୍ଥା ବାଛି ନେଇଛନ୍ତି । ସେଇଥିପାଇଁ ଜୀବନରେ ଏତେ ନାଟକ ... ଏତେ ଘଟଣା ! —ଖସିଯିବା ପାଇଁ ଚନ୍ଦ୍ରଧର ବାବୁ ରାଜନୀତି କରୁଛନ୍ତି । କାପୁରୁଷ ଭଳି ବାସ୍ତବତାରୁ ଦଉଡ଼ି ପଳେଇବା ପାଇଁ ବୈଜ୍ଞାନିକ-ମାନେ ହ ବୋତଲ ନାଲିଧଳା ପାଣି ନେଇ ପୃଥିବୀକୁ ଧ୍ୱଂସ କରିବାର ଉପାୟ ଖୋଜୁଛନ୍ତି । ଖସି ପଳାଇବା ପାଇଁ ସଙ୍ଗୀତର ସୃଷ୍ଟି—ଡାନ୍ସ, ଫୁଟ୍‌ବଲ୍, ହତ୍ୟା, ଲୁଣ୍ଠନ — ମଦ ... ସବୁ କିଛିରେ ଲିପ୍ତରହି ମଣିଷ ମୁକ୍ତିର ପଥ ଖୋଜୁଛି —(ଦୀର୍ଘଶ୍ୱାସ ପକେଇ) ଏକା ହାରିଗଲି ମୁଁ ।

ସୁରଜିତ ।। Bore ହୋଇ ହାରିଗଲେ ?

ଅତନୁ ।। I am incommunicable to myself. ଏଇ ବିଶ୍ୱ, ଆଉ ଏକ ଅନିଶ୍ଚିତ ଭଗବାନ ସହିତ ସମ୍ପର୍କ ମୋର କଣ ମୁଁ କିଛି ବୁଝିପାରୁନ । ମନେ ହେଉଛି ମୁଁ ଯେମିତି ଜୀବନର ରାଶି ରାଶି ଅନ୍ଧକାର ଭିତରେ ଅଧା ପୋଡ଼ା ଗୋଟାଏ ଅଙ୍ଗାର ।

[ସୁରଜିତ କିଛି ବୁଝି ପାରିଲେ ନାହିଁ, ଅଥଚ ଉଠିଗଲେ]

Source: Author, Digitized by PPRACHIN, SOA

ସୁରଞ୍ଜନ ।। ଆଚ୍ଛା ପରେ ଦେଖା ହେବ । ଆସ ବନ୍ୟା ।

ବନ୍ୟା ।। ତର୍‌ ତର୍‌ ହେଉଛ ହେ—ମୁଁ ଅତନୁ ବାବୁଙ୍କୁ ଅନେକ ଦିନପରେ ଦେଖୁଛି । (ଟିକଏ ଗମ୍ଭ) ଟିକଏ କଥାବାର୍ତ୍ତା ହବାକୁ ଦିଅ ଭଲ ।

ସୁରଞ୍ଜନ ।। ଓଃ ବନ୍ୟା—ଏ ସବୁ ବାଜେ କଥାରୁ କିଛି ମିଳେନା । ବାସ୍ତବ ଜୀବନରେ ଏଇ ଦର୍ଶନ ତମକୁ ବଞ୍ଚେଇ ରଖିବନି । ତମେ ଟଙ୍କା ପାଇଁ ଅଭିନେତ୍ରୀ । ଟଙ୍କାକୁ ପୂଜା କର । ଟଙ୍କା ତମକୁ ଜୀବନର ସବୁ ସୁଖ ଆଣିଦେବ ।

ବନ୍ୟା ।। ସୁର ଭାଇ, ପ୍ଲିଜ୍‌ ... ମୁଁ ଟିକଏ ଏଇଠି ...

ଅତନୁ ।। ଆପଣ ଯଦି ବ୍ୟସ୍ତ ଅଛନ୍ତି ଯାଆନ୍ତୁନା । ଆସ ବନ୍ୟା, (ହାତ ଧରି) ଆମେ ଯାଇ ସେ ତୋଟଗା କୃଷ୍ଣ ଚୂଡ଼ମୂଳରେ ବସି Lake townର ଇତିହାସ ମନେ ପକେଇବା—ଅନେକ ଦିନର ବ୍ୟବଧାନ ପରେ ମୁଁ ଟିକଏ romantic ହବାକୁ ଚେଷ୍ଟା କରିବ ।

[ବର୍ତ୍ତମାନ ସୁରଞ୍ଜନ ରାଗିଗଲେ । ଅନ୍ୟପଟୁ ବନ୍ୟାକୁ ଧରି କହିଲେ]

ସୁରଞ୍ଜନ ।। ବନ୍ୟା is now in my hands.

ଅତନୁ ।। ହେଲେ ବନ୍ୟା ମୋର ସ୍ତ୍ରୀର ଥିଲା---

ସୁରଞ୍ଜନ ।। What ? ଆପଣ ଅଭଦ୍ରଙ୍କ ପରି ବ୍ୟବହାର କରୁଛନ୍ତି ?

ଅତନୁ ।। Modern societyର ଭାଷାକୋଷରୁ ଭଦ୍ର ଅଭଦ୍ର ଶବ୍ଦ ହିଁ ଉଠିଗଲାଣି । ମଣିଷ ଯୋଉଠି ଖାଉଟୀ ବଜାରରେ ଗୋଟାଏ ପଣ୍ୟ—ସେଇଠି ଭଦ୍ରତା-ଅଭଦ୍ରତାର କିଛି ମାନେ ନାହିଁ !

ସୁରଞ୍ଜନ ।। ଆପଣ ମତେ ରାଗିବା ପାଇଁ ବାଧ୍ୟ କରୁଛନ୍ତି ।

ଅତନୁ ।। ମୋତେ ନୁହେଁ । ଆସ ବନ୍ୟା !

Source: Author, Digitized by PPRACHIN, SOA

ସୁରଜିତ ।। ନାଁ । । ବନ୍ୟା ଯାଇପାରିବନି । ତାର Programme ଅଛି ।
ସେ Contracted heroine. ତା' ଉପରେ ସମସ୍ତ ଅଧିକାର
ମୋର !

ଅତନୁ ।। ତଥାପି ତାର ବ୍ୟକ୍ତିତ୍ୱ ଅଛି ।

ସୁରଜିତ ।। କିନ୍ତୁ ସେଇ ବ୍ୟକ୍ତିତ୍ୱ କେତେଟା ଟଙ୍କା ଆଗରେ କ୍ରୀତଦାସ ।

ଅତନୁ ।। ଟଙ୍କାଟା ଜୀବନରେ ବଡ଼ କଥା ନୁହେଁ ଡିରେକ୍ଟର ସାହେବ ! ବରଂ
ମୁଁ କହିବି ଆପଣ ଈର୍ଷା କରୁଛନ୍ତି !

[ସୁରଜିତ ଓ ଅତନୁଙ୍କୁ ଏପରି ଈର୍ଷା କରୁଥିବା
ଦେଖି ଖୁସିହୋଇ]

ବନ୍ୟା ।। ଦେଖନ୍ତୁ, ଆପଣମାନେ ଏଇ ଟିକକ ଆଗରୁ ବନ୍ଧୁ ଥିଲେ—
ବର୍ତ୍ତମାନ ମତେ କେନ୍ଦ୍ର କରି ଏମିତି ପରିସ୍ଥିତି ସୃଷ୍ଟି କରିବାଟା
ଆଦୌ ଭଲ ହେବନି ।

ଅତନୁ ।। Man is born out of woman—World is born out
of woman—Woman is the centre—କିଛି ବୈଚିତ୍ର୍ୟ
ନାହିଁ—ଫ୍ରଏଡ଼ ଠିକ୍ କହିଥିଲେ ! ନାରୀକୁ ନେଇ ସାମ୍ରାଜ୍ୟ
ଭାଙ୍ଗି ଯାଇଛି ···

ବନ୍ୟା ।। ଦୂର ଘଉ ତମେ ଗାଡ଼ିନେଇ ଯାଅ । ମୁଁ ବରଂ ଏଇ ପୁରୁଣା
ବନ୍ଧୁଙ୍କର ଅନୁରୋଧ ରଖି ଟିକେ ପରେ ଯାଉଛି । (ସୁରଜିତ
ଈର୍ଷା ଓ ଅଭିମାନରେ ଫେରିଗଲା—କିଛି ସମୟ ନୀରବତା ।
ଅତନୁ ବନ୍ୟା ଚାହିଁଛି ମୁଗ୍ଧ ଆଖିରେ । ଅତନୁକୁ ବନ୍ୟା
ପାଖକୁ ଆସି କହିଲା :)

ଅତନୁ ।। ଯା' ହଉ, ଜିତିପାରିଲି !

ବନ୍ୟା ।। ଶୁଣିଲି, ତୁମେ ଲେଖା ଛାଡ଼ି ଦେଇଛ ?

[ଅତନୁ ବନ୍ୟାକୁ ଚାହିଁ ପୁଣି ଆଖି ଫେରେଇ ନେଲା
ଆକାଶ ଆଡ଼କୁ]

Source: Author, Digitized by PPRACHIN, SOA

ଅତନୁ ! ପାଗଳ ହବାର ପ୍ରଥମ ଲକ୍ଷଣ ।

[ବନ୍ୟାକୁ ବର୍ତ୍ତମାନ ଅତନୁ ଖୁବ୍ ଭଲ ଲାଗୁଥିଲା]

ବନ୍ୟା ।। ଅତନୁ ! ତମେ ଜାଣ ମୁଁ ତୁମ ପାଇଁ (ରହିଯାଇ) ଅନେକ ଅନେକ ଅଭିନୟ କରିଛି । ଠିକ୍ ଭାଷାଟା ମନକୁ ଆସୁନି ମାନେ···ମାନେ ଏଇ ଅନେକ ଦିନ ବିତିଯାଇଛି ଆମ ବିଚ୍ଛେଦ ପରେ, ତଥାପି···ମୁଁ···ତମ କଥା···ପ୍ରାୟ ସବୁବେଳେ ଭାବେ !

ଅତନୁ ।। ଭଲ କଥା—ଭାବିବା ପାଇଁ ତମର ଯେ କିଛି ଗୋଟାଏ ଅଛି ସେଇ ମୋର ସାନ୍ତ୍ୱନା । ମୋର ସେତିକ ବି ନାହିଁ !

ବନ୍ୟା ।। ତମେ ଅନ୍ଧ ହୋଇଯାଇଛ—! ନିଜକୁ ନିଜେ ବି ଦେଖିପାରୁନ !

ଅତନୁ ।। ସଭ୍ୟତାର ଆଫଲକରେ ! ଏକା ଏକା Sky scrapperର ଅନେକ ପାହାଚ ଚଢ଼ିଲା ପରେ ମୋର ବାସ୍ତବୁଦ୍ଧି ହୋଇଗଲା ବନ୍ୟା ! — ମୁଁ ଏକା ହୋଇଗଲି ।

ବନ୍ୟା ।। କାହିଁକି ? ମୁଁ ଚାଲିଗଲା ପରେ ପୁଣି ବିବାହ କଲନି ?

ଅତନୁ ।। ନୈରାଶ୍ୟବାଦ । ଆଉଥରେ ବିବାହ କଲେ ଯେ ମୋ' ଭିତରର ଭାଙ୍ଗି ଯାଇଥିବା ମୁଁ ଟାକୁ ଫେରି ପାଇବି ତାର କଣ କିଛି ଗ୍ୟାରେଣ୍ଟି ଅଛି ?

ବନ୍ୟା ।। ବଞ୍ଚିଛି, ସେଇଟାହିଁ ସତ୍ୟ । ଜୀବନକୁ ଉପଭୋଗ କର ।

ଅତନୁ ।। ବଞ୍ଚିଥିଲି, କାରଣ ପିପାସା ଥିଲା, ଦେହରେ ଉଷ୍ଣତା ଥିଲା— ମାଂସରେ ଲୋଭ ଥିଲା ।

ବନ୍ୟା ।। ମନ ବୁଝେ—! ତମ ମତରେ ଯଦି ଏ ଦେହଟା ସତ୍ୟ ତା ପାଇଁ ଏତେ ଅଙ୍କାବଙ୍କା ଦର୍ଶନ ତତ୍ତ୍ୱ କଣ ଦରକାର ? ଭଗବାନ୍, ନୀତି, ପାପ/ପୁଣ୍ୟର କିଛି ମାନେ ନାହିଁ । ପ୍ରଥମେ ଏ ରକ୍ତ ମାଂସର ସ୍ଥିତି, ତା ପାଖରେ ଆଦର୍ଶ ଆଉ ସ୍ୱପ୍ନମାନଙ୍କର କୌଣସି ମୂଲ୍ୟ ନାହିଁ ଅତନୁ । ଜୀବନ ତମ ହାତରେ ପାପୁଲି ଭିତରେ ଯେମିତି ଧରା ଦେଇଚ ତାକୁ ସେମିତି ଗ୍ରହଣ କର ।

Source: Author, Digitized by PPRACHIN, SOA

ଅତନୁ ॥ ବର୍ତ୍ତମାନ ପାଇଁ ତମ ଅସ୍ତିତ୍ୱବାଦକୁ ସ୍ୱୀକାର କରୁଚି ।

ବନ୍ୟା ॥ ଅସ୍ତିତ୍ୱବାଦ !

[ବର୍ତ୍ତମାନ ସେମାନେ ପାଖେଇ ଆସିବେ କିନ୍ତୁ ସେମାନଙ୍କ କଥାରେ ଥିବ ଦୂରତ୍ୱ । ମଞ୍ଚର ଆଲୋକ ପୁଞ୍ଜିଭୂତ ହୋଇ ପଡ଼ିବ ସେମାନଙ୍କ ଉପରେ]

ବନ୍ୟା ॥ ତମେ Genious.

ଅତନୁ ॥ ମୂର୍ଖ ନୁହେଁ ।

ବନ୍ୟା ॥ କାରଣ ତମେ ମଣିଷ—ତମେ ଭଗ୍ନାଂଶ ।

ଅତନୁ ॥ ତମେ ନାରୀ—ତମେ ଅନ୍ଧକାର ।

ବନ୍ୟା ॥ ତମେ ଅନ୍ଧ--ତମେ ପାଗଳ (ହସିଛି)

ଅତନୁ ॥ ଭଗବାନ କହିଲେ ପୃଥିବୀ ଅନ୍ଧକାର ହେଉ--ପୃଥିବୀ ଅନ୍ଧକାର ହେଲା—

ବନ୍ୟା ॥ ଏବଂ ଭଗବାନ କହିଲେ ବନ୍ୟା ହେଉ—ବନ୍ୟା ଆସିଲା ।

ଅତନୁ ॥ କିନ୍ତୁ ଜୀବନ ଭାସିଗଲା—ଏବଂ ମୁଁ ହଜିଗଲି ସେଇ ପ୍ରଳୟ ଭିତରେ । ସଭ୍ୟତାର ପ୍ରଳୟ ଭିତରେ··· ନା··· ନା··· ସଭ୍ୟତାର ଧୂସର ମରୁଭୂମି ଭିତରେ ।

ବନ୍ୟା ॥ ତମେ ଭୁଲ୍—ତମେ ଭ୍ରାନ୍ତ । ତମେ··· ତମେ ଗୋଟାଏ ମରୀଚିକା !

ଅତନୁ ॥ And a crowd flowed over London Bridge ··· ! ତମକୁ ଦେଖିଲେ ମୋର ଓ୍ୱେଷ୍ଟଲ୍ୟାଣ୍ଡର କୌଣସି ଗୋଟେ ଝିଅ କଥା ମନେ ପଡ଼ୁଚି ।

ବନ୍ୟା ॥ ମୁଁ ତମକୁ ଗୁଡ଼ ବାଇଆସିଲି ପରେ ମୁଁ ବ ଗୋଟେ ଓ୍ୱେଷ୍ଟଲାଣ୍ଡ୍ ପାଲଟି ଯାଇଚି ଅତନୁ··! ଗୋଟାଏ ସବୁଜମାହୀନ ଉପତ୍ୟକା

Source: Author, Digitized by PPRACHIN, SOA

ଭିତରକୁ ଧସେଇ ପଡ଼ିଛି । ସେଇଠି କେବଳ ସେକ୍ସ ଆଉ ସେକ୍ସ···ସକାଳୁ, ସଂଧ୍ୟାରେ··· ରାତିରେ··· ଅଭିନୟ କଲା-ବେଳେ ·· ଗୀତ ଗାଇଲା ବେଳେ··· ସବୁବେଳେ... ! ଜୀବନର ସବୁ ଶେଷ ହୋଇଗଲା ପରେ ଯୌଉଠିକୁ ପୁଞ୍ଜି କରି ବଞ୍ଚିବି ବୋଲି ଭାବିଥିଲି । ସେଇତକ ମୋର ନଷ୍ଟ ହୋଇଗଲା ଅତନୁ ! ତମକୁ ଦେଖିଲା ପରେ ମୁଁ ଆଉ ଉତ୍ତେଜିତା ହୋଇ ପାରୁନି···ଏ ଦେହରେ ଆଜି ପ୍ରେମାଞ୍ଚ ଆସୁନି··· କାହିଁକି ? କାହିଁକି ଅତନୁ ? କାହିଁକି ଆଜି ତମ ସାଙ୍ଗରେ ମୋର ଦେଖାହେଲା ?

[କଣ୍ଠ ଭାଙ୍ଗି ପଡ଼ିଲା, ଝିପିପଡ଼ିଲା ଚୁଳିରୁ ଲୁଗା ଖଣ୍ଡିକ । ଅନାବୃତ ହୋଇ ପଡ଼ିଲା ଅତନୁ ଉପରକୁ । ଅତନୁ କ୍ରମେ କ୍ରମେ ଗରମ ହୋଇ ଆସିଲା ଏବଂ ତାକୁ ଆକ୍ରମଣ କଲା ଭଳି ଧରି କହିଲାବେଳେ ଥରୁ ଥିଲା]

ଅତନୁ ॥ ମୋର କ'ଣ ହଉଛି ଜାଣ—ମନେ ହେଉଛି ତମକୁ ମୁଁ ବିବସ୍ତ୍ର କରିବି, ତମକୁ Disect କରିବି—ଗବେଷଣା କରିବି ତମ ଦେହକୁ ନେଇ—ଏଇ ବସ୍ Stopର ସ୍ୱର୍ଯ୍ୟାଲୋକରେ—

[ନିଜକୁ ଅତନୁର ଆକ୍ରମଣରୁ ମୁକ୍ତ କରିବାକୁ ଚେଷ୍ଟା କରୁଥିବା ବେଳେ ମନେ ହେଉଥିଲା ଜାଲରେ ପଡ଼ି ଡେଣା ଫଡ଼୍‌ଫଡ଼ କରୁଥିବା ପକ୍ଷୀଟିଏ ଭଳି]

କନ୍ୟା ॥ ସୂର୍ଯ୍ୟାଲୋକରେ ? ନା... ନା...ମତେ କ୍ଷମା କର ! ଅତନୁ··· ମତେ କ୍ଷମା କର ! ମୁଁ ଆଜିକାଲି ଆଦୌ ଆଲୋକ ସହ୍ୟ କରି ପାରୁନି··· ପ୍ଲିଜ୍...ମତେ ଅନ୍ଧାର ଭିତରକୁ ନେଇ ଯାଅ... ପ୍ଲିଜ୍··· ମତେ ଟିକେ ଅନ୍ଧାର ଦିଅ··· ଅତନୁ··· ପ୍ଲିଜ୍ !

Source: Author, Digitized by PPRACHIN, SOA

ଅଚନୁ ॥ ପୃଥିବୀରୁ ଅନ୍ଧାର ଲିଭିଗଲାଣି । ଏଇକ୍ଷଣି ତ ଅନେକ ଆଲୋକ !
ପୃଥିବୀର ସମସ୍ତ ଆଲୋକ ତମ ଉପରେ !

[ବର୍ତ୍ତମାନ ମଞ୍ଚର ସମସ୍ତ ଆଲୋକ ଲିଭି ପୁଞ୍ଜିଭୂତ ହୋଇ ପଡ଼ିଲା ସେମାନଙ୍କ ଉପରେ । କ୍ରମଶଃ ବନ୍ୟା ସାମାନ୍ୟ ସହଜ ହୋଇ କହିଲା]

ବନ୍ୟା ॥ ଅନ୍ଧାର ଭିତରେ ମୋ' ଦେହ ସୁନ୍ଦର ଦେଖାଯାଏ ।

ଅଚନୁ ॥ ବେଶ୍ । ଆଜି ମୁଁ ତମକୁ ପ୍ରଚୁର ଆଲୋକ ଭିତରେ ଦେଖିବି ବନ୍ୟା ! ଦେଖିବି କେତେ ସହସ୍ର ହୋଇଲେଣ୍ ତମ ଭିତରେ ଲୀନ ହୋଇ ଯାଇଛନ୍ତି ! କେତେ ସହସ୍ର କଳୁଷିତାତ୍ମା !

[ଅଚନୁ ଏପରି ଅଭିନୟ କରିବେ ଯେପରି ସିଏ ତାକୁ ଚିନ୍ ଭିନ କରି ଖାଇ ଯାଉଛନ୍ତି । ବନ୍ୟାର ଅଭିନୟରେ ଏକ ହିଂସ୍ର ଆକର୍ଷଣ ··· ··· ସତେ ଯେମିତି ସିଏ ଖାଇ ଯାଉଚି ଅଚନୁଙ୍କୁ—ଅଚନୁ ତାକୁ ପଚାରିବ ।

ଅଚନୁ ॥ କୁହ ବନ୍ୟା ! କୁହ ମୋର ପୁଅ କେଉଁଠି ? ମୋ ପୁଅ କେଉଁଠି ?

ବନ୍ୟା ॥ ଓଃ ! ଏତେ ଆଲୋକ ମୋ ମୁହଁରେ କାହିଁକି ପଡ଼ୁଛି ? ମୁଁ ଆଲୋକ ସହ୍ୟ କରିପାରେନା ।

ଅଚନୁ ॥ ମୋ ପୁଅ କାହିଁ ?

ବନ୍ୟା ॥ ମୁଁ ଇଡେ଼ନ୍ Gardenରେ ବୁଲୁଥିଲି, ବାରଣ କରା ଫଳ ଖାଇଛି—ଆଲୋକ ଲିଭାଅ ।

ଅଚନୁ ॥ ତମ ପୁଅ କାହିଁ—? ମୋ ପୁଅ କାହିଁ—? କୁହ ବନ୍ୟା—ଉତ୍ତର ଦିଅ—ମୁଁ ବର୍ଷ ବର୍ଷ ଧରି ବଇଦେଶିକ ପରି ଘୁରି ବୁଲୁଛି—ସ୍ୱପ୍ନ ଦେଖିଛି—ମୋ ଫୁଲ ବଗିଚାରେ ଝଡ଼—ମୋ ମୁଣ୍ଡ ଭିତରେ ସରୀସୃପ ଧାଇଁଛି—କୁହ ମୋ' ପୁଅକୁ କେଉଁଠି ଲୁଚାଇ ରଖିଛ ?

Source: Author, Digitized by PPRACHIN, SOA

ବନ୍ୟା ॥ ମୁଁ ତାକୁ ହତ୍ୟା କରିଚି !

ଅତନୁ ॥ ନା !

ବନ୍ୟା ॥ ଭ୍ରୂଣ ହତ୍ୟାକରିଚି !

ଅତନୁ ॥ ନା !

ବନ୍ୟା ॥ ହଁ ମୁଁ ମୋ' ଗର୍ଭରୁ ତମର ଭ୍ରୂଣକୁ ହତ୍ୟା କରିଚି ଅତନୁ !

ଅତନୁ ॥ ବନ୍ୟା !!

[ଚିତ୍କାର କରି ଥକି ଯାଇଚି କାହିଁକି ? କାହିଁକି ?
ମୋର ପ୍ରେମର ଫସଲକୁ ତମେ ଏମିତି ନିର୍ମମ ଭାବରେ
ହତ୍ୟା କଲ ବନ୍ୟା, କାହିଁକି ?

ବନ୍ୟା ॥ ମୁଁ ସେଇଟା କହିବା ପାଇଁ ବାଧ ନୁହେ !

ଅତନୁ ॥ ତମକୁ କହିବାକୁ ପଡ଼ିବ !

ବନ୍ୟା ॥ ନା !

ଅତନୁ ॥ ନ କହିଲେ ମୁଁ ତମର ତଣ୍ଟିଶିପି ହତ୍ୟା କରିବି !

ବନ୍ୟା ॥ (ଯନ୍ତ୍ରଣାରେ) ଆଃ !

ଅତନୁ ॥ କୁହ !

ବନ୍ୟା ॥ ହତ୍ୟା କରିଚି ··· କାରଣ ମୁଁ ମାତୃତ୍ୱ ଚାହେଁନା ···

ଅତନୁ ॥ ବନ୍ୟା !

ବନ୍ୟା ॥ ମୁଁ ଗୋଟାଏ ଓ୍ୱେଷ୍ଟଲ୍ୟାଣ୍ଡ ଅତନୁ ! ମୁଁ ସବୁଜ ପୃଥିବୀକୁ ଭୟ କରେ । ଦେଖ ··· ମା' ନହେବା ଫଳରେ ମୋ' ଯୌବନ ଅଟୁଟ ! ମୋ ବୟସ ଦଶବର୍ଷ କମି ଯାଇଚି ।

[ବନ୍ୟା ହସୁଥିଲା ଛଳନାମୟୀର ହସ]

ଅତନୁ ॥ ବନ୍ୟା !! (ଚିତ୍କାର)

Source: Author, Digitized by PPRACHIN, SOA

ବନ୍ୟା ॥ ମୁଦ୍ରିକା ହଜିଯାଇଛି—ଦୁଷ୍ମନ୍ତଙ୍କୁ ମୁଁ ଚିହ୍ନିପାରୁନି —

ଅତନୁ ॥ କିଏ ମୋର ଭରତ କାହିଁ ? କିଏ ଏ ଭାରତର ଆଦି ସନ୍ତାନ କାହିଁ ? କିଏ ! ଏ ସଭ୍ୟତାର ସନ୍ତାନକୁ କେଉଁ ସାହସରେ ମା' ହେଇ ହତ୍ୟାକଲ ?

ବନ୍ୟା ॥ ଏଇ ଶତାବ୍ଦୀରେ ମାତୃତ୍ୱ ନାହିଁ ମୁଁ ମା' ହବାକୁ ଚାହେଁନା— ଅତନୁ ! ମୁଁ ଭାରତମାତା ହେବାକୁ ଚାହେଁନା ।

ଅତନୁ ॥ I will kill you ! ମୁଁ ସେମିତି ଗୋଟାଏ ଗର୍ଭହୀନା ମା'କୁ ହତ୍ୟା କରିବ ?

[ଏଇଥର ଅତନୁ ସତରେ ହିଂସ୍ର ଜଣା ପଡୁଥିଲେ । ଆଖି ଦିଇଟା ତାଙ୍କର ଜଳୁଥିଲା, ସେ ବନ୍ୟାର ତଣ୍ଟିକୁ ଚିପି ଧରିଲେ । ବନ୍ୟା ମୁହଁରେ ମୃତ୍ୟୁ ଯେମିତି ଗୋଟାଏ ଭୟଙ୍କର ଜଲଛବି ପରି ଲାଗି ରହିଥିଲା]

ବନ୍ୟା ॥ ନା ! ମାରନା ! ··· ମୁଁ ବଞ୍ଚିବି ! ମୁଁ ବଞ୍ଚିବାକୁ ଚାହେଁ ! (ନିଜକୁ ମୁକ୍ତ କରି ନେଇ) ଭଗବାନ ! ଅନେକ ଦିନ ପରେ ମୁଁ ପୁଣି ଥରେ ତମକୁ ବିଶ୍ୱାସ କରିବାକୁ ଚାହେଁ ପ୍ରଭୁ ! ଏଇ ଦେଖ ! ମୁଁ ତମକୁ ବିଶ୍ୱାସ କରୁଚି ! (ହାତ ଯୋଡ଼ି) ଅନେକ ଦିନ ପରେ ମୁଁ ତମକୁ ପ୍ରାର୍ଥନା କରୁଚି ପ୍ରଭୁ ! ମତେ ଟିକେ ଅନ୍ଧକାର ଦିଅ ! (କମ୍ପିଲା) ।

[ଆଣ୍ଠେଇ ପଡ଼ିଛି ବନ୍ୟା, ହାତ ଉପରକୁ ଉଠେଇ ଦେଇଛି । ଅତନୁ ସେଇ ଅନ୍ଧକାର ଆଡ଼କୁ ମାଡ଼ି ଆସୁଚି ଗୋଟେ ବିରାଟକାୟ ଛିଞ୍ଚାଣ ଭଳି । ଆବହ ସଙ୍ଗୀତ ଗମ୍ଭୀର । କୋରାଲ୍ ହମିଂ ଦିଆଯାଇପାରେ । କ୍ରମଶଃ ହମିଂ କମି ଆସିଲା ସଙ୍ଗେ ସଙ୍ଗେ ଆଲୋକ ମଧ୍ୟ କମି କମି ଆସିବ ଓ ମଞ୍ଚ ସମ୍ପୂର୍ଣ୍ଣ ଅନ୍ଧକାର ହେବ]

—ଃ✻ଃ—

Source: Author, Digitized by PPRACHIN, SOA

ତୃତୀୟ ଆଲୋକ

[ସେଇ ବସ୍‌ଷ୍ଟାଣ୍ଡର ପରିବେଶ । ବର୍ତ୍ତମାନ ପ୍ରାୟ ସନ୍ଧ୍ୟା ହୋଇ ଆସିଲଣି । ସମ୍ଭବତଃ ପୂର୍ବ ଦୃଶ୍ୟର ସେଇ କୋରସ୍ ହମିଂ ପୁଣି ଆସ୍ତେ ଆସ୍ତେ ବଢ଼ୁଛି ଏବଂ ସୃଷ୍ଟି କରୁଛି ଏକ ଅବଚେତନର ପରିବେଶ । ପଛରେ ସୂର୍ଯ୍ୟାସ୍ତ, ନାଳି ଆଲୁଅର ପ୍ରଚ୍ଛଦପଟରେ ସାମ୍ନାରେ ସବୁ ସିଲ୍‌ହଟ୍ ପରି ଦେଖା ଯାଉଛି । ତାରି ଭିତରେ ଗୋବିନ୍ଦ ସାହୁର ଗୁ’ ଦୋକାନରୁ ଧୂଆଁ ଉଠୁଛି । ଗୋବିନ୍ଦ ସାହୁ ଲଣ୍ଠନ ଲଗାଇଲା । ସେଇ ଆଲୁଅରେ ଟିକଏ ସ୍ପଷ୍ଟ ଦେଖାଗଲା ଯେ ବଣ୍ଟାଖୁଣ୍ଟ ପାଖରେ ଠିଆ ହୋଇ ବଚିଦାନନ୍ଦ ସନ୍ଧ୍ୟା ଆକାଶକୁ ଚାହିଁଛନ୍ତି । ପକେଟରୁ ଚିଠିଟିଏ ବାହାର କଲେ, ସ୍ମୃତିର ପରଦା ଉପରେ ଦିଶିଲା ଅନେକ ପୁରୁଣା ଦିନର କଥା । ହୁଳହୁଳିର ଶବ୍ଦ, ଶାହାନାଇର ସ୍ୱର ଯୋଡ଼ି ନାଗସ୍ୱର ସହ ।

ପୋଖରୀ ପଛପଟ ପାହାଡ଼ିଆ ରାସ୍ତାରେ ଗୋଟାଏ ସବାରୀ ନେଇ ଲୋକେ ଯିବା ଦୃଶ୍ୟ । “ହାକୁମ୍ ଧାବଲ, ହାକୁମ୍

Source: Author, Digitized by PPRACHIN, SOA

ଧାବଲ୍‌ର କୋମ୍ୱସ୍ । ବିଚିତ୍ରାନନ୍ଦ ଚିଠି
ପଢ଼ିବା ଭିତରେ ଭାସୁଥିଲା ଶକୁନ୍ତଳା
ରେକର୍ଡ଼୍ ଅଭିନେତ୍ରୀ ବନ୍ୟାର ସ୍ୱର :]

"ଆଜି ତମେ କଲେଜରୁ ଫେରିଲା ବେଳକୁ ମୁଁ ଏ ଘରେ ନଥିବି । ଏ ଘର—ତମେ—ତମର ଦର୍ଶନ ସବୁ ମୋର ମନେ ହେଉଛି ଯେମିତି ଶୁଷ୍କ ଓ ପାଗଳାମୀ । ଏଠି ବଞ୍ଚିବା ମୋର ଦୁଃସହ । ଅନେକ ସହିଛି ଆଉ ନୁହେଁ—ଆଜି ମୁଁ ମୁକ୍ତ ଆକାଶର ବଳାକା—ମତେ କେହି ଆକାଶର ନୀଳ ଛୁଇଁବାକୁ ମନା କରି ପାରିବେନି—Pushy catକୁ ମୋର କ୍ଷମା ଜଣେଇ ଦବ—

[ଚିଠି ପଢ଼ି ସାରିଲା ପରେ ଗୁମ୍ଫ ଭିତରୁ ଦୀର୍ଘଶ୍ୱାସ ଉଠିଲା ବିଚିତ୍ରାନନ୍ଦଙ୍କର, ସେ ଚିଠିଟି ପକେଟରେ ରଖିଲେ । ନିଜ ଅଜାଣତରେ ଆଖିରୁ ବହି ଯାଇଥିବା ଲୁହ ପୋଛିଲେ ଏବଂ ଧୀରେ ଧୀରେ ଯାଇ ସେଇ ଧୂଆଁ ଭିତରେ ନଇଁ ଆସୁଥିବା ସନ୍ଧ୍ୟାର ପିଲହ୍ଟ୍ ଭିତରେ ଯାଇ ବସିଲେ ବେଞ୍ଚ ଉପରେ । ଏ ସବୁ ଭିତରେ ଶୁଭୁଥିଲା ସେଇ ପୁରୁଣା ଗୀତ]

ଚଉଦ ବରଷ ଆହା
ବନବାସ କଲି
ତୋ ଲାଗି କନକ ଗୋଧି
କଷଣ ସହିଲି

କେମନ୍ତେ ଗଲୁରେ ଉଡ଼ି
କେମନ୍ତେ ଗଲୁରେ ଛାଡ଼ି
ସୁବର୍ଣ୍ଣ ଏ ଧରା
ଆହା, ମୋ ଲୋଚଣୀ ପାରା ॥

ସୁବର୍ଣ୍ଣ ପଞ୍ଜୁରୀ ଏକ ତୋହ ଲାଗି ଆଣି
ଭୁଞ୍ଜିବାକୁ ଦେଇଥିଲି ବଇଦୁର୍ଯ୍ୟ ମଣି

Source: Author, Digitized by PPRACHIN, SOA

କେମନ୍ତେ ଗୁଡ କୁଟୀର
କେମନ୍ତେ କରିଲୁ ଘର
ସୁବର୍ଣ୍ଣ ଏ ଧରା
ଆହା, ମୋ ଲୋଟଣୀ ପାରା ॥

[କ୍ରମଶଃ ଗୀତଟିର ସ୍ୱର ଲଭିଲଭି ଆସିଲା ବେଳକୁ ମଞ୍ଚର ଆଲୋକ ବଢ଼ିଲା ଏବଂ ତାର ଭିତରେ ଶୁଭିଲା ଜଣେ ଲଟେରୀ ବିକ୍ରେତାର ସ୍ୱର । ତା' ଭିତରେ ଚନ୍ଦ୍ରଧର ମଧ୍ୟ ପ୍ରବେଶ କରିବେ

ଦୋଳଗୋବିନ୍ଦ ॥ ଟିକେଟ୍ ଟିକେଟ୍ K. C. Lottery ଟିକେଟ— ଗୋଟାଏ ଟିକଟର ମୂଲ୍ୟ ଏକ ଟଙ୍କା—ମାତ୍ର ଏକ ଟଙ୍କା — ସୁବର୍ଣ୍ଣ ସୁଯୋଗ—ଥରେ ଗଲେ ଆଉ ମିଳିବନି । ନିଅନ୍ତୁ ଆଜ୍ଞା (ଚନ୍ଦ୍ରଧର ପାଖକୁ) ଖଣ୍ଡେ ଟିକେଟ ଦେବି ଆଜ୍ଞା !

ଚନ୍ଦ୍ରଧର ॥ କଣ ମିଳିବ ସେ ଟିକେଟରୁ ? ଭାଗ୍ୟ ତ ଖରାପ ! ସକାଳୁ ବସ୍‌ଟା ପାଇଁ ଅପେକ୍ଷା କରିଛି ଯେ ଏ ଯାଏଁ ଆସିଲାନି । ଆଉ ଟିକେଟ ନେଇ କଣ କରିବି ?

ଦୋଳଗୋବିନ୍ଦ ॥ ସେମିତି କହନ୍ତୁନି ଆଜ୍ଞା ! ଏଇ ଟିକେଟ କିଣି ଆଜ୍ଞା ଖଣ୍ଡାଖିଆ ଲୋକେ ପଲାଉ ଖାଉଛନ୍ତି ! କୁଡ଼ିଆ ଛପରବାଲା ଦୋ ମହଲା କୋଠା କରିଛନ୍ତି । କାନ୍ଦିବା ଲୋକେ ହସିଛନ୍ତି—ସତେଅଁରିତ ଲକ୍ଷ୍ମୀ ଦାଢ଼ି ! ଚଉବିଶି ପ୍ରଗଣାର ବଡ଼ିବାଲା ଗୋବିନ୍ଦ ପଣ୍ଡା ଏଇ ଲଟେରୀ ଟିକେଟ କିଣି—କୋଇଲା ଖଣି ଠିକା ନେଇ ବର୍ତ୍ତମାନ ଆଜ୍ଞା ଦୁଇ ଲକ୍ଷ ଟଙ୍କାର ମାଲିକ । ଆଉ ଜଣେ ସାର୍‌ ଦରଜି ଆରେ...

Source: Author, Digitized by PPRACHIN, SOA

ଚନ୍ଦ୍ରଧର ॥ ଯାଅ ଯାଅ ଏଠି ଫାଟିଭୁଣ୍ଡ କରନା ।

ଦୋଳଗୋବିନ୍ଦ ॥ ଏ ସଂସାର ଅନିତ୍ୟ । ଏଠିକି ମଣିଷ ଦୁଇ ଦିନ ପାଇଁ ଆସିଛି । ହସି ଖେଳି ମଉଜ କରିଯିବ । ଭାଗ୍ୟ ପରୀକ୍ଷା—କାହା ଭାଗ୍ୟରେ କଣ ଅଛି କହି ପାରିବେନା । ଅଙ୍କ ସବୁ ଅଦେଖା ହାତର ଇଙ୍ଗିତ । କଏ କହିବ ଆଜ୍ଞା ଆପଣଙ୍କ ଭାଗ୍ୟରେ ପ୍ରଥମ ପୁରସ୍କାରଟା ନହେଲେ ଦ୍ୱିତୀୟଟା ମିଳିବ ୭୫ ହଜାର—କିଛି ନହେଲେ ବି ତୃତୀୟ ପୁରସ୍କାରଟା ମିଳିଯିବ । ଦୋକାନୀ କପେ ଗୁ ଦିଅ ।

ବିଶ୍ୱାନନ୍ଦ ॥ ଏଇ ସୀମାହୀନ ନୈରାଶ୍ୟ ଭିତରେ ତମେ ଆଶା ବିକ୍ରୀ କରୁଛ ଭଦ୍ରଲୋକ ? ହାଃ --ହାଃ-- । ଏମାନେ ସବୁ କଣ ସେ ଆଶାରୁ କିଛି ଖରିଦ କରିବା ପାଇଁ ଏକାବେଳେ ନାରାଜ— ?

ଦୋଳଗୋବିନ୍ଦ ॥ ଦୁର୍ଭାଗ୍ୟ ଆଜ୍ଞା—ଘୋର ଦୁର୍ଗତି—ସମସ୍ତେ ଯଦି lottery ଟିକେଟ କିଣୁଥାନ୍ତେ ଏ ଦେଶ ଏତେ ଦରିଦ୍ର ହୁଅନ୍ତା କାହିଁକି ? କାହିଁକି ଆଜ୍ଞା ଏ ଦେଶ ଲୋକେ ଏମିତି ପୋକ ମାଛି ଭଳି ମରୁଥାନ୍ତେ ? ଦୋକାନୀ ଗୁ'ଟା ହେଲା ? ଆଜ୍ଞା ଏଇ ହାତରେ ଲୋକଙ୍କୁ ଟିକେଟ ବିକି ଲକ୍ଷପତି କରାଇଛି, ହେଲେ—

ବିଶ୍ୱାନନ୍ଦ ॥ ନିଜେ ଭିଖାରୀ ହୋଇ ରହିଯାଇଛ ନା ?

ଗୋବିନ୍ଦ ॥ ହେଇ ନିଅ ବାବୁ ତମ ଗୁ (Pause) ଏଇଠି ଏ ପଲ୍ଲୀ ଗାଁଟାରେ କ'ଣ ବିକି ହବ ତମ ଟିକେଟ ? ଯାଅ, ସହରକୁ ଯାଅ । ନହେଲେ ନେହୁରୁପଲ୍ଲୀ ଯାଅ । ସେଠି କିଛି ହେଲେ ବିକି ହୋଇଯିବ ।

Source: Author, Digitized by PPRACHIN, SOA

ଦୋଳଗୋବିନ୍ଦ ॥ Last date ହେଲା ଜାନୁଆରୀ ପନ୍ଦର ! ତମେ ଥରେ ଭାଗ୍ୟ ପରୀକ୍ଷା କରିନିଅ ସାହୁଏ ! ଦେଖିବ, ଦିନେ ଏ ଚା' ଖଟି ହୋଟେଲ ହବ । ରେସ୍ତୋରାଁ ହବ—Bar cum-Restaurant ହବ—!!

ଗୋବିନ୍ଦ ॥ ହବ ବାବୁ ହବ—ଭଗବାନଙ୍କ ଦୟାଥିଲେ ସିଏ ବି ହବ । ଦୋକାନ ଆରମ୍ଭ କରିଥିଲି ଚା କେଟଲିଏ ନେଇ—ହେଲେ ଆପଣମାନଙ୍କ ଭଳି ବାବୁ ଭାଇୟାଙ୍କ ଦୟାରୁ ଏଡ଼ିକି ବକଟେ Hotel ହୋଇଛି ।

ଦୋଳଗୋବିନ୍ଦ ॥ ଖଣ୍ଡେ ଟିକେଟ କିଣି ଭାଗ୍ୟ ପରୀକ୍ଷା କର । ଦେଖିବ—ଏଇଠି ଏଇ ରେସ୍ତୋରାଁରେ ସାହେବ ଆସି ରହିବେ—ନାଚ ହବ—ଚା-ଚା-ଚା ହେବ—Twist ହବ—

ଗୋବିନ୍ଦ ॥ ଆଜ୍ଞା ?

ଦୋଳଗୋବିନ୍ଦ ॥ ବୁଝିବ କୁଆଡୁ ? ଏ ଦେଶର ଲୋକ ବଡ ହବାକୁ ପରା ଚାହୁଁ ନାହାନ୍ତି ? ଟଙ୍କା କାହିଁ ? କହୋ ଏମିତି ଚାକିରି କରି କରି ହୋଟେଲ କରି କେତେ ପାଇବ ; ପରଶମଣି କିଣି ନିଅ—ଗୋଟାଏ ନହେଲେ ଦୁଇଟା ଟିକେଟ କିଣ । ତମ ଭାଗ୍ୟ ଟାଣ ଅଛି ସାହୁ—ମିଳିଯାଇପାରେ ! (ଚା' ପିଇ) ପାରେ କାହିଁକି ନିଶ୍ଚୟ ମିଳିବ—ଅଲ୍‌ବତ୍‌ ମିଳିବ ।

ଗୋବିନ୍ଦ ॥ ଏତେ କରି କହିଲଣି ଯେତେବେଳେ—ଦିଅ ଗୋଟାଏ ଦିଅ । ତୁମ ତୁଣ୍ଡରେ ଫୁଲଚନ୍ଦନ ହେଲେ ପଡୁ—!

ଦୋଳଗୋବିନ୍ଦ ॥ ସାବାସ୍‌ (କଲମ କାଢ଼ି) ବଢ଼ି ଖଣ୍ଡେ ଦିଅ !

ଗୋବିନ୍ଦ ॥ ସରିଯାଇଛି ବାବୁ ।

Source: Author, Digitized by PPRACHIN, SOA

ଦୋଳଗୋବିନ୍ଦ ॥ କୋଇ ବାଡ଼ି ନାହିଁ । ପୂରା ନାଁଟା ?

ଗୋବିନ୍ଦ ॥ ଆଜ୍ଞା ଗୋବିନ୍ଦ ସାହୁ !

ଦୋଳଗୋବିନ୍ଦ ॥ (ଲେଖୁ ଲେଖୁ) ଗ୍ରାମ ?

ଗୋବିନ୍ଦ ॥ ସୁଜନପୁର, ପୋ: ସୁଜନପୁର, ଜିଲ୍ଲା ଗଞ୍ଜାମ !

ଦୋଳଗୋବିନ୍ଦ ॥ (ଲେଖି ସାରି) ବାଃ ! ବୁଝିଲ ସାହୁଏ ! ତମ ନାଁ ଯାହା ମୋ ନାଁ ବି ସେୟା ! "ଗୋବିନ୍ଦ" ଆଗରେ "ଦୋଳ" ଯୋଡ଼ିଦେଲେ ଆମେ ସଙ୍ଗାତ ହେଇଯିବା ବୁଝିଲ ? ହା ହା ହା ହା ହା—ନଅ... ଟିକଟ... (ଟିକଟ ଦେଇ) ବଡ ତା'ହେଲେ ନାଇଁ... ?

ଗୋବିନ୍ଦ ॥ ଅଜ୍ଞା ନାଇଁ...

ଦୋଳଗୋବିନ୍ଦ ॥ କୋଇ ବାଡ଼ି ନାହିଁ... (ଚାଲି ଯାଉ ଯାଉ) ଟିକଟ୍... କେ. ସି. ଲଟେରୀ ଟିକେଟ୍...

[ଦୋଳଗୋବିନ୍ଦ ଚାଲିଯିବା ପୂର୍ବରୁ ପ୍ରବେଶ କରନ୍ତି ଗୁରୁବାରୀ ତା' ବନସୀଟିରେ (ଆଜି ମାଛ ପଡ଼ିଛି, ତେଣୁ ସେ ଖୁସିରେ ଡେଇଁ ଡେଇଁ ଆସିଛି]

ଗୁରୁବାରୀ ॥ ମିଳିଛି... ମିଳିଛି... ଆଜି ପଡ଼ିଛି !

[ଗୁରୁବାରୀକି ଦେଖି ଗୋବିନ୍ଦ ରାଗି ଯାଇଛି]

ଏତେ ଦିନେକେ ମାଛ ପଡିଛି ମାନେ ଆଜି ଗୋଟେ ଶୁଭଦିନ ପରିଡ଼ା ବାବୁ ! ତମକୁ ବି କାଲି ଗୋଟେ ମିଳିବ... ଆଉ ପାଗେଳା ବାବୁ ! ତମକୁ ବି ନିଶ୍ଚୟ କାଲି ଗୋଟେ ମିଳିବ !

ଚନ୍ଦଧର ॥ ଆବେ ତୋ' ବୋପାକୁ ଲଟେରୀ ମିଳିବବେ ! ଟିକଟ କିଣନ୍ତୁ !

Source: Author, Digitized by PPRACHIN, SOA

ଦୋଳଗୋବିନ୍ଦ ॥ (ଫେରି) ପକୋଡ଼ି, ପକୋଡ଼ି ଛୁଟିଚ ସାହୁଏ ? ଦେଇ ଆଣୋର !

[ବସି ପଡ଼ିଲେ ବେଞ୍ଚ ଉପରେ । ପାଣି ମାଗି ମୁହଁ ଧୋଇଲେ । ଗୋବିନ୍ଦ ଖାଲି ଚାହୁଁଥାଏ ଗୁରୁବାରିଆକୁ ଦେଖି]

ଗୋବିନ୍ଦ ॥ ହଇରେ ଏ ଗୁରୁବାରି—ସକାଳୁ ଗଲୁଣି ସେ ଏ ଯାଏଁ ଦେଖା ନାହିଁ—ହଇବେ ! ବୋଉ ଗାଡିଆରେ ବୁଡ଼ି ମରିଥିଲୁ ?

ଗୁରୁବାରିଆ ॥ ଗାଡ଼ିଆରେ ବୁଡ଼ିମରିବି କାହିଁକି ମ ? ତମକୁ ଦିଶୁନିକି ବାପା ? ହାତରେ ଏଇଟା କଣ ?

ଗୋବିନ୍ଦ ॥ କଣ ? କଣଟାଏ ସେଇଟା ? ଉଃ ବାପା ମୋର, ବାପା ମୋର କୁଳଚନ୍ଦ୍ରମା—ବଂଶ ଉଦ୍ଧାରଣ ! ଗୋଟାଏ ମାଛ ଧରି ମୋ ସପ୍ତପୁରୁଷ ଉଦ୍ଧାର କଲି ଆଜ !

ଗୁରୁବାରିଆ ॥ ଏଇ ମାଛ ଖଣ୍ଡିଏ କା ଭାଗ୍ୟରେ ମିଳୁଛି କି ! ଦିନଯାକ ତ ଏମିତି ବେକାରରେ ବସିନି ! ଚେଷ୍ଟା କରି କରୁଛି ହେଲେ ତ ଗୋଟାଏ କରୁଛି । ଏମାନେ ତ ଖାଲିଟାରେ ବସିଛନ୍ତି !

ଗୋବିନ୍ଦ ॥ କାହିଁକି, ଏଇଠି ଦୋକାନରେ ବସିଲେ କଣ ଅସୁବିଧା ହେଉଥିଲା ?

ଗୁରୁବାରିଆ ॥ ମୋର ଦୋକାନ କ'ଣ ହବକି ବାପା ? ତମେ ଏକେଲା କ'ଣ ଚଳେଇ ନବନି ?

ଗୋବିନ୍ଦ ॥ ହୁଁଃ ଅକାଳ କୁଷ୍ମାଣ୍ଡ !

ବିଚଷାନନ୍ଦ ॥ ତମେ ତା ହେଲେ ଶେଷରେ ମାଛର ସନ୍ଧାନ ପାଇଛ ଗୁରୁବାରି ? ମୋର ସନ୍ଦେହ ହଉଛି !

Source: Author, Digitized by PPRACHIN, SOA

ଗୁରୁବାରିଆ ॥ ଏଁ—ସନ୍ଦେହ ହଉଛି ? ଆରେ ରେ ! ଲୋକେ କଣ ମିଛରେ ପାଗଳ କହୁଛନ୍ତି ? ଦେଖୁଛି ଛେଳି, କହୁଛି କୁକୁର !

ବଚସ୍ପାନନ୍ଦ ॥ (ହସିଲେ) ବେଶ୍ ବେଶ୍ ! ସେଇ ଆଶାର ମାଛକୁ ଭାଜ ଏ ହତାଶ ଗୋଷ୍ଠୀକୁ ଟିକିଏ ଟିକିଏ ଚଖେଇ ଦିଅ ଗୁରୁବାରି ! ସମସ୍ତେ ଯେ ହତାଶାର ଏ ନିଛକ ଉପରେ ବସିଛନ୍ତି ନେହୁରୁପଲ୍ଲୀ ଯିବେ ବୋଲି ! ହେଲେ ନେହୁରୁଙ୍କ ପାଖକୁ ଯିବାପାଇଁ ଦିନସାରି ବସ୍‌ଟା ବି ଆସିଲା ନାହିଁ ! ହା ହା ହା ହା ହା !

ଗୁରୁବାରିଆ ॥ ବାପା ଏଇଟାକୁ ଟିକିଏ ଭାଜି ଦବନି ?

ଗୋବିନ୍ଦ ॥ କାହିଁକି ? ମୋ ମୁଣ୍ଡ ଭାଜି ଖାଉନୁ ? ବିନାଶ କାଳେ—

ଗୁରୁବାରିଆ ॥ ଘୋଡ଼ାମୁହାଁ ପୁଅ । ହଉ ଗୁଡ଼—ଏ—ବାପା (ହଠାତ୍ ଦେଖି) ତମ ହାତରେ ସେଇଟା କଣ ? ଦେଖି ଦେଖି —ଲଟେରି ଟିକେଟ ଭଳି ଦିଶୁଛି ! ଏ ବାବୁ ମୋତେ କିଣିବାକୁ କହୁଥିଲା । ହେଲେ ମୁଁ କିଣିଲିନି !

ଦୋଳଗୋବିନ୍ଦ ॥ ବେଶ୍ ବେଶ୍ ଦୋକାନୀ—ତମ ପୁଅ ଆଜି ମାଛ ଧରୁଛି —ତା ଭାଗ୍ୟ ମଧ୍ୟ ଟାଣ ଅଛି—ଦେବ ଆଉ ଗୋଟାଏ ଟିକେଟ ତା ନାଁରେ ? ଆହେ ଫୁଟିଯିବ ଯଦି ମାଲମାଲ୍ ହେଇଯିବ ହେ !

ଗୋବିନ୍ଦ ॥ ମୋଟେ ନୁହେଁ—ନୁହେଁ—ଭୁଲ୍‌ରେ ନୁହେଁ—ଏ ବାଳୁଙ୍ଗାଟାର ନାଁ ଧରିଲେ ଠା ମିଳିବନି—

[ଇତିମଧ୍ୟରେ ବାହାରେ ବୁଲିବୁଲି କରି ଖଣ୍ଡେ ପତ୍ରିକା ପଢ଼ି ପଢ଼ି ହତାଶ କବି ଅତନୁ ପ୍ରବେଶ କଲେ । ତାଙ୍କୁ ଦେଖି ବଚସ୍ପାନନ୍ଦ କହିଲେ]

Source: Author, Digitized by PPRACHIN, SOA

ବଚସ୍ପାନନ୍ଦ ॥ ଲଟେରୀବାଲା—ତମେ ବରଂ ଗୋଟାଏ ଟିକେଟ ଆମର କବି ଅତନୁ ବାବୁଙ୍କୁ ଦିଅ ।

ଦୋଳଗୋବିନ୍ଦ ॥ ଗୋଟାଏ ଟିକେଟ କିଣନ୍ତୁ ଆଜ୍ଞା (ପାଖକୁ ଯାଇ) ଏଥିରୁ ଗୋଟାଏ ମିଳିଗଲେ ଆପଣ ଆଉ Noble Prize ପାଇଁ ବ୍ୟସ୍ତ ହେବେନି । ସବୁ ଦୁଃଖ ଉଭେଇ ଯିବ । ଆଉ ହାତରେ କାଗଜ କଲମ ଧରି ଲେଖିବାକୁ ପଡ଼ିବନି— Lady steno ରଖିବେ ଆଜ୍ଞା ! Lady steno ! ଟିକେଟଟାଏ ଦେବି ?

ଅତନୁ ॥ ଥାଉ । କଣ ଥଟ୍ଟା କରୁଛନ୍ତି ?

ବଚସ୍ପାନନ୍ଦ ॥ No joke କବି ! ଏତେ ବର୍ଷର ସାହିତ୍ୟ ସାଧନା କଲେ, କନ୍ତୁ କାହିଁ ? କୋଠାବାଡ଼ି—ଘର କାହିଁ—କେତେ ଟଙ୍କା କମେଇଛ ? ବୁଝିହେବନି, ନ ହୋଇ କବି ହେଲେ ଯାହା ହୁଏ ··· ···

ଅତନୁ ॥ (ହସିଲେ)

ବଚସ୍ପାନନ୍ଦ ॥ କୁହ ଚକ୍ରଧର ବାବୁ ! ରାଜନୀତିଜ୍ଞ—ନେତା ! ତୁମେ ୧୯୫୨ ମସିହାରୁ ରାଜନୀତି କରି କେତେଟା କୋଠା କରିଛ ? Fiat ଗାଡ଼ି କାହିଁ ତମର ? ଗୋଟାଏ ସାଧାରଣ ସଭାରେ ଯୋଗଦେବା ପାଇଁ ତମ ଭଳି ରାଜନୀତିକ ନେତାମାନଙ୍କର ଏଇ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିବାଟାକୁ ମୁଁ କାହିଁକି ପସନ୍ଦ କରିପାରୁନି ।—No—! ତମ ନେତା ଖଣ୍ଡେ ବସ୍ ପଠେଇ ପାରିଲେନି ?

ଚକ୍ରଧର ॥ ଦେଶସେବାରେ ସେଗୁଡ଼ାକ ଦୁର୍ନୀତି ଆଜ୍ଞା !! ଆମ ଦେଇ ସେଗୁଡ଼ାକ ହେଲାନି । ହଁ, ଆପଣ ଯାହା କହୁଛନ୍ତି ରାଜନୀତିରେ କ'ଣ କଳାବଜାରୀ ହଉନି ? ହଉଛି—ଯଥେଷ୍ଟ ହଉଛି— ୧୯୫୨ ମସିହାରୁ ଦେଖି ଆସିଛି—ହେଲେ—ଗାନ୍ଧୀ ନେହରୁ ଆଦର୍ଶର ଲୋକ ଆଜ୍ଞେ—

Source: Author, Digitized by PPRACHIN, SOA

ବଟବାନନ୍ଦ ॥ No, ସେମିତ ହେଲେ ତମେ ପଛରେ ରହିଯିବ ନେତା !! ସଭ୍ୟତାର ଘୋଡାଦୌଡ଼ ଭିତରେ ତମେ ଏମିତ ବହୁତ ପଛରେ ପଡ଼ିରହି ଯିବେ । ଖେଳଯାଅ, ପଲିଟିକ୍ସ ଇଜ୍ ଏ ଗେମ୍ !

ଚନ୍ଦ୍ରଧର ॥ ନାଁ—ସେ ଦୁର୍ନୀତି କାମ ଏଇ ସତର ବର୍ଷ ଭିତରେ ହେଇ ନାହିଁ ଯେତେବେଳେ, ଆଉ ହବ ବୋଲି କହୁଛନ୍ତି ? ଅସମ୍ଭବ—!!

[ଧୋବଧାଉଳିଆ ହେଇ ପ୍ରବେଶ କରିଚି ମକୁନ୍ଦ]

ଗୋବନ୍ଦ ॥ କରେ ମକୁ ! ହନସାବ ତୋର ଦେଖା ନଥିଲା ? ଘଟଣା କଣ ? କିଛି କୁଆଡ଼େ ମିଳିଗଲା କି ?

ମକୁନ୍ଦ ॥ କହନ ଭାଇ—ସେ କଥା ଆଉ କହନ । ଯାଇଥିଲି ନେହୁରୁପଲ୍ଲୀ । ହଣ୍ଡ ହଉଛି—ମନ୍ତ୍ରୀ ଆସୁଛନ୍ତି—ନାଚ ଗୀତ ହବ । ହେଲେ ଗୃହ ମାଇଲ ବାଟ ଦୌଡ଼ିବାଟା ହିଁ ସାର ହେଲା ।

ଗୋବନ୍ଦ ॥ କେମିତ ? ସବୁ ବନ୍ଦ ହୋଇଗଲା ନା କ'ଣ ? ମନ୍ତ୍ରୀ ଆସିଲେନ କି ରେ ?

ମକୁନ୍ଦ ॥ ସବୁ ଆସିଲେ । ସବୁ ହଉଚିରେ ଗୋବନ୍ଦାଇ ! ହେଲେ ମୋ ବେଳଟା ଖରାପ । ଗଲି ତ ଗଲି ସକାଳୁ ହେଲେ ଯାଇଥାନ୍ତି । ବାପ୍‌ରେ ବାପ୍ ଲୋକ ପିମ୍ପୁଡ଼ି ଭଳି ଜମା ହୋଇଛନ୍ତି ସେଠି ।

ଗୋବନ୍ଦ ॥ ହେଇଥିବ—ହେଇଥିବ । ଗୁରୁବାରକ କଥିଲି । ବାପାରେ, କିଛି ମାଲପତ୍ର ନେଇ ସେଇଠି ଗୋଟାଏ ଦୋକାନ ଖୋଲି— ହେଲେ ବାକୁଙ୍ଗାଟା କଣ ଶୁଣିଲୁ ? ଏଇଠି ମାଛ ଧର ତମାସା ଲଗେଇଛି ।—ସେଇଠୁ ?

ମକୁନ୍ଦ ॥ ଯୋଉ ସାଜସଜ୍ଜା ହୋଇଛିରେ—ଏ ସାତ ଖଣ୍ଡ ଗାଁ ଅଞ୍ଚଳରେ କେହି କେବେ ଦେଖି ନଥିବେ । ବାହାରୁ ଯାହା ଟିକେ ଦେଖିବା

Source: Author, Digitized by PPRACHIN, SOA

କଥା । କୁଆଡ଼େ ବଡ଼ିଆ ନାଚ ଗୀତ ହେବନା ହବ । ଘୁଡ଼ ଭାଗ୍ୟରେ ନାହିଁ— !

ଗୋବିନ୍ଦ ॥ କରେ ହେଲା କ'ଣ—ଟେଠ୍ କହୁନୁ କାହିଁକି ?

ମୁକୁନ୍ଦ ॥ ପୋଲିସ ଜଗିଛି । ଏତେ ଲୋକଙ୍କୁ ନଦେଲେ ଶାସନ କରିହେବ କେମିତି ? ଖାଲି ତ ନାଲି, କଳା, ବାଇଗଣି ରଙ୍ଗର ମଟର ଗାଡ଼ି ଦ ମାଇଲ ଧରି ଲମ୍ବିଛି । ପୋଲିସ ଖାଲି ବାବୁ ଭାଇ ଗାଡ଼ିବାଲାଙ୍କୁ ଭିତରକୁ ଛାଡ଼ିବ ।

ଗୋବିନ୍ଦ ॥ ଇସ୍ ! ସତେ ? ତା ହେଲେ ଆମ ଗାଁ ମେଳଣ ପରି ବଡ଼ ଭିଡ଼ ହେଉଛି ? ନାଇଁରେ ?

ଗୁରୁବାରିଆ ॥ ମୁଁ ତ ଯିବ ବୋଲି ଭାବିଥିଲି । ହେଃ ମକୁ ଦାଗି ! ଏଇନା ପସରା ଟିଏ ନେଇଗଲେ ଭିତରକୁ କିଏ ଛାଡ଼ିବନି ? ଚାଲ ଆଉ ଥରେ ଯିବା—ଚାଲ ଚେଷ୍ଟା କରିବା—ଚାରଣା ଖଣ୍ଡେ ପଇସା ସେ ଜଗୁଆଳକୁ ଘୁଷ୍ ଦେଇଦେବା ।

ମୁକୁନ୍ଦ । କେଜାଣି ବାବା କହି ହଉନି । ଅବସ୍ଥା ଅସମ୍ଭାଳ । ସକାଳୁ ଭଲ ପସରା ନେଇ ଯାଇଥାନ୍ତୁ—ହେଲେ ଏଇନା ନୁହେଁ ।

ବିଶ୍ୱାନନ୍ଦ ॥ ଦେଖିଲ ଅଚନୁ—ମୁଁ କହୁଥିଲି ନା ନେହୁରୁପଲ୍ଲୀରେ ଗାନ୍ଧୀ ବିଦ୍ୟାମନ୍ଦିର ଉଦ୍‌ଘାଟନ କରାଯାଉଛି । ସେଠି ବି Fiat ଗାଡ଼ି ଦରକାର ! ହାଃ···ହାଃ···ହାଃ । ଯାଅ ବନ୍ଧୁ—Horse raceରେ ତୁମେ ହାରିଯାଇଛ—ଶୀଘ୍ର ଗୋଟାଏ ଲେଖା ପଠାଅ, ଗାଡ଼ି କିଣି ପକାଅ । ବିନା ଗାଡ଼ିରେ ତୁମର identity ନାହିଁ !

ଅଚନୁ ମୁସ୍କିଲ୍ କଥା— !

ଚନ୍ଦ୍ରଧର ॥ ଛୁଏଁ ଛୁଏଁ ଦେଶଟା ଦୁର୍ନୀତିରେ ଭାସିଗଲାଣି ।

ବିଶ୍ୱାନନ୍ଦ ॥ (ହସି ଉଠିଲେ ଛାତି ଫଟାଇ)

Source: Author, Digitized by PPRACHIN, SOA

ଅଚ୍ୟୁତ । ଏଇନା ତ ଆଜ୍ଞା ଫେରିପିବାକୁ ଗାଡ଼ି ନାହିଁ—ମୁସ୍କିଲ୍ ହେଲା ।

ଚନ୍ଦ୍ରଧର ॥ ଆସନ୍ତୁ ଆସନ୍ତୁ ! ଆମ ଘରେ ବରଂ ରାତିଟା କଟେଇବେ । ଗୋଟିଏ Change ହୋଇଯିବ ।

ଅଚ୍ୟୁତ । କିନ୍ତୁ--ମୁଁ···ଏଇଠି···ମାନେ ମୋ' ମନଟା ଭଲ ନାହିଁ ।

ଚନ୍ଦ୍ରଧର । (ହାତଧରି) ଭଲ ଖରାପ ମୁଁ କିଛି ଶୁଣିବି ନାହିଁ । ଆପଣଙ୍କ ଭଳି ଜଣେ କବିଙ୍କୁ ପାଇ ବରଂ ଆମେ ଧନ୍ୟ ହେବୁ । ଆସନ୍ତୁ ଲଜ୍ଜା କରିବାର କଣ ଅଛି ? ଆପଣଙ୍କ ପ.ଦ ପଡ଼ିଲେ ଆମ ଗାଁ ଧନ୍ୟ ହୋଇଯିବ ସାର୍ ! ୧୯୫୨ ମସିହାରୁ ଏଇଠିକି କବିଫବି ···

ବଚସ୍ପାନନ୍ଦ ॥ ଯାଅ ଯାଅ କବି ରାଜନୈତିକ ନେତାଙ୍କର ଏହି ଅବାରିତ Patronageକୁ ଆଡ଼େଇ ଦିଅ ନାହିଁ । ଯାଅ ! ଚାଲ·· ମୁଁ ବି ତମ ପଛେ ପଛେ ଯାଉଛି ।

[ଚନ୍ଦ୍ରଧର ଅଚ୍ୟୁତକୁ ନେଇ ଚାଲିଗଲେ । ପଛେ ପଛେ ବଚସ୍ପାନନ୍ଦ]

ଗୋବିନ୍ଦ ॥ ଜାଣିଚୁ ମକୁ, ଆଜି ଏଠି ଫୋଟେ ସିନେମା ହବ । ଆଉ ଏଠି ଆସି ହଲ୍ଲା କରିବୁ ନାହିଁ--ବୁଝିଲୁ ?

ମକୁନ୍ଦ । ସିନେମା ଏଇଠି ହବ ?

ଗୋବିନ୍ଦ ॥ ହଁ ଆମ ଘ ଦୋକାନର ଫଟୋ ନିଆ ହବ ।

ଗୁରୁବାରିଆ ॥ ଏଇଠି ? ଆମ ଦୋକାନରେ ହବ ? ମୁଁ ତା ହେଲେ ଏଇଠି ବସିବି ବାପା । ତମେ ବୁଢ଼ା ଲୋକ ତମେ କଣ ଫଟୋରେ ସୁନ୍ଦର ଦିଶିବ ?

ଗୋବିନ୍ଦ ॥ ଯା ଏଠୁ ! ଏଇଟା ମୋ ଦୋକାନ ।

ଗୁରୁବାରିଆ ॥ ତମେ କାହିଁକି ରହିବ ? ଏଇଟା ବି ମୋ ବାପାର ଦୋକାନ ।

Source: Author, Digitized by PPRACHIN, SOA

ମକୁନ୍ଦ ॥ ଆରେ ବାପ ପୁଅ ଏଠି ଗଣ୍ଡଗୋଳ କରୁଛ କାହିଁକି ? ବଡ଼େଁ ଯାକ ରୁହ ।

ଗୁରୁବାରିଆ ॥ ନାଇଁ ବାପା କାହିଁକି ରହିବେ ନାଁ ? ସେ କଣ ଇନ୍ଦର ସ୍ନୋ ମାଖିଛନ୍ତି ?

ମକୁନ୍ଦ ॥ ଆଚ୍ଛା ହେଉ କେତେବେଳେ କରିବେ ?

ଗୋବନ୍ଦ ॥ ଏଇ ତ ଆସିପିବେ ! ଏଇନେ ଡାକବଙ୍ଗଳାରେ ଅଛନ୍ତି ।

[ସମସ୍ତେ ସେପଟକୁ ଠେଲାଠେଲି ହୋଇ ଚାହୁଁଥାନ୍ତି]

ମକୁନ୍ଦ ॥ ଏଇ ଆସିଗଲେ ତ ।

ଗୁରୁବାରିଆ ॥ ବାପା—ତମେ ଟିକିଏ ସେ ପଟକୁ ଯାଅ ।

ଗୋବନ୍ଦ ॥ ଓଃ ଏମିତି କାହିଁକି ହେଉଛୁ ? ଏଇ ନାଟ କଣ ଆରମ୍ଭ ହେଇଯାଉଛି ?

ଗୁରୁବାରିଆ ॥ ମକୁ ଦାଦା ଦାଢ଼ି ଟା ଆଉ ଥରେ କାଟି ପକାଇବୁ କଟେ ?

ମକୁନ୍ଦ ॥ ସକାଳେ ପରା କାଟିଥିଲୁ ?

ଗୁରୁବାରିଆ ॥ ନହେଲେ ଟିକେ ଇନ୍ଦର ସ୍ନୋ ମାଖିଦେ – ଦେ ଶୀଘ୍ର ।

ମକୁନ୍ଦ ॥ ହଉ (ବାକ୍ସ ଖୋଲିଲା)

ଗୋବନ୍ଦ ॥ ମୋ' ମୁହଁରେ ବି ଟିକିଏ ମାଖି ଦଉନୁ ?

ଗୁରୁବାରି ॥ ହେଃ ! ତମେ ବୁଢ଼ା ଲୋକ…ତମେ କଣ ହିରୋ ହଉଚ କି ଓ

ଗୋବନ୍ଦ ॥ ହେଃ ! ଚୁପ୍‌ରହ୍ ଯା ବଡ଼ା ଗୁଣିଭୁ ।

ଗୁରୁବାରି ॥ ବଡ଼ା ନା ଆଉ କଣ୍ଟ ?

ମକୁନ୍ଦ । (ନିଜେ ସ୍ନୋ ଲଗଉ ଲଗଉ ଚାହୁଁଥାଏ) ଏ ? ଦେଖିଲ ଦେଖିଲ…କିଏ ଦି'ଜଣ ଆସୁଛନ୍ତି ଦେଖିଲ !

[ଏମାନେ ସମସ୍ତେ ଗୋଟାଏ ପଟକୁ ରହିଗଲେ ଏବଂ ପ୍ରବେଶ କଲେ ବଚହାନନ୍ଦ ଏବଂ ଅଚଳୁ]

Source: Author, Digitized by PPRACHIN, SOA

ଅତନୁ ॥ ସାର୍ ! ଶୁଣନ୍ତୁ ସାର୍ !

ବଚନ ॥ ଡୋଣ୍ଟ୍ ଫଲୋ ମି ! ଯାଅ···ଚନ୍ଦ୍ରଧର ସାଙ୍ଗରେ ଯାଇ ସହଜ ଭାବରେ ବଂଚିବା ଶିଖ ! ତମର ଏ ପୋଥି ଆଉ ନଥିବ ପୃଥିବୀ ସେପଟେ ଆଉ ଗୋଟେ ସହଜ ସରଳ ପୃଥିବୀ ଅଛି ଅତନୁ । ସେଇଠି ଟି. ଏସ୍. ଇଲିଅଟ୍ ନାହାନ୍ତି···ଓ୍ୱାଲେସ୍ ଷ୍ଟିଭେନ୍ସ ନାହାନ୍ତି··ସାର୍ତ୍ରେ ଆଉ କାମୁଁ, କାଫ୍‌କା ନାହାନ୍ତି କବି··· ! ସେଇଠି ଗୋଟାଏ ନର୍ଦ୍ଧାିତ ଜୀବନ ଅଛି—ଯାଅ ! ସେଇଠି ବଂଚିବ ଯାଅ !

ଅତନୁ ॥ ମୁଁ ଯଦି ସେଇଠି ବଂଚି ପାରିଥାନ୍ତି ତା' ହେଲେ ବନ୍ୟା ମତେ ଛାଡ଼ି ଚାଲିଯାଇଥାନ୍ତା କାହିଁକି ?

ବଚନ ॥ କାରଣ ସିଏ ବନ୍ୟା [କିଛି ସମୟ ପରେ ତମେ ତାକୁ ବନ୍ୟା ହିସାବରେ ଜାଣିଚ ଅତନୁ ! ହେଲେ ତା' ପୂର୍ବରୁ ·· ସିଏ ଯେତେବେଳେ ଶକୁନ୍ତଳା ଥିଲା···ତାକୁ ମୁଁ ଜାଣିଚି । ତମେ ବିଶ୍ୱାସ କର···ତାକୁ ମୁଁ କେବେ କୌଣସି ଅବହେଳା କରିନି···ତାର ସବୁ ଅଭାବ ପୂରଣ କରିଚି । ତଥାପି···ତଥାପି କାହିଁକି ସିଏ ମୋ' ଜୀବନକୁ ଜାଳିଦେଲା ଅତନୁ ? କାହିଁକି ମତେ ଜୀବନ ଯୁଦ୍ଧରେ ପରାସ୍ତ କରି ଆନନ୍ଦ ପାଇଲା ?

ଅତନୁ ॥ କାରଣ ସେ ନାରୀ ! କାରଣ ସେ ଅନ୍ଧକାର ! (ଉତ୍ତେଜିତ ହୋଇ) କାରଣ ସେମାନେ ମୋତେ ହତ୍ୟା କରିଛନ୍ତି ! କାରଣ ସେମାନେ ମୋତେ ଜୀବନଠାରୁ ବିଚ୍ଛିନ୍ନ କରିଛନ୍ତି ! (ନଉରୋଟିକ୍ ଭଳି) ମୁଁ...ମୁଁ···ମୋର କଣ ଇଚ୍ଛା ହେଉଛି ଜାଣନ୍ତି ? I will kill —ମୁଁ ଖାଲି ସେମାନଙ୍କ ରକ୍ତ ପିଇବି !

Source: Author, Digitized by PPRACHIN, SOA

ବିଚାର ॥ (ହସିଛନ୍ତି)—ତମେ ପାଗଳ ନୁହ ! ତମେ ହତ୍ୟା କରିବାର ପ୍ରତିଜ୍ଞା କରୁଛ । ସେଇଟା ତମର inferiority complex ! ତମେ ନାରୀକୁ ଘୃଣା କରିବାର ଅଭିନୟ କରୁଛ—ସେଇଟା ତମର ମସ୍ତବଡ଼ ଦୁର୍ବଳତା !—ତମେ revolution କରୁଛ—କାରଣ ସଭ୍ୟତାର ଭଣ୍ଡାମି ଆଗରେ ତମେ ଶକ୍ତିହୀନ— ଅଥବା — ପଙ୍ଗୁ—(Pause) Go back ! ତମେ ଫେରିଯାଅ ତମର ସେଇ ପୁରୁଣା romantic ପୃଥିବୀକୁ—ସେଇଠି ସ୍ୱପ୍ନର ଅଟ୍ଟାଳିକା ଗଢ଼ିବ ଯାଅ— Yes—ମୋଭଳି ଏକ ସୁବର୍ଣ୍ଣ ପିଞ୍ଜରା ଗଢ଼ିବ—ତା' ହେଲେ ଖୁବ୍ ସହଜରେ escape କରିପାରିବ my boy··· ଅନ୍ତତଃ ବଞ୍ଚିଯାଇ ପାରିବ ତ !

ଅତନୁ ॥ No !! ମତେ ଆପଣ ବନ୍ଦୀ କରୁଛନ୍ତି ! ମୋ ଆତ୍ମାକୁ ଆପଣ ଶୃଙ୍ଖଳିତ କରୁଛନ୍ତି !! Why ? କେଉଁ ସାହସରେ ? ତା ଛଡ଼ା···· ତା' ଛଡ଼ା ମୁଁ ଆତ୍ମପ୍ରତାରଣା ଭିତରେ ବଞ୍ଚିବ କାହିଁକି ?

ବିଚାର ॥ (ହସିଲେ) ଭୁଲ କରୁଛ । ଦେହକୁ ଗୁଡ଼ ଦେହାଶ୍ରିତ କଥା ଚିନ୍ତା କର । ସ୍ମୃତିକୁ ଭୁଲି ଯାଇ ସତ୍ୟ କଥା ଭାବ ।

ଅତନୁ ॥ କେମିତି ଭାବିବ ? ଏଇ ଦେହରେ ବର୍ତ୍ତମାନ ବି ତୃଷ୍ଣା ଅଛି । ମନରେ ସିଏ ଆଜି ବି ନିଆଁ ଜାଳି ଦେଇଛି । ଦେଢ଼ ବର୍ଷ ପାଇଁ ସିଏ ମୋ ଜୀବନରେ ଆସିଥିଲା (କାନ୍ଦିଲେ) ମତେ ପିତୃତ୍ୱର ଅଧିକାର ଦେଇଥିଲା—ଏବଂ ଆଜି ସ୍ପଷ୍ଟ ଦିବା-ଲୋକରେ ମତେ ପୁଣି—ପୁଣି ଥରେ ହତ୍ୟା କରିଦେଇ ଚାଲିଗଲା !

ବିଚାର ॥ (ସାନ୍ତ୍ୱନା ଦେଇ) ତମ ଜୀବନ ଉପରେ ଆସ୍ଥାରଖ କର ! ନଚେତ୍ ତମେ ନିଜେ ଗୋଟାଏ ନାମବାଚକ ବିଶେଷ୍ୟରୁ ବସ୍ତୁ ବାଚକ ବିଶେଷ୍ୟ ହୋଇଯିବ···ପ୍ରଥମ ପୁରୁଷ ଏକ ବଚନରୁ

Source: Author, Digitized by PPRACHIN, SOA

ତମେ ରୂପାନ୍ତରିତ ହୋଇଯିବ ଗୋଟାଏ ଜଡ଼, ପ୍ରାଣହୀନ, ଅନାମଧେୟ 'ଇତ୍ୟାଦି' କୁ !

ଅତନୁ ॥ ନା, ମୁଁ ସେମିତି ଗୋଟାଏ ରୂପାନ୍ତରିତ ଅବସ୍ଥାକୁ ସମ୍ଭାଳି ପାରିବିନି ।

ବିଚିତ୍ର ॥ ବର୍ତ୍ତମାନ ବି ତମେ ତମର ବୌଦ୍ଧିକ ବୋଝକୁ ସମ୍ଭାଳି ପାରୁନ। କହ ! ଜାଣି ପାରୁନା କୋଉ ରାସ୍ତାରେ ଯିବ ! ଫ୍ରଏଡ଼ଙ୍କ ରାସ୍ତାରେ ନା ସାର୍ତ୍ରେଙ୍କ ରାସ୍ତାରେ ! ମାର୍କସ୍‌ଙ୍କ ରାସ୍ତାରେ ନା ବ୍ୟକ୍ତିତ୍ୱବାଦର ରାସ୍ତାରେ ! (ଟିକିଏ ରହି) ଏଗୁଡ଼ା ସବୁ ଭୁଲ ଅତନୁ···ଜୀବନ ହିଁ ସତ୍ୟ ! ଯାଅ...ଅନ୍ଧାର ହେବା ଆଗରୁ ଏଇ ହିଚ୍ଛିକ ବସ୍ ଷ୍ଟପ୍‌ରୁ ଚାଲିଯାଅ ! ଅପେକ୍ଷାର ଅନିର୍ଦ୍ଦିଷ୍ଟ ଅନ୍ଧକାର ଭିତରୁ ଯାଇ ହଜିଯାଅ ଜୀବନର ଅନ୍ଧାର ଭିତରେ ! ଯାଅ···

[ଅତନୁ ଯିବାକୁ ଲାଗିଲେ । ତଥାପି ପଛକୁ ଚାହୁଁଥାନ୍ତି]

ନା ପଛକୁ ଚାହିଁ ନାହିଁ··· ଆଗକୁ ଆଗକୁ ମାଡ଼ିଚାଲ ! ଚରୈବେତି··· ଚରୈବେତି...

[ଅତନୁ କ୍ରମେ ଅନ୍ଧାର ଭିତରେ ମିଶିଗଲେ । ବିଚିତ୍ରାନନ୍ଦ ସେମିତି ଅନେଇ ଥାଆନ୍ତି, ପ୍ରବେଶ କଲା କନ୍ୟା]

କନ୍ୟା ॥ Camera man, sound recordist କେହି ଆସି ନାହାନ୍ତି ଯେ–· ମତେ ବେକାର ଡାକି ଦେଲ । କଣ ନା ନାଇଟ୍ ସିଫ୍‌ଟ ସୁଟିଂ ହବ ! ହୁଁଃ !!

[ହଠାତ୍ ବଜ୍ରାହତ ହେଲା ପରି ଚାହିଁଲେ ବିଚିତ୍ରାନନ୍ଦ]

Source: Author, Digitized by PPRACHIN, SOA

ସୁରଜିତ ॥ ବେକାର କଣ ? ତମେ ଆର୍ଟିଷ୍ଟ ! ସମସ୍ତଙ୍କଠୁ ଆଗରେ ଆସି Location ରେ mood ନେବା କଥା ।

ବନ୍ୟା ॥ (ଅଭିମାନ) ତୁମେ ଆଉ ସ୍ୱଗନ ସୁର ଭାଇ ! ମୋ mood ପୂରା ଖରାପ ହୋଇଯିବ ।

ସୁରଜିତ ॥ (ହସି) ଆଚ୍ଛା ! ଠିକ୍ ଅଛି ।

ବନ୍ୟା । (ଦୋକାନୀକୁ) ତମେ କାହାରିକି କହୁ କହୁ ନାହିଁ ତ ଦୋକାନୀ— ?

ଗୋବନ୍ଦ ॥ ନାହିଁ ମା, ମୁଁ ପରା ସମସ୍ତିଙ୍କି ଚଡ଼ ଦେଉଛି ।

ସୁରଜିତ ॥ ଆଚ୍ଛା ଅଚ୍ଛା ।

ବନ୍ୟା ॥ ସମସ୍ତ କାହିଁକି ନଷ୍ଟ କରିବା ଯେ ? ସୁର ଭାଇ ! Sequence ଟା ଥରେ ବୁଝାଇ ଦିଅନା !

ସୁରଜିତ ॥ ଓକେ ! ଓକେ ! ତେବେ ଶୁଣ —କାହାଣୀର ବର୍ତ୍ତମାନ ଅଂଶଟା ହେଲା—ତମେ ଘର ଛାଡ଼ି ଚାଲି ଆସିଛ । ସ୍ୱାମୀଙ୍କୁ Divorce କରିଛ । ତୁମେ ଭୁଲିଯାଇଛ ସେଇ ଗାଁର ସ୍ମୃତି-- ସେଇ ବିଲ, ବନ, ଛୋଟାର ସ୍ମୃତି, ଅନେକ ଦିନ ପରେ ଧର ନଅ ଅ-ନେ-କ ଦିନ ପରେ ପୁଣି ଘଟଣାଚକ୍ରରେ ଗୋଟାଏ Picnic ଯାଉ ଯାଉ ତୁମର ଗାଡ଼ି ଖରାପ ହୋଇ-ଯାଇଛି । ଏମିତି ଗୋଟିଏ ବସ୍ Stop ପାଖରେ ଏବଂ ତମେ ଗୋଟିଏ କପ Coffee ଖାଇବା ପାଇଁ ଆସିଛ ଏମିତି ଗୋଟାଏ ଚା ଦୋକାନକୁ—

ବନ୍ୟା ॥ ସୁର ଭାଇ ! ଏ ସ୍କ୍ରିପ୍ଟ କିଏ ଲେଖିଛି ? ମୋ' ଜୀବନ କାହାଣୀ କିଏ ଜାଣିଚ ?

ସୁର ॥ ଓଃ ! ହେଲ୍ ଓ୍ୱିଥ୍ ୟୋର୍ ଲାଇଫ୍ ଷ୍ଟୋରୀ ! ପ୍ରଥମେ ଏ କାହାଣୀର ଘଟଣାଟା ବୁଝ !

Source: Author, Digitized by PPRACHIN, SOA

ବନ୍ୟା ॥ କିନ୍ତୁ···ଏଇଟା ମୋ' ଜୀବନର କାହାଣୀ !

ସୁରଜିତ ॥ ତା ମାନେ···? ସ୍ୱପ୍ନ ଭିତରେ ତମେ ଚରିତ୍ର ଭିତରେ ମିଶି-ଗଲଣି ! ତମେ ଏଣିକି ଆଉ ବନ୍ୟା ନୁହଁ... ଗୋଟାଏ କାହାଣୀର ନାୟିକା । ବର୍ତ୍ତମାନ ତମେ କଣ କରିବ ? ଶୁଣ । ତା ପରେ ତୁମେ ବସ୍‌ Stop ରେ କଫି ଖାଉଛ—କଫି ଖାଇଦେଇ ମୁହଁ ଫେରାଇଲାବେଳକୁ ତୁମ ଆଖି ଆଗରେ ପଡ଼ୁଛି ଗୋଟାଏ ପାଗଳ ଏବଂ ସେହି ପାଗଳଟା କିଏ ଜାଣିଛ ?

ବନ୍ୟା ॥ କିଏ ?

ସୁରଜିତ ॥ ତମ ସ୍ୱାମୀ— !

ବନ୍ୟା ॥ ନା··· ନା ! [ହଠାତ୍ ବନ୍ୟା ଦେଖିଲା ବଚସ୍ପାନନ୍ଦଙ୍କୁ ଓ ଚିତ୍କାର କରି ଉଠିଲା] ନା !

ସୁରଜିତ ॥ ଅନେକ ଦିନ ବିତିଯାଇଛି । ଅନେକ ଝଡ଼ ବହିଯାଇଛି ତମ ମନ ଉପରେ । ତମେ ହୁଏତ ସଭ୍ୟତାର ଶୀର୍ଷ ସୀମାରେ ପହଞ୍ଚିବାକୁ ଯାଇ ନିଜେ ହାରିଯାଇଛ । ତୁମେ ଦେହର କ୍ଷୁଧାକୁ ମେଣ୍ଟାଇ ପାରିଛ, ଜୀବନର ବାସ୍ତବତା ଭିତରୁ ଏ ଶତାବ୍ଦୀର ଅଧିକାଂଶଙ୍କ ଭଳି ଉଡ଼ି ପଳେଇ ଯାଇଛ କାପୁରୁଷ ପରି ଅନେକ ଦୂରକୁ । କିନ୍ତୁ ଜୀବନ ତମକୁ ଗୋଡ଼େଇଛି ।

ବନ୍ୟା ॥ ନା ! ମୁଁ—କ୍ଳାନ୍ତ ! ମୁଁ ଆଉ ଅଭିନୟ କରି ପାରିବନି ସୁରଜିତ ! ଯେତେ ଚାହୁଁଛି ଅଭିନୟର ଖେଳ ଭିତରେ ମୁଁ ମୋର ପୁରୁଣା ବ୍ୟକ୍ତିତ୍ୱର ସରହଦ ଡେଇଁ ଆଗକୁ ଚାଲିଯିବି···ସେତିକି ସେତିକି ଜୀବନ ମତେ ଜାବୁଡ଼ି ଧରୁଛି !

[ବଚସ୍ପାନନ୍ଦ ଏକ ଆକ୍ରମଣାତ୍ମକ ଭଙ୍ଗୀରେ ଦୃଢ଼ ପଦକ୍ଷେପ ନେଇ ଆଗେଇ ଆସୁଥିଲେ ବନ୍ୟା

Source: Author, Digitized by PPRACHIN, SOA

ଆଡକୁ । ଆଖି ଦୁଇଟା ତାଙ୍କର ଜଳୁଥିଲା । ଅଥଚ ସେ ଦୃଷ୍ଟିରେ ସ୍ୱାଂସ୍ରତା ନଥିଲା । ଥିଲା ଏକ ରହସ୍ୟକୁ ଚହ୍ନିବାର ଅନୁସନ୍ଧିତ୍ସା । ବନ୍ୟାର ଆଖିରେ କାତର ବିହ୍ୱଳତା]

ସୁରଜିତ ॥ ଶୁଣ ! ସ୍ୱିଅର୍ ମି' ! ତମ ସେଲଟା ପ୍ରାପ୍ତ ଏମିତ : ମନେକର —ତମେ ବିଂଶ ଶତାବ୍ଦୀର ଏକ ବିଗହଜା ନାରୀ । ମନେକର ତମେ ଭାରତମାତାର ଏକ ନଷ୍ଟ ରୂପକଳ୍ପ ! ତମ ମାତୃତ୍ୱ ଆଜି ବଜାରର ପଣ୍ୟ...ଆଜି ତମର ସୃଷ୍ଟି କେବଳ ଭ୍ରୂଣ ହତ୍ୟା ପର୍ଯ୍ୟନ୍ତ ସୀମିତ !

ବନ୍ୟା ॥ ଭାରତମାତା ? ନା ··· ମୁଁ ମାତୃତ୍ୱର ସୀମା ଭିତରେ ଆବଦ୍ଧ ହେବାକୁ ଚାହେଁନା ! ମୁଁ ··· ଶକୁନ୍ତଳା !

ବିଚିତ୍ରାନନ୍ଦ ॥ ଶକୁନ୍ତଳା !

ବନ୍ୟା ॥ ଶକୁନ୍ତଳାରୁ ବନ୍ୟା ! ବନ୍ୟାରୁ ଅଭିନେତ୍ରୀ ବନ୍ୟା ! ଅଭିନେତ୍ରୀ ବନ୍ୟାରୁ ଅସଂଖ୍ୟ ଭୂମିକା ଭିତରେ ବିଖଣ୍ଡିତ ! ମୁଁ ଏଇ ଗଦାଗଦା ବିଖଣ୍ଡିତ ସତ୍ତା ଭିତରୁ ଶକୁନ୍ତଳାକୁ ଖୋଜି ଖୋଜି ପାଉନି ସୁର ଭାଇ ! ମୁଁ କିଏ ମୁଁ ଜାଣି ପାରୁନି ।

ସୁରଜିତ୍ ॥ ଡୋଣ୍ଟ୍ ଇଣ୍ଟେରପ୍ଟ ମି ! ସ୍ୱେଲ୍ ନ ଜାଣି ଡାଇଲଗ୍ କଣ କହୁଚ ? ଶୁଣ ବନ୍ୟା ! ଆଜି ମନେକର ହଠାତ୍ ତମର ସେଇ ପାଟଳ ସ୍ୱାମୀ ସାଙ୍ଗରେ ଦେଖା ହେଉଚି ଏଇ ବସ୍ ଷ୍ଟପ୍ ଉପରେ । ସିଏ ତମ ଉଦରେକୁ ଛଅଓଣ ଭଳି ବଡ ବଡ଼ ପାଦର ନଖ ନେଇ ମାଡି ଆସିଚି ଏବଂ ତମେ "ନା" ବୋଲି ଚିତ୍କାର କରି ସକ୍ତ ଏକ ଚୁପୁଡ଼ା ମାରିଚ ତାଙ୍କୁ ! Cut ! ଫୁଲ୍ ପିଚ୍ ଭଏସ୍‌ରେ କହିବ ! ବୁଝି ପାରୁଚ ?

[ବର୍ତ୍ତମାନ ବିଚିତ୍ରାନନ୍ଦ କ୍ରମେ କ୍ରମେ ଆଗେଇ ଆସୁଛନ୍ତି ଓ ବନ୍ୟା ଡରିଯାଇ ପଛକୁ ପଛକୁ ଯାଉଚି]

Source: Author, Digitized by PPRACHIN, SOA

ସୁରଜିତ ॥ ବନ୍ୟା ! ତମର କଣ ହେଲା ?

ବନ୍ୟା ॥ ମୁଁ କିଏ ? ଶକୁନ୍ତଳା ନା ବନ୍ୟା ? ମଣିଷ ନା ସିନେମାର ଗୋଟାଏ ଚରିତ୍ର ? ମୁଁ କିଏ ?

ସୁରଜିତ ॥ Off mood ହୋଇଗଲ ନା କଣ ? ବନ୍ୟା ! ବନ୍ୟା !! (ତା ପରେ ଆସ୍ତେ ଆସ୍ତେ ଆଗେଇ ଯାଉ ଯାଉ ସାମ୍ନାରେ ସଚ୍ଚିଦାନନ୍ଦ । ସଚ୍ଚିଦାନନ୍ଦଙ୍କ ଦେହରେ ବନ୍ଧୁକ ଖେଳିଯାଇଛି । ସେ ବୁହିଁଛନ୍ତି । କିଛି ସମୟ ପରେ ତାଙ୍କ ପାଟିରୁ ଆପେ ଆପେ ବାହାରି ଆସିଛି—)

ସଚ୍ଚିଦାନନ୍ଦ ॥ ଶକୁନ୍ତଳା ! (ତା ପରେ ସେମିତି ଠିଆହୋଇ ସେମିତି ରହିଯାଇଛି ବନ୍ୟା । ମନେ ହେଲା, ଭୂମିଟା ଆସ୍ତେ ଆସ୍ତେ ତଳକୁ ଖସିଯାଉଛି । ସେ ପ୍ରଥମେ କହିଁ କହିଁ ହୋଇ ଓ ତା ପରେ ଜୋର୍‌ରେ କାନ୍ଦି କାନ୍ଦି କହୁଛି—)

ବନ୍ୟା ॥ ମୁଁ·· ମୁଁ ବନ୍ୟା ! ମୁଁ ଅଭିନେତ୍ରୀ ବନ୍ୟା ! ମୁଁ ଶକୁନ୍ତଳା ନୁହେଁ··· ଶକୁନ୍ତଳା ମରିଯାଇଛି···ଅନେକ ଦିନରୁ !!

(ତା ପରେ ସେ ସେଠାରୁ ଦଉଡ଼ି ପଳାଇଛି)

ସୁରଜିତ ॥ ବନ୍ୟା ! ବନ୍ୟା ! ତମେ ମୋ' ସିନେମାର କାହାଣୀ ଭିତରୁ ଖସିଯାଇ ପାରିବନି ବନ୍ୟା···ନୋ ?

[ସୁରଜିତ୍ ଦୌଡ଼ି ଗଲେ ପଛେ ପଛେ । ସଚ୍ଚିଦାନନ୍ଦ ଖୋଜିଲେ ପୁଷି କ୍ୟାଟ୍‌କୁ । ପୁଷି କ୍ୟାଟ୍ ନଥିଲା]

ସଚ୍ଚିଦାନନ୍ଦ ॥ ପୁଷି କ୍ୟାଟ୍ ! କାହିଁ ମୋର ପୁଷି କ୍ୟାଟ୍ ? ତୁ ବି ଚାଲିଗଲୁ ? ଠିକ୍ ଅଛି । ମୁଁ କାଲୁ ତତେ ଖୋଜିବ ! ସେୂସ୍···ଜୀବନର ସବୁ ଷ୍ଟେପେଜ୍‌ରେ—ସବୁ ଟିକେଟ ଉପରେ ।

Source: Author, Digitized by PPRACHIN, SOA

[ରାସ୍ତା ଉପରେ ଆଶା ବଣ୍ଟୀ କରୁଥିବା ଲଟେରିବାଲା ଖାଇ ପକେଇ ଦେଇଥିବା କଦଳୀ ଚୋପାଟିକୁ ଉଠେଇଲେ] ହୁଏତ ଏଇ କଦଳୀ ଚୋପା ଭିତରେ ମୁଁ ଖୋଜିବ … ଗୋଟାଏ ଧର୍ଷିତା ଶକୁନ୍ତଳାର ବ୍ୟକ୍ତିସତ୍ତା … ! ଗୋଟାଏ ଭାରତମାତାର ପରିଚୟ !

[ତା ପରେ ସେ ସ୍ଥିରହୋଇ ଠିଆ ହେଲେ । ଆଖି ସ୍ଥିର । ମଞ୍ଚର ସବୁ ଆଲୋକ ତାଙ୍କ ଉପରେ ପୁଞ୍ଜିଭୂତ । ଗୋବିନ୍ଦ ଓ ଗୁରୁବାଘ ପ୍ରଭୃତି ବର୍ତ୍ତମାନ ସେଇ ପରିବେଶର ଅଂଶବିଶିଷ୍ଟ । ଆବଦ୍ଧ ସଙ୍ଗୀତ ଗମ୍ଭୀର ସିମ୍ଫୋନୀ ପରି । ସମବେତ କଣ୍ଠରେ କୋରାଲ୍ ଧ୍ୱନି । ସମୁଦ୍ରର ଗର୍ଜନ ଇତ୍ୟାଦି ଭିତରେ ଆଲୋକ ଲିଭିଲା ।]

Source: Author, Digitized by PPRACHIN, SOA